# ୧୯
# ଭାରତୀୟ ସମାଜ ଗଠନ ପ୍ରଣାଳୀ

ଭାରତୀୟ ସଂସ୍କୃତିର ବିଭିନ୍ନତା, ଏହି ଦେଶରେ ବସବାସ କରୁଥିବା ବିଭିନ୍ନ ପ୍ରକାର ମଣିଷ ଏବଂ ସେମାନଙ୍କର ବିଭିନ୍ନ ପ୍ରଥା ଏବଂ ପରମ୍ପରା ସମ୍ବନ୍ଧରେ ଆମେ ଆଲୋଚନା କରି ସାରିଛେ । ପୃଥିବୀର ଅନ୍ୟାନ୍ୟ ଅଞ୍ଚଳଠାରୁ ଅଧିକ ଲୋକ ଭାରତକୁ ଅନେକ ଗୁଡ଼ିଏ ଅଞ୍ଚଳର (ଉତ୍ତର ଭାରତ, ଦାକ୍ଷିଣାତ୍ୟ, ଏବଂ ଦକ୍ଷିଣ ଭାରତ ପ୍ରଭୃତି, ଭାଷାର (ହିନ୍ଦି, ତାମିଲ୍, ତେଲୁଗୁ ପ୍ରଭୃତି) ଏବଂ ଧର୍ମର (ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ, ଶିଖ) ପରିଚୟ ପାଇବାକୁ ଆସନ୍ତି । ଏହି ପରିଚୟ ଅନ୍ତର୍ଭୁକ୍ତ ପ୍ରତ୍ୟେକ ଶ୍ରେଣୀ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସାମାଜିକ ସଂପର୍କ ତଥା ସ୍ୱତନ୍ତ୍ର ସମାଜ ଗଠନ ସହିତ ସମ୍ବନ୍ଧିତ ହୋଇଥାନ୍ତି । ସେଥିପାଇଁ ଆମ ସମାଜ ଗଠନ ପ୍ରଣାଳୀକୁ ଆମେ ବୁଝିବାର ଆବଶ୍ୟକତା ରହିଛି । ଏହା ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ରହୁଥିବା ପରସ୍ପରର ସମ୍ପର୍କକୁ ବୁଝାଇ ଦିଏ । ଏହା ଆମକୁ ଆମ ସାମାଜିକ ଅନୁଷ୍ଠାନଗୁଡ଼ିକ ସମ୍ବନ୍ଧରେ ଜଣାଇ ଦିଏ ଏବଂ ସମୟକ୍ରମେ ସେଗୁଡ଼ିକ କିପରି କିଛିକାଂଶରେ ପରିବର୍ତ୍ତିତ ହୋଇଛି ତାହାମଧ ଜଣାଇଦିଏ । ଏହି ଅଧ୍ୟାୟରେ ଭାରତୀୟ ସମାଜର କ୍ରମବିକାଶ ସମ୍ବନ୍ଧରେ ତୁମେ ଜାଣିବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିବାପରେ ତୁମେ ଜାଣିପାରିବ :

- ଭାରତୀୟ ସମାଜ ଗଠନ ପ୍ରଣାଳୀ;
- ଭାରତୀୟ ସମାଜରେ ଥିବା ଅସ୍ପୃଶ୍ୟତା, ଯାହା ପୂର୍ବରୁ ବ୍ୟାପକ ଭାବରେ ପ୍ରଚଳିତ ଥିଲା;
- ଭାରତରେ ଦାସତ୍ୱପ୍ରଥା କିପରି ରହିଥିଲା ତାହା ଦର୍ଶାଯାଇଛି;
- 'ପୁରୁଷାର୍ଥ', 'ଆଶ୍ରମ' ଏବଂ 'ସଂସ୍କାର'କୁ ଜାଣିବା;
- ଯଜମାନୀ ପ୍ରଥାର ବର୍ଣ୍ଣନା;
- ଭାରତୀୟ ସମାଜରେ ପରିବାର ଏବଂ ବିବାହର ଭୂମିକାର ମୂଲ୍ୟାଙ୍କନ କରିବା;
- ଭାରତୀୟ ସମାଜରେ ମହିଳାଙ୍କ ସ୍ଥାନର ମୂଲ୍ୟାଙ୍କନ କରିବା ଏବଂ
- ଭାରତର ଆଦିମ ଅଧିବାସୀଙ୍କ ଅବସ୍ଥା ଅନୁସନ୍ଧାନ କରିବା ।





## ୧୯.୧ ଭାରତୀୟ ସମାଜ ଗଠନ ପ୍ରଣାଳୀ

ଜାତି ହେଉଛି ସର୍ବପ୍ରାଚୀନ ଚିହ୍ନଟ ଉପଯୋଗୀ ସଂଗଠିତ ସାମାଜିକ ବ୍ୟବସ୍ଥା । ମୁଣ୍ଡା, ହୋ, ଓରାଅନ, ଭୀଲ୍ଲ ଗଣ୍ଡୀ, ସାନ୍ତାଳ, କନ୍ଧ, କୋହ୍ଲ, ଖାସି, ଗାରେ,ମିଜୋ, ନାଗା ପ୍ରଭୃତି ଜାତିଗୁଡ଼ିକ ଭାରତର ବିଭିନ୍ନ ଅଞ୍ଚଳରେ ବାସ କରନ୍ତି । ଭାରତୀୟ ସମ୍ବିଧାନରେ ଏହି ଜାତିଗୁଡ଼ିକ ଜନଜାତି ନାମରେ ତାଲିକାଭୁକ୍ତ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଏକ ଯୁକ୍ତିସଙ୍ଗତ ପ୍ରଶ୍ନ ଉଠେ, କିଏ ଆଦିବାସୀ ଏବଂ ଏହି ଆଦିବାସୀ ସମ୍ପ୍ରଦାୟ କିପରି ଅନ୍ୟ ଜାତି ବା ବର୍ଣ୍ଣଠାରୁ ପୃଥକ ? ଏହାର ଉତ୍ତର ସେମାନଙ୍କ କାର୍ଯ୍ୟକଳାପରେ ଥାଏ । ନିମ୍ନଲିଖିତ ତଥ୍ୟରୁ ଆମେ ଜଣେ ଆଦିବାସୀଙ୍କୁ ଚିହ୍ନିପାରିବା ।

(୧) ଗୋଟିଏ ସମ୍ପ୍ରଦାୟର ସବୁ ମଣିଷ ରକ୍ତ ସମ୍ପର୍କୀୟ ହୋଇଥାନ୍ତି । (୨) ସବୁ ମଣିଷଙ୍କର ସାମାଜିକ ସ୍ଥିତି ସମାନ ହୋଇଥାଏ । (୩) ଗୋଟିଏ ସମ୍ପ୍ରଦାୟର ସମସ୍ତ ସଭ୍ୟ ଜଣେ ପୂର୍ବଜଙ୍କଠାରୁ ଉଦ୍ଭବ ହୋଇଥିବା ବିଶ୍ୱାସ କରନ୍ତି । (୪) ଆବଶ୍ୟକତା ପୂର୍ଣ୍ଣ କରିବାର ସାମଗ୍ରୀ ଉପରେ ସମସ୍ତଙ୍କର ସମାନ ଅଧିକାର ଥାଏ । (୫) ସେମାନଙ୍କଠାରେ ବ୍ୟକ୍ତିଗତ ସମ୍ପତ୍ତିର ଚେତନା ନିହାତି ଅଳ୍ପ ଦେଖାଯାଏ । (୬) କେବଳ ଲିଙ୍ଗ ଏବଂ ବୟସ ଭେଦରେ ସାମାଜିକ ପାର୍ଥକ୍ୟ ଦେଖାଯାଏ । ଏହି ଜନଜାତିଗୁଡ଼ିକ ଏକାଧିକ କୁଳ (ବଂଶ)ରୁ ଉତ୍ପନ୍ନ ହୋଇଥାନ୍ତି । କୁଳ (ବଂଶ) ଏକ ବହିଃସ୍ଥ ସମ୍ପ୍ରଦାୟ ହୋଇଥିବା ବେଳେ ଜାତି ଏକ ଅନ୍ତସ୍ଥ ସମ୍ପ୍ରଦାୟ ହୋଇଥାଏ ।

ଏହିପରି ବଂଶଗୁଡ଼ିକ ବୈଦିକ ଯୁଗରେ ପରିଦୃଷ୍ଟ ହେଉଥିଲା । ଭରତ ବଂଶ, ଯଦୁବଂଶ, ତୁର୍ବସ, ଦ୍ରୁହିୟସ ପୁରୁ ଏବଂ ଅନୁସ ପ୍ରଭୃତି ବଂଶଗୁଡ଼ିକ ପ୍ରଧାନ ବଂଶମାନଙ୍କ ମଧ୍ୟରେ ଅନ୍ୟତମ । ଏହିସବୁ ବଂଶର ମୁଖ୍ୟ ବ୍ୟକ୍ତିଙ୍କୁ ରାଜା କୁହାଯାଉଥିଲା । ସେ ସବୁ ସମାଜ ଲୋକଙ୍କ ମଧ୍ୟରେ ପ୍ରଥମ ଥିଲେ । ସେହି ସମୟରେ ବର୍ଣ୍ଣ (ରଙ୍ଗ) ଭିତ୍ତିରେ ଲୋକମାନଙ୍କ ମଧ୍ୟରେ ପାର୍ଥକ୍ୟ ରହିଥିଲା । ଏହିପରି ଯେଉଁ ଲୋକମାନେ ବୈଦିକ ବଂଶଜ ନଥିଲେ ସେମାନଙ୍କୁ ଦଶବର୍ଣ୍ଣ କୁହାଯାଉଥିଲା । ସେମାନଙ୍କ ଭାଷା ଅଲଗା ଥିଲା । ଦେହର ରଙ୍ଗ କଳା ଥିଲା ଏବଂ ସେମାନେ ଭିନ୍ନ ଭିନ୍ନ ଦେବତାଙ୍କୁ ପୂଜା କରୁଥିଲେ ।

ଏହି ପ୍ରାଥମିକ ତାରତମ୍ୟ ପରେ ଏକ ଜଟିଳ ଜାତି ପ୍ରଥାରେ ପରିଣତ ହେଲା । 'ଜନଜାତି' ସ୍ଥାନରେ ମଣିଷ ସମାଜ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୁଦ୍ର ଏହି ଚାରୋଟି ଶ୍ରେଣୀରେ ବିଭାଜିତ ହେଲା । ଏହି ଶ୍ରେଣୀଗୁଡ଼ିକ ପରସ୍ପର ମଧ୍ୟରେ ଏବଂ ବାହାରେ ଲୋକମାନଙ୍କ ସହିତ ମଧ୍ୟ ବାରମ୍ବାର ସଂଘର୍ଷ ତଥା ଯୁଦ୍ଧରେ ବ୍ୟସ୍ତ ରହୁଥିଲେ । ପରାଜିତକୁ ନିଜ ଅଧିନକୁ ଆଣିବା, ଯୁଦ୍ଧରେ ନେତୃତ୍ୱ ନେଉଥିବା ଲୋକମାନଙ୍କର ପରଧନ ଆତ୍ମସାତ କରିବା ବା ଲୁଣ୍ଠନ କରିବା ଏବଂ ଧନ ବଣ୍ଟନରେ ଅସମାନତା ଏହି ଶ୍ରେଣୀ ବିଭାଗକୁ ଜନ୍ମ ଦେଇଥିଲା ।

ବ୍ରାହ୍ମଣ ବର୍ଣ୍ଣର ଲୋକେ ପୋରହିତ୍ୟ କରୁଥିଲେ । କ୍ଷତ୍ରିୟମାନେ ରାଜକାର୍ଯ୍ୟ ସହିତ ସଂପୃକ୍ତ ଥିଲେ । ବୈଶ୍ୟମାନେ କୃଷିକାର୍ଯ୍ୟ କରୁଥିଲେ ଏବଂ ଶୁଦ୍ରମାନେ ସେବକ ଶ୍ରେଣୀର ଥିଲେ । ବ୍ରାହ୍ମଣ ଓ କ୍ଷତ୍ରିୟ ଏହି ଦୁଇ ଜାତି ସଂଖ୍ୟା ଗରିଷ୍ଠ ଏବଂ ଉତ୍ପାଦନକାରୀ ବୈଶ୍ୟଜାତିକୁ ଶୋଷଣ କରୁଥିଲେ । ବ୍ରାହ୍ମଣ କ୍ଷତ୍ରିୟ ଓ ବୈଶ୍ୟ ଏହି ତିନି ଉଚ୍ଚ ଜାତି ବର୍ଣ୍ଣର ଲୋକେ ମିଶି ଶୁଦ୍ରମାନଙ୍କୁ ଶୋଷଣ କରୁଥିଲେ । ଉଚ୍ଚବର୍ଣ୍ଣର ଲୋକମାନେ ପବିତ୍ର 'ଉପନୟନକର୍ମ'ର ଅଧିକାର ପାଇଥିଲେ ଏବଂ ଦ୍ୱିଜ (ଦୁଇଥର ଜାତ) ନାମ ପାଇଥିଲେ ।

ବୈଦିକ ଯୁଗର ପରବର୍ତ୍ତୀ ସମୟରେ ଅର୍ଥନୀତିରେ ଅନେକ ପରିବର୍ତ୍ତନ ଆସିଲା । ଏହି ପରିବର୍ତ୍ତନ ପ୍ରତି ଆଦର୍ଶାତ୍ମକ ସମର୍ଥନ ଆବଶ୍ୟକ ହେଲା । ଏହା ବୌଦ୍ଧଧର୍ମ ପରି ଅସଂଖ୍ୟ ଅଣପାରମ୍ପରିକ ଧର୍ମ ଆନ୍ଦୋଳନରୁ ଆସିଲା । ବୌଦ୍ଧଧର୍ମ ବ୍ରାହ୍ମଣ୍ୟ ସାମାଜିକ ବ୍ୟବସ୍ଥାକୁ ବିଦ୍ରୁପ କରିଥିଲା । କିନ୍ତୁ ଏହା ଜାତ

କରିପାରିନଥିଲା । କ୍ଷତ୍ରିୟମାନେ ଜାତିଗତ ଶ୍ରେଣୀ ବିଭାଗରେ ବୌଦ୍ଧ ଧର୍ମାବଲମ୍ବିଙ୍କ ଦ୍ୱାରା ସର୍ବୋଚ୍ଚ ଶ୍ରେଣୀ ଭାବରେ ବିବେଚିତ ହେଉଥିଲେ । ବ୍ରାହ୍ମଣ୍ୟ ଧର୍ମ ଅଧୀନରେ ଶୋଷିତ ହେଉଥିବା ବୈଶ୍ୟ ଜାତି ଅନେକ ସଂଖ୍ୟାରେ ସମ୍ମାନ ପାଇବା ପାଇଁ, ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ସେ ଯାହା ହେଉ, ବୌଦ୍ଧ ଓ ଜୈନ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ଶ୍ରେଣୀ ବିଭାଗ ନଥିଲା ।

ଶକ, କୁଶାଣ, ପାର୍ଥିଆନ ଏବଂ ଇଣ୍ଡୋ–ଗ୍ରୀକ ପ୍ରଭୃତି ଭାରତରେ ପ୍ରବେଶ କରିବା ପରେ ଜାତିପ୍ରଥାରେ ଅଧିକ ପରିବର୍ତ୍ତନ ଆସିଲା । ଆର୍ଥିକ ସ୍ଥିତିରେ ମଧ୍ୟ ପରିବର୍ତ୍ତନ ଆସିଲା । ସହରାଧୀକରଣ, ହସ୍ତଶିଳ୍ପ ଉତ୍ପାଦନ ଏବଂ ବାଣିଜ୍ୟ ବ୍ୟବସାୟରେ ଅଭିବୃଦ୍ଧି ଦ୍ୱାରା ବିଭିନ୍ନ ବ୍ୟବସାୟିକ ସଂସ୍ଥା, ସମିତି ଓ ଶ୍ରେଣୀ ତିଆରି ହେଲା । ପରବର୍ତ୍ତୀ ସମୟରେ ତାହା ଜାତି ବିଭାଗରେ ପରିଣତ ହେଲା । ଏହି ସାର୍ବଜନୀନ ସଂସ୍ଥାଗୁଡ଼ିକ ସଭ୍ୟମାନଙ୍କ ଆଚରଣ ଏକ ସାର୍ବଜନୀନ ନ୍ୟାୟାଳୟ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ପ୍ରଥା ଅନୁଯାୟୀ ସେହି ସାର୍ବଜନୀନ ସଂସ୍ଥା (ଶ୍ରେଣୀ–ଧର୍ମ)ର ଆଇନଗତ କ୍ଷମତା ରହିଥିଲା । ଏଗୁଡ଼ିକ ଅର୍ଥଜମା ଗ୍ରହଣକାରୀ, ଋଣ ଦାନକାରୀ ଏବଂ ତତ୍ତ୍ୱାବଧାୟକ (ଅଧକ୍ଷ, ଯେ ତତ୍ତ୍ୱ ନିଏ) ଭାବରେ ମଧ୍ୟ କାର୍ଯ୍ୟ କରୁଥିଲେ । ସାଧାରଣତଃ ଏକ ଭିନ୍ନ ପ୍ରକାରର ବ୍ୟବସାୟୀଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହେଉଥିଲା । ସେମାନଙ୍କୁ 'ଶ୍ରେଷ୍ଠୀ' (shreshthins) କୁହାଯାଉଥିଲା । ଆଜିକାଲି ସେମାନେ ଉତ୍ତର ଭାରତର ଶେଠ ଏବଂ ଦକ୍ଷିଣ ଭାରତର ଚେଟିସ୍ ଓ ଚେଟିୟାର (Chettis and Chettiyars) । ଏହିପରି ଖ୍ରୀଷ୍ଟପୂର୍ବ ୫୦୦ B.C. ରୁ ଖ୍ରୀଷ୍ଟାବ୍ଦ ୫୦୦AD ର ମଧ୍ୟବର୍ତ୍ତୀ କାଳରେ ଜାତିପ୍ରଥା ଏକ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରିଥିଲା । ସେହି ସମୟର ଜାତି ସଂଖ୍ୟାରେ ଅନେକ ବିବିଧତା ବୃଦ୍ଧି ପାଇଥିଲା । କାରଣ ହସ୍ତଶିଳ୍ପର ସଂଖ୍ୟା ବୃଦ୍ଧି, ଜନସଂଖ୍ୟାରେ ନୂଆ ଉପାଦାନ ମିଶିବା, ଅନ୍ୟଜାତି ସହିତ ବିବାହ (ଅନୁଲୋମ ଏବଂ ପ୍ରତିଲୋମ) ଏବଂ ଜାତିର ଶ୍ରେଣୀ ବିଭାଜନରେ ଅନେକ ଜାତିର ଅନ୍ତର୍ନିବେଶ ଏହି ବହୁ ବିବିଧତାର କାରଣ ଅଟେ । ଧର୍ମଶାସ୍ତ୍ର ଏବଂ ସ୍ମୃତି (Dharmashastras and Smrutis) ଗୁଡ଼ିକ ପ୍ରତ୍ୟେକ ଜାତିର କର୍ମ ସ୍ଥିର କରିଥିଲେ । ଜାତି ଭିତରେ ସମ୍ପର୍କ ସବୁ ଅନ୍ତର୍ଜନ୍ମ, ସମବିସ୍ତୃତି, ହସ୍ତଶିଳ୍ପରେ ଏକାଧିକାର ପ୍ରବଣତାର ନିୟମ ଦ୍ୱାରା ଜାତି ଗୁଡ଼ିକ ଭିତରେ ଥିବା ସମ୍ପର୍କ ନିୟନ୍ତ୍ରିତ ହେଉଥିଲା ।

ପଞ୍ଚମ ଏବଂ ସପ୍ତମ ଶତାବ୍ଦୀ ମଧ୍ୟଭାଗରେ ଜାତିପ୍ରଥା ଭିତରେ ଆହୁରି ପରିବର୍ତ୍ତନ ଘଟିଲା । ଭୂ ସମ୍ପତ୍ତି ଅଧିକାର ଅନୁମୋଦନ ଦ୍ୱାରା ଜମିଦାର ସୃଷ୍ଟି ହେଲେ । ଫଳରେ ବୈଶ୍ୟମାନେ ଖୋସାମତିଆ ଚାଷୀରେ ପରିଣତ ହେଲେ । ଅଧିକ ସଂଖ୍ୟକ ଆଦିବାସୀ କୃଷକ କ୍ଷୁଦ୍ର ତାଲିକାଭୁକ୍ତ ହେଲେ । ଫଳସ୍ୱରୂପ ଶୁଦ୍ରମାନେ ବୈଶ୍ୟମାନଙ୍କ ପରି କୃଷକ ଭାବରେ ପରିଦୃଷ୍ଟ ହେଲେ । ଏହାପରେ ବୈଶ୍ୟ ଓ ଶୁଦ୍ର ଏକାଠି ମିଶି ଗୋଟିଏ ଗୋଷ୍ଠୀ ହୋଇଗଲେ । ସେ ଯାହାହେଉ ଗଙ୍ଗା ଅବବାହିକା ବ୍ୟତୀତ ଅନ୍ୟ ଅଞ୍ଚଳରେ ଜାତିପ୍ରଥା ଭିନ୍ନ ରୂପ ନେଇଥିଲା ।

ବଙ୍ଗଳା ଦକ୍ଷିଣ ଭାରତ ଏବଂ ଅନ୍ୟ ସୀମାନ୍ତ ଅଞ୍ଚଳଗୁଡ଼ିକରେ ମୁଖ୍ୟତଃ ଦୁଇଟି ଜାତି ଦେଖାଗଲେ ଯଥା – ବ୍ରାହ୍ମଣ ଓ ଶୁଦ୍ର । ସପ୍ତମ ଶତାବ୍ଦୀ ଠାରୁ ଏହାର ପରବର୍ତ୍ତୀ ସମୟରେ ଉତ୍ତର ଭାରତରେ ରାଜପୁତ୍‌ମାନେ ସମାଜର ଏକ ଉଲ୍ଲେଖଯୋଗ୍ୟ ଉପାଦାନ ଭାବରେ ଦେଖାଦେଲେ । ଏହି ସମୟରେ ଜାତିପ୍ରଥା ଲୋକମାନଙ୍କ ଆତ୍ମାରେ ଏପରି ଦୃଢ଼ ଭାବରେ ସ୍ଥାପିତ ହୋଇଥିଲା ଯେ, ଗଛଗୁଡ଼ିକ ମଧ୍ୟ ଜାତିପ୍ରଥା ଅନୁସାରେ ବିଭାଜିତ ହୋଇଯାଇଥିଲେ । ଜାତିପ୍ରଥା ଅନୁଯାୟୀ ରହିବା ଘରର ଆକାର ଏକ ବହିରେ ନିର୍ଦ୍ଧାରିତ ହୋଇଛି ।

ମଧ୍ୟଯୁଗରେ ବିଶେଷକରି ଦକ୍ଷିଣ ଭାରତରେ ଶୁଦ୍ରମାନେ ଦୁଇଟି ଶ୍ରେଣୀ, ସତ (pure) ଏବଂ ଅସତ୍ (impure)ରେ ବିଭାଜିତ ହେଲେ । ଦକ୍ଷିଣ ଭାରତୀୟ ଢଙ୍ଗରେ ଏମାନଙ୍କୁ ବାମହାତି (ଇଦାନ ଗାଇ) ଓ ଦକ୍ଷିଣ ହାତି (Velangai) ଜାତି କୁହାଯାଏ । ମନୁ ୬୧ଟି ଜାତି କଥା ଉଲ୍ଲେଖ କରିଥିଲେ । କିନ୍ତୁ ପରେ ଆଉ ଏକ ପୁସ୍ତକରେ ଶହ ଶହ





ମିଶାମିଶି ଜାତି ଥିବାର ଲେଖାଅଛି । ସେମାନଙ୍କୁ ବର୍ଣ୍ଣଶଙ୍କର କୁହାଯାଉଥିଲା । ରାଜପୁତ୍ରଙ୍କ ବ୍ୟତୀତ, ସେହି ସମୟରେ 'କାୟସ୍ଥ' ନାମରେ ଆଉଏକ ଜାତି ବିକଶିତ ହୋଇଥିଲା । ପରମ୍ପରା ଅନୁଯାୟୀ କାୟସ୍ଥମାନେ ହେଲେ ପୁରାତନ ବା ମଧ୍ୟଯୁଗୀୟ ଲେଖାର ନକଲକାରୀ ବ୍ୟକ୍ତି, ସାମ୍ବାଦିକତା କରୁଥିବା ଲେଖକ ଏବଂ ପେଶାଦାର ଧର୍ମଜ୍ଞାନୀ ବ୍ୟକ୍ତି । ମୁଖ୍ୟତଃ ଲେଖାପଢ଼ା କରୁଥିବା ବିଭିନ୍ନ ପ୍ରକାରର ଲୋକ ଏକତ୍ରିତ ହୋଇ ଗୋଟିଏ ପୃଥକ ଅନ୍ତର୍ଜାତ ଦଳ (endogamous) ରେ ପରିବର୍ତ୍ତନ ହେଲେ । ବହୁ ସମୟରେ ଏହି ଜାତିର ବହୁ ସଂଖ୍ୟକ ଲୋକ ନିଜ ନିଜକୁ ଉଚ୍ଚ ସମ୍ମାନ ପ୍ରାପ୍ତ ପୂର୍ବପୁରୁଷଙ୍କ ଦାୟାଦ ବୋଲି ଦାବୀ କରନ୍ତି ଏବଂ ସାମ୍ପ୍ରତିକ ସମାଜରେ ସେମାନେ ନିଜର ନିମ୍ନତର ଆର୍ଥିକ ଓ ଅନ୍ୟାନ୍ୟ ଅବସ୍ଥା ସମ୍ପର୍କରେ ବୁଝାଇଥାନ୍ତି । ଉତ୍ତର ଭାରତର ଏକ ପ୍ରମୁଖ ଜାତି କ୍ଷତ୍ରୀଙ୍କର ମୂଳ ଉତ୍ସ କ୍ଷତ୍ରିୟ ହୋଇଥିବାର ସେମାନେ ଦାବୀ କରନ୍ତି । କିନ୍ତୁ ବାଣିଜ୍ୟ ବ୍ୟବସାୟ କରୁଥିବାରୁ ତାଙ୍କ କ୍ଷତ୍ରିୟ ଜାତି ତାଙ୍କୁ ହେୟ ଜ୍ଞାନ କଲା । ତେଣୁ ସମାଜରେ ସେମାନେ ବୈଶ୍ୟମାନଙ୍କ ସ୍ଥାନ ଗ୍ରହଣ କରିବାକୁ ବାଧ୍ୟ ହେଲେ । ଗୁର୍ଜ୍ଜର, ଜାଠ ଓ ଅହିର ପରି ଜାତିମାନଙ୍କର ଉତ୍ସ କ୍ଷତ୍ରିୟ ବୋଲି ସେମାନେ ଦାବୀ କଲେ । ପରେ ସେମାନେ ବିଭିନ୍ନ କାରଣରୁ ଏହାକୁ କୋହଳ କଲେ । ୧୯୫୦ ମସିହା ପର୍ଯ୍ୟନ୍ତ ଉଚ୍ଚବଂଶ ସମ୍ଭୂତ ହୋଇଥିବାର ଦାବୀ ବଳବତ୍ତର ରହିଥିଲା । ଅଧିକାଂଶ ସରକାରୀ ଚାକିରୀରେ ଭାରତୀୟ ସମ୍ବିଧାନ ନିମ୍ନବର୍ଗଙ୍କ ପାଇଁ ସଂରକ୍ଷଣ ନୀତି ପ୍ରଦାନ କରିବା ପର୍ଯ୍ୟନ୍ତ ଉଚ୍ଚ ବଂଶଜ ହୋଇଥିବାର ଦାବୀ ବଳବତ୍ତର ଥିଲା ।

ଜାତିପ୍ରଥାରେ ଆଞ୍ଚଳିକ ଭିନ୍ନତା ରହିଛି । ଅଷ୍ଟମ ଶତାବ୍ଦୀ ପରେ ଅଞ୍ଚଳ ତିଆରି ହେବା ଏବଂ ଆଞ୍ଚଳିକତା ପ୍ରତି ସଚେତନତା କାରଣରୁ ଏହି ଭିନ୍ନତା ଦେଖାଦେଲା । ଉତ୍ତର ଭାରତୀୟ ବ୍ରାହ୍ମଣମାନେ ଖାଲି ଗୋତ୍ର ନୁହେଁ, ସେମାନଙ୍କ ବାସସ୍ଥାନ ପୃଷ୍ଠ ଭୂମି ଅନୁସାରେ ଭାଗ ଭାଗ ହେଲେ । ଏହିପରି କନୌଜର ବ୍ରାହ୍ମଣମାନେ କାନ୍ୟକୁବ୍ଜ, ସରଯୁ ନଦୀ ତଟବର୍ତ୍ତୀ ଅଞ୍ଚଳର ବ୍ରାହ୍ମଣମାନେ ସରଯୁପାରି ଏବଂ ମିଥିଳା ନଗରୀର ବ୍ରାହ୍ମଣମାନେ ମୈଥିଳା ବ୍ରାହ୍ମଣ ଭାବରେ ପରିଚିତ ହେଲେ । ବହୁ ସଂଖ୍ୟକ ରାଜପୁତ୍ର ଉପଜାତିମାନେ ତୋମାର, କଛଭ, ହାଜ ଏବଂ ଚୌହାନ ପରି ପ୍ରଥମ ଜନଜାତି ନାମ ଧାରଣ କରନ୍ତି । ଏହି ଉପଜାତିଗୁଡ଼ିକ ନିଜପାଇଁ ଗୋତ୍ର ମଧ୍ୟ ହାସଲ କରିଥିଲେ । ଏହିପରି ମଧ୍ୟଯୁଗରେ ଜାତି, ଉପଜାତି ଏବଂ ଗୋତ୍ର ସଂଖ୍ୟା ବଢ଼ି ଚାଲିଥିଲା । ମରାଠା (ମହାରାଷ୍ଟ୍ର ଅଧିବାସୀ)ମାନେ ମଧ୍ୟ ଗୋଟିଏ ଜାତି ହେଲେ ।

ଆଧୁନିକ ଯୁଗରେ ଜାତି ପ୍ରଥା କିଛି ନୂଆ ବୈଶିଷ୍ଟ୍ୟ ହାସଲ କଲା । ବଂଶଗତ ନାମର (surname) ଧାରଣା ଏଥିରେ ଯୋଗ ହେଲା । ଗୋଟିଏ ନିର୍ଦ୍ଦିଷ୍ଟ ଜାତି ବା ଉପଜାତି ଏକ କିମ୍ବା ଏକାଧିକ ବଂଶଗତ ନାମ ହାସଲ କଲା । ଏହି ଘଟଣାରେ ଅନେକ ଭିନ୍ନତା ଦେଖାଦେଲା । ଆଧୁନିକ ଯୁଗର ଜାତି ଏବଂ ଜାତିପ୍ରଥା ବିରୋଧୀ ଆନ୍ଦୋଳନମାନ ଆହୁରି ନୂଆ ଜାତିକୁ ଜନ୍ମ ଦେଲା । ଏହିପରି 'ବ୍ରାହ୍ମସମାଜି'ମାନେ ସମାଜରେ ଏକ ନୂଆ ସ୍ଥାନ ହାସଲ କଲେ । ଯାହା ଗୋଟିଏ ଜାତି ସହିତ ସମାନ ଥିଲା ।

ଉପରୋକ୍ତ ବର୍ଣ୍ଣନାରୁ ଦେଖାଯାଏ ଯେ ଜାତିପ୍ରଥାର ଏକ ଜଟିଳ କାର୍ଯ୍ୟପ୍ରଣାଳୀ ରହିଛି । ମୂଲ୍ୟବାନ ଆଞ୍ଚଳିକ ବିଭିନ୍ନତା ଦୃଶ୍ୟମାନ ହେଲା । ଏଣୁ ନିର୍ଭୁଲ ଭାବରେ ଏହାର ସଜ୍ଞା ନିରୂପଣ କରିବା ଅସମ୍ଭବ ହୋଇପଡ଼ିଲା । ଅଞ୍ଚଳ, ଉପାଞ୍ଚଳ, ଆର୍ଥିକ ସାମାଜିକସ୍ଥିତି, ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତିଙ୍କ ସାନିଧ୍ୟ ପାଇବା, ହସ୍ତଶିଳ୍ପ, ବୃତ୍ତି, ନିର୍ଦ୍ଦିଷ୍ଟ ଦେବତାଙ୍କ ପୂଜା–ଜାତି ପ୍ରଥା ତିଆରି କରିବାରେ ଏବଂ ପରବର୍ତ୍ତି ସମୟରେ ଏହାକୁ ପରିବର୍ତ୍ତନ କରିବାରେ ଏସମସ୍ତଙ୍କର ଭୂମିକା ରହିଛି ।

ଜାତିପ୍ରଥାର ପ୍ରଭାବ ଏତେ ଶକ୍ତିଶାଳୀ ଯେ ବାସବ, ରାମାନନ୍ଦ ଓ କବୀରଙ୍କ ପରି, ଧର୍ମରେ ସମାନ ଅଧିକାରକୁ ସମର୍ଥନ କରୁଥିବା, ମଧ୍ୟଯୁଗୀୟ ସଂସ୍କାରକ ଗଣ, ସେମାନଙ୍କ ଶିଷ୍ୟମାନଙ୍କ ଭିତରୁ ଜାତିପ୍ରଥା ଦୂର କରିବା ପାଇଁ





ଚେଷ୍ଟା କରୁ କରୁ ତାଙ୍କ ଗୋଷ୍ଠୀ ଶୀଘ୍ର ଏକ ନୂଆ ଜାତିର ରୂପ ନେଲା । ଶିଖ ଧର୍ମାବଲମ୍ବୀମାନେ ମଧ୍ଯ ଜାତିଆଣ ଭାବରୁ ମୁକ୍ତ ହୋଇନଥିଲେ । ଏପରିକି ମୁସଲମାନମାନେ ମଧ୍ଯ ଜାତିଗତ ଗୋଷ୍ଠୀମାନ ତିଆରି କରିଥିଲେ । କେରଳର ସିରିଆନ ଖ୍ରୀଷ୍ଟିଆନମାନେ ପ୍ରଥମେ ଶ୍ରେଣୀରେ ବିଭାଜିତ ହୋଇଥିଲେ ଏବଂ ପରେ ଗୋଟିଏ ଜାତି ହୋଇଗଲେ । ନିଜ ଧର୍ମ ପରିତ୍ୟାଗ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା କେରଳର ଖ୍ରୀଷ୍ଟିଆନମାନେ ନିଜ ମୂଳ ଜାତିରେ ରହିଥିବା ଧାରଣାଗୁଡ଼ିକୁ ଛାଡ଼ିନଥିଲେ । ଯେଉଁ ଉଚ୍ଚ ଜାତିର ଲୋକେ ଖ୍ରୀଷ୍ଟିଆନ ଧର୍ମକୁ ପରିବର୍ତ୍ତିତ ହୋଇଥିଲେ, ସେମାନେ ନିଜକୁ ନିମ୍ନ ବର୍ଗ ଲୋକଙ୍କଠାରୁ ପୃଥକ ଭାବରେ ରଖୁଥିଲେ ।

## ପାଠଗତ ପ୍ରଶ୍ନାବଳୀ ୧୯.୧

୧. କେଉଁଟି ସର୍ବପ୍ରାଚୀନ ସଂଗଠିତ ସାମାଜିକ ସଂସ୍ଥା ?

________________________________

୨. ବୈଦିକ ଯୁଗରେ ରହିଥିବା ଯେକୌଣସି ଦୁଇଟି ଜାତିର ନାମ ଲେଖ ।

________________________________

୩. 'ଦ୍ୱିଜ' ଶବ୍ଦର ଅର୍ଥ କ'ଣ ?

________________________________

୪. କେଉଁମାନେ ଭାରତ ଆସିବାରୁ ଜାତିପ୍ରଥାରେ ଅନେକ ପରିବର୍ତ୍ତନ ଆସିଲା ?

________________________________

୫. କେଉଁ ସମୟରେ ଶୁଦ୍ରମାନଙ୍କ 'ସତ' (pure) ଏବଂ 'ଅସତ୍' (impure)ରେ ବିଭାଜିତ ହେଲେ ?

________________________________

## ୧୯.୨ ଅସ୍ପୃଶ୍ୟତା

ଭାରତୀୟ ସମାଜରେ ବିଶୁଦ୍ଧତା ଓ ପ୍ରଦୁଷଣ ଅସ୍ପୃଶ୍ୟ (ଅନ୍ତ୍ୟୋଜ) ନାମକ ଗୋଟିଏ ଶ୍ରେଣୀରେ ଭଲ ଭାବରେ ପ୍ରତିଫଳିତ ହୋଇଛି । ଏହି ମଣିଷମାନେ ବ୍ରାହ୍ମଣ ସମାଜର ବାହାର ପାଖରେ ଥିବା ମଣିଷ ରୂପେ ବିବେଚିତ ହୁଅନ୍ତି । ବୈଦିକ ଯୁଗର ଶେଷ ଭାଗରେ ଅସ୍ପୃଶ୍ୟତାର ମନୋଭାବ ଦେଖାଦେଇଥିଲା ଏବଂ ଏହା ବୁଦ୍ଧଙ୍କ ସମୟରେ ଏକ ପୃଥକ ସାମାଜିକ ଶ୍ରେଣୀ ହୋଇଥିଲା । ସମୟେ ସମୟେ ସେମାନଙ୍କୁ ପଞ୍ଚମ ବର୍ଣ୍ଣ (Panchamd) ବୋଲି କୁହାଯାଉଥିଲା । ହାଲୁକା ଭାବରେ ଅନେକ ପ୍ରକାରର ଅସ୍ପୃଶ୍ୟଙ୍କୁ 'ଚାଣ୍ଡାଳ' କୁହାଯାଉଥିଲା । ଅନ୍ୟ ଜାତିମାନଙ୍କ ସହିତ ଗ୍ରାମଗୁଡ଼ିକରେ ସେମାନଙ୍କୁ ରହିବାକୁ ଦିଆଯାଉ ନଥିଲା ଏବଂ ମୁଖ୍ୟ ବାସସ୍ଥାନଗୁଡ଼ିକ ବାହାରେ ସ୍ୱତନ୍ତ୍ର ଘରମାନଙ୍କରେ ସେମାନଙ୍କୁ ରହିବାକୁ ପଡୁଥିଲା । ଶବ ବୋହିବା, ଏବଂ ସଂସ୍କାର କରିବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସେମାନେ ଦାହ କରିଥିବା ଶବଗୁଡ଼ିକର ଲୁଗାପଟାଗୁଡ଼ିକୁ ବ୍ୟବହାର କରିବାକୁ, ଭଙ୍ଗାପାତ୍ରରେ ଖାଦ୍ୟ ଖାଇବାକୁ ଏବଂ କେବଳ ଲୁହା ଅଳଙ୍କାର ପିନ୍ଧିବାକୁ ଆଇନ ବହିଗୁଡ଼ିକରେ ନିର୍ଦ୍ଧାରିତ ହୋଇଥିଲା । ଗୁପ୍ତ ରାଜତ୍ୱ କାଳରେ ସେମାନଙ୍କ ସାମାଜିକ ସ୍ଥିତି ଏତେ ତଳକୁ ଯାଇଥିଲା ଯେ, କୌଣସି ସହରରେ ପ୍ରବେଶ କରିବା ବେଳେ ଏକ କାଠବାଜା ବଜାଇ ସେମାନଙ୍କ ଆସିବାର ସୂଚନା ସେମାନଙ୍କୁ ଦେବାକୁ ପଡୁଥିଲା । ଶିକାରୀ (ନିଷାଦ ବା ବାଣୁଆ), କେଉଟ (କୈବର୍ତ୍ତ), ଚମାର (ଚର୍ମକାର), ଝାଡୁଦାର (କୁକ୍କୁସ), କୁଲା ଡାଲା ଆଦି ତିଆରି

କରୁଥିବା ଲୋକ ଏମାନେ ସମସ୍ତେ ଅସ୍ପୃଶ୍ୟ କୁହାଗଲେ । ଜାତି ଦଳରେ ଭାଗ ଭାଗ ହେବା ପରେ 'ଡମ'ମାନେ ମଧ୍ୟ ଅସ୍ପୃଶ୍ୟ ଶ୍ରେଣୀଭୁକ୍ତ ହେଲେ । ଅନେକ ଶୁଦ୍ର ରାଜାଙ୍କ ଛଡ଼ା ଡମ ରାଜାମାନଙ୍କ କଥାବି ଆମେ ଶୁଣିଛେ । ମ୍ଳେଚ୍ଛମାନେ ମଧ୍ୟ ଅସ୍ପୃଶ୍ୟ ଥିଲେ । ଏହି ଅସ୍ପୃଶ୍ୟତା ଏବେ ମଧ୍ୟ ସମାଜରେ ଅଛି । ଅସ୍ପଶ୍ୟତା ଏକ ଅପରାଧ ବୋଲି ବିବେଚିତ ହେଲେ ମଧ୍ୟ ଗ୍ରାମାଞ୍ଚଳରେ ଏହା ଏବେବି ପ୍ରଚଳିତ । ଏହି ଅସ୍ପୃଶ୍ୟତା ବିରୁଦ୍ଧରେ ମହାତ୍ମାଗାନ୍ଧୀ ଏକ ଅଭିଯାନ ଆରମ୍ଭ କରିଥିଲେ । ଅସ୍ପୃଶ୍ୟମାନଙ୍କୁ ସେ ହରିଜନ ବୋଲି ଡାକୁଥିଲେ । ଭାରତ ସରକାର, ଅସ୍ପୃଶ୍ୟତାକୁ ମାନୁଥିବା ବା ଉତ୍ସାହିତ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଅନେକ ଆଇନ ପ୍ରଣୟନ କରିଛନ୍ତି । ଶିକ୍ଷା ଏବଂ ସାମାଜିକ ଆନ୍ଦୋଳନଗୁଡ଼ିକ ଅସ୍ପୃଶ୍ୟ ଏବଂ ଅନ୍ୟ ଜାତିମାନଙ୍କ ମଧ୍ୟରେ ଥିବା ଗଭୀର ଗର୍ତ୍ତ ସଦୃଶ ପାର୍ଥକ୍ୟକୁ ଦୂର କରିବା ପାଇଁ ଏକ ସଂଯୋଗକାରୀ ସେତୁପରି ଥିଲା । ଆଶା କରାଯାଏ ଯେ ଏହି ଅମାନୁଷିକ କାର୍ଯ୍ୟ ଆମ ସମାଜରୁ ଶୀଘ୍ର ପୋଛି ହୋଇଯିବ ।

## ୧୯.୩ ଦାସତ୍ୱ ପ୍ରଥା

ଭାରତରେ ଥିବା ଦାସତ୍ୱ ପ୍ରଥା, ଉଭୟ ପ୍ରକାର ଏବଂ ବୈଶିଷ୍ଟ୍ୟରେ ପୁରାତନ ଗ୍ରୀକ୍ ଓ ରୋମୀୟ ଦାସତ୍ୱ ପ୍ରଥାଠାରୁ ଭିନ୍ନ ଥିଲା । ସେଥିପାଇଁ ମେଘାସ୍ଥିନିସ ଭାରତରେ ଦାସମାନଙ୍କୁ ଖୋଜି ପାଇନଥିଲେ । କିନ୍ତୁ ତାଙ୍କ ବିଚାର ନିଶ୍ଚିତ ଭାବେ ଭୁଲ ଥିଲା । ଦାସତ୍ୱ ଏକ ପ୍ରତିଷ୍ଠିତ ସଂସ୍ଥା ଥିଲା ଏବଂ ସେହି ସଂସ୍ଥାର ମାଲିକ ଓ ଦାସମାନଙ୍କ ମଧ୍ୟରେ ଥିବା ଆଇନ ସମ୍ମତ ସମ୍ପର୍କ ସ୍ପଷ୍ଟ ଭାବରେ ବୁଝାଇ ଦିଆଯାଇଥିଲା । ଉଦାହରଣ ସ୍ୱରୂପ, ଯଦି ଜଣେ ଦାସୀ ତା ମାଲିକର ସନ୍ତାନକୁ ଜନ୍ମ ଦେଉଥିଲା ତେବେ ସେ ଆଇନ ଅନୁଯାୟୀ ଖାଲି ସ୍ୱତନ୍ତ୍ର ହୋଇ ଯାଉନଥିଲା, ଜନ୍ମିତ ସନ୍ତାନଟି ମଧ୍ୟ ଆଇନାନୁମୋଦିତ ଭାବରେ ମାଲିକର ପଦବୀ ବା ସାମାଜିକ ସ୍ଥାନ ପାଉଥିଲା । ଅର୍ଥଶାସ୍ତ୍ର ପ୍ରକାଶ କରେ ଯେ ଜଣେ ଲୋକ ଜନ୍ମଗତ ଦାସ ହୋଇପାରେ, ନିଜକୁ ନିଜେ ଇଚ୍ଛାରେ ବିକ୍ରୀକରି ଜଣେ ଦାସ ହୋଇପାରେ, ଯୁଦ୍ଧରେ ବନ୍ଦୀ ହୋଇ ଜଣେ ଦାସ ହୋଇପାରେ କିମ୍ବା ଅଦାଲତର ଦଣ୍ଡବିଧାନ ଅନୁଯାୟୀ ମଧ୍ୟ ଜଣେ ଦାସ ହୋଇପାରୁଥିଲା । ଚାକର ଶବ୍ଦର ସଂସ୍କୃତ ହେଉଛି 'ଦାସ' । ପ୍ରଥମେ ଏହି ଦାସ ଶବ୍ଦ ଭ୍ରାମ୍ୟମାଣ ଆର୍ଯ୍ୟ ଗୋଷ୍ଠୀ ଦ୍ୱାରା ଧରାଯାଇଥିବା ଲୋକକୁ ବୁଝାଉଥିଲା । ଏହିପରି ଅନେକ ଦାସ ନିମ୍ନସ୍ତରକୁ ଚାଲିଯିବାକୁ ବାଧ୍ୟହେଉଥିଲେ । ଭାରତରେ ଦାସମାନେ ସାଧାରଣତଃ ଘରୋଇ ଭୃତ୍ୟ ଭାବରେ ଏବଂ ବ୍ୟକ୍ତିଗତ ସାହାଯ୍ୟକାରୀ ଭାବରେ ନିଯୁକ୍ତ ହେଉଥିଲେ । ପ୍ରକୃତରେ ଜଣେ ଦାସ ତା ମାଲିକ ପରିବାରର ଜଣେ ଅଧୀନସ୍ଥ ତଥା ପଦସ୍ଥ ସଭ୍ୟଥିଲା । ମାଲିକମାନଙ୍କର ସେମାନଙ୍କ ଭୃତ୍ୟଙ୍କ ଜୀବନ ଉପରେ କୌଣସି ଅଧିକାର ରହୁନଥିଲା । ପ୍ରାଚୀନ କାଳରେ ଭୃତ୍ୟ ବଜାର ନଥିଲା । କିନ୍ତୁ ଖ୍ରୀଷ୍ଟିଆନ ଯୁଗର ପ୍ରାରମ୍ଭରେ, ଭାରତ ଏବଂ ରୋମ ସାମ୍ରାଜ୍ୟ ମଧ୍ୟରେ ବାଳିକା ତଥା ମହିଳା ଭୃତ୍ୟଙ୍କ ବ୍ୟବସାୟ ଉଭୟ ପକ୍ଷରୁ କରାଯାଉଥିଲା ଏବଂ ଷୋଡ଼ଶ ଶତାବ୍ଦୀରେ ବିଜୟ ନଗର ସାମ୍ରାଜ୍ୟରେ ଭୃତ୍ୟ ବଜାର ରହିଥିଲା ।

ଦିଲ୍ଲୀର ସୁଲତାନମାନେ ବହୁ ସଂଖ୍ୟକ ଭୃତ୍ୟ ରଖିଥିଲେ । ସେ ଯାହାହେଉ ସେମାନଙ୍କ ସ୍ଥିତି ସଂପୂର୍ଣ୍ଣ ଭିନ୍ନ ଥିଲା । ମାଲିକ କାଫୁର ନାମକ ଜଣେ ଭୃତ୍ୟ ଆଲ୍ଲାଦିନ ଖିଲିଜଙ୍କର ସେନାଧ୍ୟକ୍ଷ ହୋଇଥିଲେ । ୧୬ ଶହ ଶତାବ୍ଦୀରେ ପର୍ତ୍ତୁଗୀଜମାନେ ଅବାଧରେ ବହୁ ପରିମାଣରେ ଭୃତ୍ୟ ବ୍ୟବସାୟ ଚଳାଇଲେ । ଲିନସ୍କୋଟେନ ଗୋଆରେ ଭୃତ୍ୟ ବ୍ୟବସାୟର ଅତି ଦୁଃଖଦାୟକ ବିବରଣୀ ଦେଇଛନ୍ତି, "ଆମେ ଏଠାରେ ଘୋଡ଼ାମାନଙ୍କୁ ନେବାପରି ସେମାନେ ଭୃତ୍ୟମାନଙ୍କୁ ନିଅନ୍ତି ।" ବହୁ ସଂଖ୍ୟକ ଭୃତ୍ୟ ଖାଲିସାରେ (ରାଜାଙ୍କ କ୍ଷେତରେ) ଏବଂ କାରଖାନାମାନଙ୍କରେ ବ୍ୟବହୃତ ହେଉଥିଲେ । ଏହି ପ୍ରକାରର ଦାସତ୍ୱ ପ୍ରଥା ବ୍ରିଟିଶ ସାମ୍ରାଜ୍ୟ କାଳରେ ପ୍ରଚଳିତ ଥିଲା । ଲର୍ଡ କର୍ଣ୍ଣୱାଲିସ

ଏକ ସରକାରୀ ଘୋଷଣା ପତ୍ରରେ ଏହାର ବିରୋଧ କରିଥିଲେ । ବର୍ତ୍ତମାନ ଏହି ଭୃତ୍ୟ ବ୍ୟବସାୟ ସଂପୂର୍ଣ୍ଣରୂପେ ବନ୍ଦ କରାଯାଇଛି ।

## ୧୯.୪ ପୁରୁଷାର୍ଥ, ଆଶ୍ରମ ଏବଂ ସଂସ୍କାର

ପୁରୁଷାର୍ଥ, ଆଶ୍ରମ ଏବଂ ସଂସ୍କାର – ଏହି ତିନୋଟି ଭାବାତ୍ମକ ପରସ୍ପର ସହିତ ସମ୍ପର୍କିତ । ପୁରୁଷାର୍ଥ ଜୀବନର ଲକ୍ଷ୍ୟକୁ ବୁଝାଏ ଯାହା ଚାରୋଟି ଆଶ୍ରମ କିମ୍ବା ଜୀବନର ଚାରୋଟି ଅବସ୍ଥାରେ ବିଭାଜିତ ହୋଇଥାଏ । ପ୍ରତ୍ୟେକ ଆଶ୍ରମ ପାଇଁ ନିର୍ଦ୍ଧାରିତ ସଂସ୍କାର ବା କ୍ରିୟାକର୍ମ ପଦ୍ଧତି ରହିଛି, ଯାହା ସମ୍ପାଦିତ ହେବାର ଆବଶ୍ୟକତା ଥାଏ । 'ବର୍ଣ୍ଣାଶ୍ରମ' – 'ଧର୍ମ' ସମ୍ବନ୍ଧରେ ଆମେ ସର୍ବଦା ଶୁଣିଥାଉ । ଏହା ହେଉଛି ବର୍ଣ୍ଣର ଧର୍ମ ଏବଂ ଜୀବନର ସୋପାନଗୁଡ଼ିକ । ଜୀବନର ଚାରୋଟି ଲୀଳା ରହିଛି, ତାହା ହେଉଛି – ଧର୍ମ (ସଠିକ ଆଚରଣ), 'ଅର୍ଥ' (ଜିବୀକା ଅର୍ଜନର ମାର୍ଗ), 'କାମ' (ସାଂସାରିକ ଇଚ୍ଛା) ଏବଂ 'ମୋକ୍ଷ' (ମୁକ୍ତି) ।

ଏହି ଚାରୋଟି ପୁରୁଷାର୍ଥର ଅଭ୍ୟାସ ପାଇଁ ମଣିଷକୁ ସମର୍ଥ କରିବାକୁ ଜଣେ ମଣିଷର ଜୀବନକୁ ଚାରି ଆଶ୍ରମ ବା ଚାରୋଟି ସୋପାନରେ ଭାଗ କରାଯାଇଛି । ପ୍ରତ୍ୟେକ ଆଶ୍ରମରେ ପାଳିତ ହେଉଥିବା ଆଚରଣର ବିସ୍ତୃତ ନିୟମାବଳୀ ଲେଖାହୋଇ ରହିଛି । ଚାରୋଟିଯାକ ଆଶ୍ରମ ଗୋଟିଏ ଶିଡ଼ିର ଚାରୋଟି ପାହାଚ ପରି ଅଟେ ।

ପ୍ରଥମ ଆଶ୍ରମର ନାମ 'ବ୍ରହ୍ମଚର୍ଯ୍ୟ', ଯେଉଁଥିରେ ମଣିଷ ଉପନୟନ ସଂସ୍କାର (ଉପବୀତ ଧାରଣ ପଦ୍ଧତି) ପରେ ପ୍ରବେଶ କରେ । ଏହି ଆଶ୍ରମ କାଳରେ ମଣିଷ ଶିକ୍ଷା ଲାଭକରେ ଏବଂ ନିଜର ଇଚ୍ଛା, ଆବଗଗୁଡ଼ିକୁ ଶୃଙ୍ଖଳିତ କରିବାକୁ ଶିକ୍ଷା ଲାଭ କରେ । ତାକୁ ଜଙ୍ଗଲରେ ଥିବା ଆଶ୍ରମରେ ଗୁରୁଙ୍କ ପାଖରେ ରହିବାକୁ ହୁଏ ଏବଂ ଗୁରୁଙ୍କୁ ମାନିବାକୁ ଓ ତାଙ୍କ ସେବା କରିବାକୁ ହୁଏ । ସେ ନିଜ ପାଇଁ ଏବଂ ନିଜ ଗୁରୁଙ୍କ ପାଇଁ ଭିକ୍ଷା ମାଗେ ଏବଂ ପାଣି ଆଣିବା, ଆଶ୍ରମ ଚାରିପାଖ ସଫା କରିବା ଆଦି କାମ କରିଥାଏ । ସରଳ ଜୀବନ ଏବଂ ମହତ ଚିନ୍ତାର ଆଦର୍ଶ ସେ ଅଭ୍ୟାସ କରେ । ଏପରିକି ରାଜକୁମାରମାନେ ମଧ୍ୟ ଏହିସବୁ କର୍ତ୍ତବ୍ୟ ପାଳନ କରନ୍ତି । ଏହିପରି 'ବ୍ରହ୍ମଚର୍ଯ୍ୟ' ଅବସ୍ଥା ଜଣେ ମଣିଷକୁ ଏବଂ ଗୃହସ୍ଥର ଦାୟୀତ୍ୱ ଗ୍ରହଣ କରିବାକୁ ସମର୍ଥ କରୁଥିଲା ।

ଗୃହସ୍ଥାଶ୍ରମ ମଣିଷ ଜୀବନରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସୋପାନ । ଅର୍ଥ ଏବଂ ଏଥିରେ ଧର୍ମର ସହିତ ଅର୍ଥ ଏବଂ କାମ ଅଭ୍ୟାସ କରିବାକୁ ହୋଇଥାଏ ଏବଂ ପ୍ରତିଷ୍ଠିତ ହୋଇଥାଏ । ସେ ବିବାହ କରେ, ସନ୍ତାନ ପ୍ରାପ୍ତ କରେ, ନିଜ ପରିବାରକୁ ସହାୟତା ଦେବାପାଇଁ ଜିବୀକା ଅର୍ଜନ କରେ ଏବଂ ସମାଜ ପ୍ରତି କୃତଜ୍ଞତା ଜଣାଏ ।

ଘର, ପରିବାର ପ୍ରତି ସବୁ କର୍ତ୍ତବ୍ୟ ସରିଯିବାପରେ ମଣିଷ ବାନପ୍ରସ୍ଥାଶ୍ରମରେ ପ୍ରବେଶ କରେ । ଏଥିରେ ସେ ନିଜ ପରିବାରକୁ ଛାଡ଼ି ଦିଏ ଏବଂ ବନ ଗମନ କରେ ଏବଂ ସମସ୍ତ ପାର୍ଥିବ ବୃତ୍ତି, ଅଧିକାର ଏବଂ ଆର୍ଥିକ ସ୍ୱାର୍ଥ ପ୍ରତି ଅନାସକ୍ତ ରହିବାକୁ ଅଭ୍ୟାସ କରେ । ତାକୁ କେବଳ ଫଳ ଓ ପନିପରିବା ଖାଇ ଜୀବନ ଧାରଣ କରିବାକୁ ପଡ଼ିଥାଏ ଏବଂ ହରିଣ ଚମଡା, ଗଛର ଛେଲି ପିନ୍ଧିବାକୁ ହୋଇଥାଏ । ସେ ଧ୍ୟାନ, ଆତ୍ମନିଗ୍ରହ ଅଭ୍ୟାସ କରେ । ଏହି ଅବସ୍ଥାରେ ମୃତ୍ୟୁ ବରଣ କଲେ ସେ ମୋକ୍ଷ ପାଇଯାଏ । ନହେଲେ ସେ ସନ୍ୟାସ ଆଶ୍ରମରେ ପ୍ରବେଶ କରେ, ସେଥିରେ ସେ 'ସମ୍ପୂର୍ଣ୍ଣ ତ୍ୟାଗ' ଅଭ୍ୟାସ କରେ । ସମାଜରୁ ସବୁ ବନ୍ଧନ ଭାଙ୍ଗି ସେ ସମ୍ପୂର୍ଣ୍ଣ ବୈରାଗ୍ୟ ଏବଂ ଦୃଢ଼ତାର ସହିତ ମୋକ୍ଷ ପ୍ରାପ୍ତ କରିବା ପାଇଁ ଅବିରତ ଚେଷ୍ଟା କରୁଥାଏ ।

ଏହା କାର୍ଯ୍ୟଧାରା ବାସ୍ତବତା ନୁହେଁ, ବରଂ ଆଦର୍ଶର ଉପସ୍ଥାପନା ଥିଲା । ଜୀବନର ପ୍ରଥମ ସୋପାନରେ ସ୍ଥାପିତ ହୋଇଥିବା ଏହି ମାର୍ଗ ଦେଇ ଅଧିକାଂଶ ଲୋକ କେବେହେଲେ ଗତି କରୁନଥିଲେ, ମାତ୍ର ଅଳ୍ପ କେତେଜଣ ଦ୍ୱିତୀୟ ସୋପାନ ଅତିକ୍ରମ କରୁଥିଲେ । ବିଦ୍ୟା ଅଧ୍ୟୟନ, ପାରିବାରିକ ଜୀବନ ଏବଂ ଏକୁଟିଆ ଜୀବନର ବୈରାଗ୍ୟରେ ଥିବା ବିରୋଧାତ୍ମକ ଦାବୀ ନିମିତ୍ତ ଏକ ସ୍ଥାନ ଖୋଜିବାର ଏହା ଏକ ଚେଷ୍ଟା ଥିଲା । ବୌଦ୍ଧ, ଜୈନ ପରି ଅଣପାରମ୍ପରିକ





ଗୋଷ୍ଠୀଗୁଡ଼ିକ ସନ୍ୟାସ ଗ୍ରହଣ କରିବାକୁ ଏବଂ ପାରିବାରିକ ଜୀବନକୁ ସମ୍ପୂର୍ଣ୍ଣ ତ୍ୟାଗ କରିବାକୁ ଯୁବା ବର୍ଗଙ୍କୁ ଉତ୍ସାହିତ କରୁଥିଲେ । କିନ୍ତୁ ସେଗୁଡ଼ିକର ଏହି କାର୍ଯ୍ୟଧାରା ପାରମ୍ପରିକ ଗୋଷ୍ଠୀର ସମ୍ମତି ପାଇନଥିଲା । ସମ୍ଭବତଃ ଏହି ଅଣପାରମ୍ପରିକ ଗୋଷ୍ଠୀର କାର୍ଯ୍ୟଧାରାକୁ ବିରୋଧ କରିବା ପାଇଁ ଆଶ୍ରମ ପ୍ରଥା ବିକଶିତ ହୋଇଥିଲା, ଯଦିଓ ପରବର୍ତ୍ତୀ ସମୟରେ ଏଥିପାଇଁ ସର୍ତ୍ତମୂଳକ ବ୍ୟବସ୍ଥା ରଖାଗଲା ।

ଏହି କାର୍ଯ୍ୟଧାରା ଅନୁଯାୟୀ ଜୀବନର ଚାରୋଟି ସୋପାନ ଜନ୍ମରୁ ଆରମ୍ଭ ହୁଏ ନାହିଁ । ଏହା ପବିତ୍ର ଉପନୟନ କର୍ମପଦ୍ଧତି ସହିତ ଆରମ୍ଭ ହୁଏ । ବିଧିପୂର୍ବକ ପବିତ୍ର ଉପବୀତ (ପଇତା) ଧାରଣ କରିବା ପରେ କେବଳ, ପିଲାଟିଏ ସମାଜର ଏକ ପୂର୍ଣ୍ଣାଙ୍ଗ ସଭ୍ୟ ହୋଇପାରୁଥିଲା । ମାତୃଗର୍ଭରେ ସଞ୍ଚରିବା (ଗର୍ଭଧାନ)ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଜୀବନର ସବୁ ସ୍ତରର ଏହା ଗୁରୁତ୍ୱପୂର୍ଣ୍ଣ ସଂସ୍କାରଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହିପରି ୪୦ (ଚାଳିଶ)ଟି ସଂସ୍କାର ରହିଛି । 'ଗର୍ଭଦାନ', ପୁଂଷଜନ (male child), ସୀମାନ୍ତୋନ୍ନୟାନ (safty), ଜାତକର୍ମ (birth ceremony), ନିଷ୍କ୍ରମଣ (showing the sun), ଅନ୍ନପ୍ରାଶନ (first feeding of solid food), ଚୂଡ଼ାକର୍ମ (tonsure), ଉପନୟନ (investiture with sacred thread), ସମାବର୍ତ୍ତନ (End of the first stage), ବିବାହ (marriage), ଅନ୍ତ୍ୟେଷ୍ଟି (the lastrites) ଇତ୍ୟାଦି ଜୀବନର କେତୋଟି ପ୍ରମୁଖ କର୍ମଧାରା ଅଟେ । ଏହିସବୁ ସଂସ୍କାର ତିନୋଟି ଉଚ୍ଚ ବର୍ଣ୍ଣ ଲୋକଙ୍କ ପାଇଁ ନିର୍ଦ୍ଧାରିତ ହୋଇଛି, ଏହା ଶୁଦ୍ର ଏବଂ ଅସ୍ପୃଶ୍ୟଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଏପରିକି ଉଚ୍ଚ ବର୍ଣ୍ଣର ସ୍ତ୍ରୀ ଲୋକମାନଙ୍କ ପାଇଁ ମଧ୍ୟ କେତେଗୁଡ଼ିଏ ସଂସ୍କାର କର୍ମ ଉଦ୍ଦିଷ୍ଟ ନୁହେଁ ।

## ୧୯.୫ ଯଜମାନୀ ପଦ୍ଧତି ବା ପୁରୋହିତ ପଦ୍ଧତି

ମଧ୍ୟଯୁଗର ପ୍ରଥମ ଭାଗରେ ଗ୍ରାମୀଣ ସମାଜରେ ଯଜମାନୀ ପଦ୍ଧତି ବିକଶିତ ହେଲା ଏବଂ ତାହା ଆଧୁନିକ ସମୟ ପର୍ଯ୍ୟନ୍ତ ଚାଲୁ ରହିଛି । ଗୋଟିଏ ପକ୍ଷରେ ପ୍ରତିପତ୍ତିଶାଳୀ କୃଷକ ଜାତି, ଏବଂ ଅନ୍ୟ ପକ୍ଷରେ ଜନ ସାଧାରଣଙ୍କ ପାଇଁ କାମ କରୁଥିବା, କାରିଗର ତଥା ହସ୍ତଶିଳ୍ପୀ ଜାତିଙ୍କ ମଧ୍ୟରେ ଏହା ଏକ ସମ୍ମାନ ସୂଚକ ସମ୍ପର୍କ ଥିଲା । ଏହି ପଦ୍ଧତିରେ ସେବାକାରୀ ଜାତି ଜମି ମାଲିକ ହୋଇଥିବା କୃଷକ ଜାତିଙ୍କୁ ଏବଂ କ୍ଷମତାଶାଳୀ ଉଚ୍ଚ ଜାତିମାନଙ୍କୁ ମଧ୍ୟ ସେବାଯୋଗାଉ ଥିଲେ ଏବଂ ପ୍ରଥା ଅନୁଯାୟୀ ସ୍ଥିରିକୃତ ହୋଇଥିବା ଉତ୍ପାଦନର କିଛି ଅଂଶ ପାଉଥିଲେ । କୌଣସି କ୍ଷେତ୍ରରେ ସେମାନଙ୍କୁ ଛୋଟ ଖଣ୍ଡେ ଜମି ମଧ୍ୟ ଦିଆଯାଉଥିଲା । ଏହିପରି ମୋଚୀ (ଚମଡା କାରିଗର), ବାରିକ, ଯଜମାନ, ମାଳୀ, ଜମିହଳ କରୁଥିବା ଜାତି, ବିଭିନ୍ନ ଧାତୁ କାରିଗର (କମାର, କଂସାରୀ, ବଣିଆ ଆଦି) ପ୍ରଭୃତି ଜାତି ସମାଜର ଉଚ୍ଚ ବର୍ଣ୍ଣ ଏବଂ କ୍ଷମତା ସମ୍ପନ୍ନ ଜମିମାଲିକ (ଜମିଦାର)ମାନଙ୍କ ପାଇଁ କାମ କରୁଥିଲେ ଏବଂ ମଜୁରୀ ଭାବରେ ବିଶେଷ ସମୟମାନଙ୍କରେ ଦ୍ରବ୍ୟ ଆକାରରେ କିଛି ପାଉଥିଲେ କିମ୍ବା କେବେ କେବେ ଅଳ୍ପ ଜମି ମଧ୍ୟ ପାଉଥିଲେ । ଯାହାହେଉ ଏହି ସେବାକରୀ ଜାତିଗୁଡ଼ିକଙ୍କର ନିଜ ଜିନିଷ ଏବଂ ନିଜ ସେବା ବ୍ୟୟ କରିବା ପାଇଁ କେତେକ ସ୍ୱାଧୀନତା ରଖୁଥିଲେ । ମୁଦ୍ରାନିୟନ୍ତ୍ରଣ, ସହରାଧିକରଣ ଏବଂ ଶିଳ୍ପାୟନ ପ୍ରଭାବରେ ଏହି ସେବା ସମ୍ପର୍କ ପ୍ରଥା ଆଜିକାଲି ଭାଙ୍ଗି ଯାଉଛି । ମଧ୍ୟଯୁଗରେ ଏହି ସମ୍ପର୍କ ପଦ୍ଧତି ଦୁଃଖ ଦୁର୍ବିପାକ ସମୟରେ ଲୋକମାନଙ୍କୁ ସୁରକ୍ଷା ଦେଉଥିଲେ । ଏହିପରି ପରିବାରଗୁଡ଼ିକ ମଧ୍ୟରେ ଯେଉଁ କାରିଗରମାନେ ଯଜମାନୀ ଶ୍ରେଣୀଭୁକ୍ତ ହୋଇନଥିଲେ, ସେମାନେ ଗାଁର ଗରିବ ଲୋକମାନଙ୍କଠାରୁ ଅଧିକ କଷ୍ଟରେ ଜୀବନ ଯାପନ କରୁଥିଲେ ।

## ପାଠଗତ ପ୍ରଶ୍ନାବଳୀ ୧୯.୧

୧. ---------- ପଞ୍ଚମ ବର୍ଣ୍ଣ କୁହାଯାଉଥିଲା ।

୨. ମହାତ୍ମାଗାନ୍ଧୀ ଅସ୍ପୃଶ୍ୟତା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଥିଲେ ଏବଂ ସେମାନଙ୍କୁ ---------- ଡାକିଥିଲେ ।

୩. ---------- ଭାରତରେ 'ଦାସ'ମାନଙ୍କୁ ପାଇନଥିଲେ, ଯଦିବା ଦାସତ୍ୱ ଏକ ଭିନ୍ନ ରୂପରେ ଏଠାରେ ରହିଥିଲା ।

୪. ''ଜଣେ ମଣିଷ ଜନ୍ମରୁ ଦାସ ହୋଇ ପାରୁଥିଲା, ନିଜକୁ ନିଜେ ବିକ୍ରି କରିବା ଦ୍ୱାରା, ଯୁଦ୍ଧରେ ଧରାହୋଇ, କିମ୍ବା ଅଦାଲତ ଦ୍ୱାରା ଦଣ୍ଡିତ ହୋଇ ମଧ୍ୟ ଜଣେ ଦାସ ହୋଇପାରେ'' --------- କହିଥିଲେ ।

୫. ପୁରୁଷାର୍ଥ ଚାରୋଟି ---------------------- ବିଭକ୍ତ ।

୬. 'ଯଜମାନୀ ପ୍ରଥା' ଭାଙ୍ଗିଯିବାର କାରଣ କ'ଣ ?

---

## ୧୯.୬ ପରିବାର

ପାରମ୍ପରିକ ଭାରତୀୟ ପରିବାର ହେଉଛି ଆତ୍ମୀୟ ସ୍ୱଜନଙ୍କର ଏକ ବଡ଼ ଗୋଷ୍ଠୀ ଯାହାକୁ ଯୌଥ ପରିବାର ଭାବରେ ବର୍ଣ୍ଣନା କରାଯାଏ । ଯୌଥ ପରିବାରରେ ଦୁଇ କିମ୍ବା ତତୋଧିକ ପିଢ଼ି ଗୋଟିଏ ଛାତତଳେ କିମ୍ବା ଭିନ୍ନ ଭିନ୍ନ ଛାତତଳେ ରହି ଗୋଟିଏ ରୋଷେଇରେ ରୁହନ୍ତି । ଅର୍ଥାତ୍ ସମସ୍ତେ ଗୋଟିଏ ରୋଷେଇରେ ଖାଆନ୍ତି, ପରିବାରର ପ୍ରତ୍ୟେକ ସଭ୍ୟଙ୍କର ସମସ୍ତ ସ୍ଥାବର ସମ୍ପତ୍ତି ଉପରେ ଅଧିକାର ଥାଏ । ଏହି ପରିବାର ସାଧାରଣତଃ ପିତୃ କେନ୍ଦ୍ରୀକ ହୋଇଥାଏ । ଏହିପରି ପିତୃକେନ୍ଦ୍ରୀକ ପରିବାରରେ ବୟୋଜ୍ୟେଷ୍ଠ ପୁରୁଷ ବା ପିତା ପରିବାରର ମୁଖ୍ୟ ହୋଇଥାନ୍ତି । ପରିବାର ଚାଳନା ଓ ଶାସନ କରିବାର ଦାୟିତ୍ୱ ତାଙ୍କରି ହାତରେ ଥାଏ । ସେ ସମ୍ପତ୍ତିର ପରିଚାଳକ ଓ ମୁଖ୍ୟ ହୋଇଥାଆନ୍ତି । ଏହିପରି ପିତୃକେନ୍ଦ୍ରୀକ ପରିବାରରେ ପିଢ଼ି ପରେ ପିଢ଼ି ପରିବାରର ବୟୋଜ୍ୟେଷ୍ଠ ପୁରୁଷ ସଭ୍ୟ ପାଖକୁ ଏହି କ୍ଷମତା ହସ୍ତାନ୍ତରିତ ହୁଏ । ଆଧୁନିକ ସହରମାନଙ୍କରେ ଅନେକ ସଂଖ୍ୟକ କ୍ଷୁଦ୍ର ପରିବାର ରହିଛନ୍ତି । ସେଥିରେ ପତି, ପତ୍ନୀ ଏବଂ ତାଙ୍କ ସନ୍ତାନମାନେ ରହିଥାନ୍ତି । ଏହି ପରିବାରଗୁଡ଼ିକ ମଧ୍ୟ ପିତୃପ୍ରଧାନ ହୋଇଥାନ୍ତି । ଏଥିରେ ପିତା ହିଁ ପରିବାରର ମୁଖ୍ୟ ହୋଇଥାନ୍ତି ଏବଂ ସମ୍ପତ୍ତି ସ୍ୱତ୍ୱାଧିକାର ତାଙ୍କ ପାଖରେ ହିଁ ଥାଏ । କିନ୍ତୁ ଭାରତରେ ଏପରି ଅନେକ ଅଞ୍ଚଳ ରହିଛି ଯେଉଁଠି ପରିବାରଗୁଡ଼ିକ ମାତୃକେନ୍ଦ୍ରୀକ ଅଟନ୍ତି । ଏପରି ପରିବାରରେ ବୟୋଜ୍ୟେଷ୍ଠ ମହିଳା ହିଁ ପରିବାରର ମୁଖ୍ୟ ହୋଇଥାନ୍ତି । କେରଳ, ଉତ୍ତର ପୂର୍ବାଞ୍ଚଳ, ନାଗାଲାଣ୍ଡ ଏବଂ ମେଘାଳୟରେ ଏହିପରି ମାତୃ ପ୍ରଧାନ ପରିବାରମାନ ଦେଖାଯାଏ ।

ଯେଉଁପରି ପରିବାର ହୋଇଥାଉ ପଛେ, ଏହା ହେଉଛି ସମାଜର ପ୍ରାଥମିକ ପରିମାପକ ବା କ୍ଷୁଦ୍ରତମ ଅଂଶ । ପରିବାରର ସଭ୍ୟମାନେ ଶ୍ରଦ୍ଧାରେ ଏକାଠି ବାନ୍ଧିହୋଇଥାନ୍ତି । ପୂର୍ବପୁରୁଷଙ୍କୁ ସ୍ମରଣ କରିବାର କର୍ମ ପଦ୍ଧତି 'ଶ୍ରାଦ୍ଧ' ପରିବାରଙ୍କୁ ପରିଚୟ କରାଉଥିଲା । ଏହି ଅନୁଷ୍ଠାନରେ ଅଂଶ ଗ୍ରହଣ କରିବାକୁ ଅଧିକାର ପାଇଥିବା ଲୋକମାନଙ୍କୁ 'ସପିଣ୍ଡ' (ପିଣ୍ଡାଧିକାରୀ ବା ସପ୍ତପୁରୁଷାନ୍ତର୍ଗତ ଜ୍ଞାତି – ନିଜ ଉପର ତିନି ପୁରୁଷ, ନିଜେ ଏବଂ ନିଜର ତଳ ତିନି ପୁରୁଷ) କୁହାଯାଉଥିଲା । ପରିବାରର ଲୋକମାନଙ୍କ ମଧ୍ୟରେ ଥିବା ବନ୍ଧନ ସେମାନଙ୍କୁ ସାମାଜିକ ନିରାପତ୍ତାର ଉପଲବ୍ଧି ପ୍ରଦାନ କରୁଥିଲା । ଦୁଃଖ କଷ୍ଟରେ ଜଣେ ମଣିଷ ପରିବାରର ଅନ୍ୟମାନଙ୍କ ଉପରେ ଭରସା କରିପାରୁଥିଲା । ପର୍ବ ପର୍ବାଣୀ, ବିଭିନ୍ନ ଉତ୍ସବ ଅନୁଷ୍ଠାନ ଏବଂ ବିବାହ ସମୟରେ ସମସ୍ତେ ଦାୟିତ୍ୱ ବହନ କରୁଥିଲେ, ଫଳରେ ପାରିବାରିକ ବନ୍ଧନ ଦୃଢ଼ ହେଉଥିଲା ।

ପରମ୍ପରା ଅନୁଯାୟୀ ଦୁଇଟି ଅନୁଷ୍ଠାନର ପବିତ୍ର ନିୟମ ଓ ପ୍ରଥା ଦ୍ୱାରା ଭାରତରେ ପରିବାର ପରିଚାଳିତ ହୁଅନ୍ତି । ସେହି ପ୍ରଥା ଓ ନିୟମଗୁଡ଼ିକ ମିତାକ୍ଷର ଓ 'ଦୟାଭାଗ'ର ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ । ବଙ୍ଗଳା ଓ ଆସାମର

ଅଧିକାଂଶ ପରିବାର 'ଦୟାଭାଗ'ର ନିୟମକୁ ଅନୁସରଣ କରନ୍ତି । ଭାରତ ଅନ୍ୟସବୁ ସ୍ଥାନରେ ମିତାକ୍ଷର ନିୟମ ଅନୁସରିତ ହୁଏ । ଏହି ପବିତ୍ର ନିୟମ ଚଳାଇ ନହେଉଥିବା ବହୁତ ବଡ଼ ଯୌଥ ପରିବାରକୁ ଭାଙ୍ଗି ଯିବାର ସୁଯୋଗ ଦେଇଥାଏ । ପିତୃକେନ୍ଦ୍ରୀକ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମୃତ୍ୟୁପରେ ଏହି ପ୍ରକ୍ରିୟା ସଂଘଟିତ ହୁଏ । ମଧ୍ୟଯୁଗର ପରବର୍ତ୍ତୀ କାଳରୁ ବ୍ୟକ୍ତିଗତ ସମ୍ପତ୍ତି ପାରିବାରିକ ଗୋଷ୍ଠୀଗତ ସମ୍ପତ୍ତିର ଅନ୍ତର୍ଗତ ହେଉନାହିଁ । ତେଣୁ ବ୍ୟକ୍ତିଗତ ସମ୍ପତ୍ତି ଭାଗ ଭାଗ ହୁଏ ନାହିଁ । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଭାରତୀୟ ସମ୍ବିଧାନ ଅନୁସାରେ, ବିବାହ, ବିବାହ ବିଚ୍ଛେଦ, ଉତ୍ତରାଧିକାର, ପୋଷ୍ୟ ସନ୍ତାନ ଗ୍ରହଣ, ଅଭିଭାବକତ୍ୱ, ପିଲାମାନଙ୍କର ତତ୍ତ୍ୱାବଧାନ, ପ୍ରତିପାଳନ ଏବଂ ଭରଣ ପୋଷଣ ଇତ୍ୟାଦି ପରିପ୍ରେକ୍ଷୀରେ ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟ ନିଜ ଧର୍ମର ନୀତି ନିୟମ ଦ୍ୱାରା ପରିଚାଳିତ ହେବେ । ଏହିପରି ହିନ୍ଦୁ, ବୌଦ୍ଧ, ଶିଖ ଏବଂ ଜୈନ ଧର୍ମ ସମ୍ପ୍ରଦାୟଗୁଡ଼ିକ Hindu Act of 1955-56ରେ ସଂସ୍ଥାପିତ ହୋଇଥିବା ଆଇନ ଦ୍ୱାରା ପରିଚାଳିତ ହୁଅନ୍ତି । ମୁସଲମାନ, ଖ୍ରୀଷ୍ଟିଆନ ଏବଂ ପାର୍ଶି ପରିବାରଗୁଡ଼ିକର ନିଜ ଧର୍ମ ଉପରେ ପର୍ଯ୍ୟବେଶିତ ନୀତି ନିୟମାବଳୀ ରହିଛି ।

## ୧୯.୭ ବିବାହ

ପରିବାର ହେଉଛି ବିଧିସମ୍ମତ ଭାବରେ ସମ୍ପନ୍ନ ହେଉଥିବା ସଂସ୍କାର 'ବିବାହ'ର ପରିଣାମ । କଥାକଥିତ ଉଚ୍ଚ ଜାତି ପୁରୁଷ ସହିତ ନୀଚ ଜାତି ସ୍ତ୍ରୀର ବିବାହ ; ନିଚ ଜାତି ପୁରୁଷ ସହିତ ଉଚ୍ଚ ଜାତି ସ୍ତ୍ରୀର ବିବାହ କିମ୍ବା ବିଭିନ୍ନ ଜାତି, ଶ୍ରେଣୀ ସହିତ ବନ୍ଧୁତା ସ୍ଥାପିତ ହୋଇ ବିବାହ (ପ୍ରତିଲୋମ); ମନୋଗାମସ, ପଲିଗାମସ, ପଲିଆଣ୍ଡ୍ରସ ବିବାହ ସ୍ତ୍ରୀ ସଂଖ୍ୟା ଉପରେ ପର୍ଯ୍ୟବେଶିତ; – ଏହା ସବୁ ହେଉଛି ବିଭିନ୍ନ ପ୍ରକାରର ବିବାହ । ଭାରତୀୟ ସମାଜରେ ସବୁ ପ୍ରକାର ବିବାହର ଉଦାହରଣ ମିଳିଥାଏ । କିନ୍ତୁ ପ୍ରଥା ଅନୁଯାୟୀ କହିବାକୁ ଗଲେ ପୁଅ ଝିଅଙ୍କ ବିବାହ ପିତାମାତାଙ୍କ ଦ୍ୱାରା ସମାନ ଜାତି କିନ୍ତୁ ଭିନ୍ନ ଗୋତ୍ର ଓ 'ପ୍ରବର' ମଧ୍ୟରେ ସ୍ଥିରିକୃତ ହୋଇଥାଏ । କିନ୍ତୁ ସେମାନେ ଦ୍ୱିଜ (ବ୍ରାହ୍ମଣ) ଶ୍ରେଣୀର ହୋଇଥିଲେ 'ଗୋତ୍ର' ଓ 'ପ୍ରବର' ନିମ୍ନ ଶ୍ରେଣୀର ଜାତି ପ୍ରତି ରହିନଥାଏ । ଯାହା ହେଉ, ବହୁ ସଂଖ୍ୟକ ସମ୍ପ୍ରଦାୟମାନଙ୍କର ନିଜର ଗୋତ୍ର ପାଇନଥାନ୍ତି । 'ପ୍ରବର' ନିୟମଗୁଡ଼ିକ ଅତି କଠୋର, ଯେଉଁଥିରେ ସମାନ ପୂର୍ବପୁରୁଷଙ୍କ ସନ୍ତାନଙ୍କ ମଧ୍ୟରେ ବିବାହକୁ ମନା କରାଯାଇଥାଏ । ସମାନ ପିତା ସମ୍ବନ୍ଧୀୟ ସନ୍ତାନଙ୍କ ମଧ୍ୟରେ ସାତ ପୁରୁଷ ପର୍ଯ୍ୟନ୍ତ ଏବଂ ସମାନ ମାତା ସମ୍ବନ୍ଧୀୟ ସନ୍ତାନଙ୍କ ମଧ୍ୟରେ ପାଞ୍ଚପୁରୁଷ ପର୍ଯ୍ୟନ୍ତ ବିବାହକୁ ବାରଣ କରାଯାଇଛି । କିନ୍ତୁ ଭାରତର ଦକ୍ଷିଣାଞ୍ଚଳରେ ଏହି ନିୟମ ପାଳନ କରାଯାଏ ନାହିଁ । ସେଠାରେ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ସମ୍ପନ୍ନ ହୁଏ ଏବଂ ତାହା ଆଇନ ଦ୍ୱାରା ଅନୁମୋଦିତ ଏବଂ ସାମାଜିକ ସ୍ୱୀକୃତି ମଧ୍ୟ ପାଇଥାଏ । ଏହି ସମ୍ପ୍ରଦାୟ ପାଇଁ ହିନ୍ଦୁ ବିବାହ ଆଇନ ୧୯୫୫ରେ ବ୍ୟତିକ୍ରମର ସୁଯୋଗ ରହିଛି ।

ସାଧାରଣତଃ ମନୋଗାମସ୍ ବିବାହରେ ଜଣେ ଲୋକ ଏକ ସମୟରେ କେବଳ ଜଣକୁ ବିବାହ କରେ । କିନ୍ତୁ ପ୍ରଥା ଅନୁସାରେ ପଲିଗାମି ବିବାହ ପ୍ରଥାକୁ ମନା କରାଯାଇନାହିଁ । କ୍ଷମତାଶାଳୀ ଧନୀଲୋକ ଏକାଧିକ ସ୍ତ୍ରୀଙ୍କ ସହିତ ବିବାହ କରୁଥିଲେ । ବହୁ ବିବାହ ପ୍ରଥା ବିଭିନ୍ନ କାରଣରୁ ପ୍ରଚଳିତ ଥିଲା । ପ୍ରାଚୀନ କାଳରେ ରାଜାମାନେ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ଇଚ୍ଛା କରୁଥିଲେ ଏବଂ ବିବାହ ଏଥିପାଇଁ ଏକ ସୁବିଧାଜନକ ଉପାୟ ଥିଲା । ଚନ୍ଦ୍ରଗୁପ୍ତ ଏବଂ ଆକବରଙ୍କ ବିବାହଗୁଡ଼ିକ ଏଇ ପ୍ରକାରର ଥିଲା । ପୁତ୍ର ସନ୍ତାନ ପ୍ରାପ୍ତି ଥିବା ଧାର୍ମିକ ଧାରଣା ମଧ୍ୟ ଏକାଧିକ ପତ୍ନୀ ଗ୍ରହଣର ଏକ କାରଣ ଥିଲା । ଯାହାହେଉ ଆଧୁନିକ ଯୁଗର ଆଇନ ଏକାଧିକ ପତ୍ନୀ ଗ୍ରହଣ କରିବାକୁ ଅନୁମତି ଦିଏ ନାହିଁ । ଏହା ଆଇନର ବିରୁଦ୍ଧାଚରଣ ଅଟେ । କେବଳ ମୁସଲ୍‌ମାନମାନେ କେତେକ ସର୍ତ୍ତସହିତ ଚାରିଥର ବିବାହ କରିପାରନ୍ତି ।

ବ୍ରାହ୍ମଣ୍ୟ ଧର୍ମର ପବିତ୍ର ନିୟମ ବିଚାର କରେ ଯେ, ବୈବାହିକ ଅନୁଷ୍ଠାନରେ ସପ୍ତପଦୀ (seven phera) ଅନୁଷ୍ଠିତ ହେବାପରେ ବିବାହ ବନ୍ଧନ ଅତୁଟ ହୋଇ ଯାଉଥିଲା । ଏହାର ଅର୍ଥ ବିବାହ ବନ୍ଧନରେ ବିବାହ ବିଚ୍ଛେଦର ସ୍ଥାନ ନଥିଲା । କିନ୍ତୁ ଅର୍ଥଶାସ୍ତ୍ର ଅନୁସାରେ ସ୍ଥଳ ବିଶେଷରେ ବିବାହ ବିଚ୍ଛେଦକୁ ଅନୁମତି ମିଳୁଥିଲା । ପରବର୍ତ୍ତୀକାଳରେ ଏହି ବ୍ୟବସ୍ଥା ବିସ୍ତୃତ ହୋଇଗଲା । ଯାହାହେଉ କେତୋଟି ନିମ୍ନବର୍ଗର ଜାତିରେ ବିବାହ ବିଚ୍ଛେଦ ଆଜିସୁଦ୍ଧା ଅନୁମୋଦିତ ହେଉଛି । ବିବାହ ବିଚ୍ଛେଦ ପାଇଁ ଉଭୟଙ୍କର ସହମତି, ଅସହିଷ୍ଣୁତା, ପରିତ୍ୟାଗ କରିବାର ଇଚ୍ଛା, ନିଷ୍ଠୁରତା ଇତ୍ୟାଦିକୁ ଆଧୁନିକ ଯୁଗରେ ବିବାହ ବିଚ୍ଛେଦର ଯଥାର୍ଥ କାରଣ ବୋଲି ବିଚାର କରାଯାଏ ।

ପାଣ୍ଡବ ପାଞ୍ଚ ଭାଇଙ୍କୁ ଦ୍ରୌପଦୀ ବିବାହ କରିଥିବା କଥା ଆମେ ସମସ୍ତେ ଜାଣିଛେ । ଏହି ପ୍ରକାର ବିବାହକୁ ପଲିଆଣ୍ଡ୍ରଅସ (Polyaudrous) ବିବାହ କୁହାଯାଏ । ଅନେକ ସମ୍ପ୍ରଦାୟରେ ଏହି ବିବାହ ଯଥାର୍ଥ ପରିଗଣିତ ହୁଏ ଏବଂ ଏହାକୁ ପସନ୍ଦ ମଧ୍ୟ କରାଯାଏ । ସାଧାରଣତଃ ସ୍ତ୍ରୀ ଭାଇମାନଙ୍କୁ ବିବାହ କରେ । ଭିନ୍ନ ଭିନ୍ନ ପିତାମାନଙ୍କ ପୁତ୍ରଙ୍କୁ ବିଭାହେବା କ୍ୱଚିତ ଦେଖାଯାଏ । ଉଚ୍ଚ ଜାତି ଲୋକେ ଏହି ବିବାହକୁ ଅସାମାଜିକ ମନେକରନ୍ତି । କିନ୍ତୁ କେତେକ ସମାଜରେ ଅନେକ ସ୍ୱାମୀ ସହିତ ବିବାହକୁ ପବିତ୍ର ମନେ କରାଯାଏ ଏବଂ ସେଥିପାଇଁ ଗର୍ବ ଅନୁଭବ କରାଯାଏ ସିନା ଲଜ୍ୟା ନଥାଏ ।

## ୧୯.୮ ସ୍ତ୍ରୀ ଜାତି

ଭାରତରେ ସ୍ତ୍ରୀ ଜାତିର ଇତିହାସ ହେଉଛି ଏକ କ୍ରମାଗତ ଅବନତିର କାହାଣୀ । ବୈଦିକ ଯୁଗରେ ପିତୃକେନ୍ଦ୍ରୀକ ପରିବାରରେ ମଧ୍ୟ ସ୍ତ୍ରୀ ଲୋକମାନେ ଜାତି ପ୍ରତିବନ୍ଧକାରି ସଂଘର୍ଷର ସବୁ ବ୍ୟାପାରରେ ଅଂଶ ଗ୍ରହଣ କରୁଥିଲେ । ସେମାନେ ଗୀତ ରଚନା କରୁଥିଲେ, ପ୍ରାପ୍ତବୟସରେ ସେମାନେ ପସନ୍ଦ କରୁଥିବା ମଣିଷମାନଙ୍କୁ ବିବାହ କରିପାରୁଥିଲେ । ବୈଦିକ ଯୁଗର ପରବର୍ତ୍ତୀ ସମୟରେ ଜାତି ଭିତ୍ତିକ ସଂସ୍ଥାଗୁଡ଼ିକ ଭାଙ୍ଗିଯିବା ଫଳରେ ସମାଜରେ ନାରୀର ସ୍ଥିତିରେ ଅବନତି ଘଟିଲା । ପୁରାତନ ଆଇନ୍ ପୁସ୍ତକଗୁଡ଼ିକରେ ସ୍ତ୍ରୀ ଲୋକମାନଙ୍କୁ ଶୁଦ୍ରମାନଙ୍କ ସ୍ଥାନକୁ ଖସାଇ ଦିଆଯାଇଥିଲା । ଅଳ୍ପ କିଛି ବ୍ୟକ୍ତିଗତ ସମ୍ପତ୍ତି (ସ୍ତ୍ରୀ ଧନ) ବ୍ୟତିତ ଅନ୍ୟ କୌଣସି ସମ୍ପତ୍ତି ଉପରେ ସେମାନଙ୍କର ଅଧିକାର ନଥିଲା । ଏପରିକି ବେଦପାଠ କରି ଜ୍ଞାନ ଲାଭ କରିବା ସେମାନଙ୍କ ପାଇଁ ମନାଥିଲା । ସେ ସମୟରେ ପ୍ରଚଳିତ ଧର୍ମମତର ବିରୁଦ୍ଧ ମତ ପୋଷଣ କରୁଥିବା ଶ୍ରେଣୀ କିଛି ସମ୍ମାନ ଦେଉଥିଲେ । ମଧ୍ୟଯୁଗର ପ୍ରଥମ ସମୟରେ ତାନ୍ତ୍ରିକ ଗୋଷ୍ଠୀ ତାଙ୍କ ଧର୍ମ ପଦ୍ଧତିରେ ସ୍ତ୍ରୀ ଲୋକମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ ଏବଂ ସନ୍ୟାସିନୀମାନଙ୍କ ପାଇଁ ସାମାଜିକ ଶ୍ରେଣୀ ପ୍ରତିଷ୍ଠା କରିଥିଲେ ।

ସାଧାରଣତଃ ପ୍ରାକ୍ ଐତିହାସିକ ଯୁଗ ଏବଂ ମଧ୍ୟଯୁଗର ପ୍ରଥମ ଭାଗରେ କୌଣସି ବୌଦ୍ଧିକ ବୃତ୍ତି ଗ୍ରହଣ କରିବାକୁ ସ୍ତ୍ରୀ ଲୋକମାନଙ୍କୁ ପ୍ରୋତ୍ସାହନ ଦିଆଯାଉଥିଲା । ବିବାହ କରିବା ଏବଂ ପରିବାରର ଯତ୍ନ ନେବା ସେମାନଙ୍କର ପ୍ରକୃତ କାର୍ଯ୍ୟ ଥିଲା । ଉଚ୍ଚ ବର୍ଗର ସ୍ତ୍ରୀ ଲୋକମାନେ ଅଳ୍ପକିଛି ଶିକ୍ଷା ପାଉଥିଲେ ଏବଂ ସେମାନଙ୍କ ମଧ୍ୟରେ ଅଳ୍ପ କେତେଜଣଙ୍କ ନାମ କବି ଏବଂ ନାଟ୍ୟକାର ଭାବରେ ଉଲ୍ଲିଖିତ ହୋଇଛି । ସଂସ୍କୃତ ନାଟକରେ ସ୍ତ୍ରୀ ଚରିତ୍ରଗୁଡ଼ିକ ସର୍ବଦା ପଢୁଥିବା, ଲେଖୁଥିବା ଏବଂ ଗୀତ ରଚନା କରୁଥିବାର ବର୍ଣ୍ଣନା ରହିଛି, ମଧ୍ୟଯୁଗରେ ଏବଂ ଅଳ୍ପଦିନ ପୂର୍ବ ପର୍ଯ୍ୟନ୍ତ ସଂଗୀତ, ନୃତ୍ୟ ଉଚ୍ଚ ଜାତି ସ୍ତ୍ରୀ ଲୋକଙ୍କ ପାଇଁ ଉପଯୁକ୍ତ ନୁହେଁ ବୋଲି ଦର୍ଶାଯାଇଥିଲା ଏବଂ କେବଳ ନିମ୍ନ ଜାତିର ସ୍ତ୍ରୀ ଲୋକ କିମ୍ବା ବେଶ୍ୟାମାନେ ତାହା ଅଭ୍ୟାସ କରୁଥିଲେ । କିନ୍ତୁ ପ୍ରାଚୀନ କାଳରେ ଏକଥା ନଥିଲା । ଋକ୍ ବୈଦିକ ଯୁଗକୁ ଛାଡ଼ିଦେଲେ ଅନ୍ୟ ସମୟରେ ସମାଜରେ ସ୍ତ୍ରୀ ଲୋକମାନଙ୍କର ସ୍ଥିତି ନିମ୍ନମାନର ଥିଲା । ବାଲ୍ୟ ବିବାହ ଅନୁମୋଦନ ପାଇଥିଲା । ସତୀଦାହ ପ୍ରଥା ଅତି ସାଧାରଣ ଥିଲା । ଯାହାହେଉ, ବିଦେଶୀ ପର୍ଯ୍ୟଟକ ଇବ୍ନ୍ ବତୁତା ଉଲ୍ଲେଖ କରିଛନ୍ତି ଯେ ମଧ୍ୟଯୁଗରେ ସତୀ ହେବାପାଇଁ ସୁଲତାନଙ୍କଠାରୁ ଅନୁମତି ନେବାକୁ ପଡୁଥିଲା । ବିଧବା ବିବାହ ଅନୁମୋଦିତ ନଥିଲା । କିନ୍ତୁ ସ୍ଥଳ ବିଶେଷରେ ବିଧବାମାନଙ୍କର ସମ୍ପତ୍ତି ଅଧିକାର ସ୍ୱୀକୃତି ପାଇଥିଲା ।





ମଧ୍ୟଯୁଗରେ ମୁଣ୍ଡରେ ଓଢ଼ଣା ରଖି ମୁହଁ ଢ଼ାଙ୍କିବା ପ୍ରଥା ଉଚ୍ଚକୂଳ ସମ୍ଭୃତ ମହିଳାଙ୍କ ପାଖରେ ବହୁଳ ଭାବରେ ପ୍ରସାରିତ ହୋଇଥିଲା । ଆରବ ଓ ତୁର୍କୀର ଲୋକେ ଏହି ପ୍ରଥା ଇରାନୀଙ୍କଠାରୁ ଗ୍ରହଣ କରିଥିଲେ ଏବଂ ତାଙ୍କ ସହିତ ଭାରତକୁ ଏହି ପ୍ରଥା ନେଇ ଆସିଥିଲେ । ସେମାନଙ୍କ ପାଇଁ ଏହା ଉତ୍ତର ଭାରତରେ ବହୁଳ ଭାବରେ ପ୍ରସାରିତ ହେଲା ଏବଂ ସ୍ତ୍ରୀଲୋକମାନେ ଏହାକୁ ଅଭ୍ୟାସ କଲେ । ସ୍ତ୍ରୀ ଲୋକଙ୍କ ପ୍ରତି ଏହି ବ୍ୟବହାର ଉପରେ ସଯତ୍ନ ଦୃଷ୍ଟିପାତ କଲେ ଜଣାଯାଏ ଯେ, ଏହା ବୈଦିକ ଯୁଗରେ ହିଁ ସଂସ୍ଥାପିତ ହୋଇଥିଲା । ମଧ୍ୟଯୁଗରେ ଓଢ଼ଣା ପ୍ରଥା ସମାଜରେ ଉଚ୍ଚଜାତିର  ପ୍ରତୀକ ଥିଲା ଏବଂ ଯେଉଁମାନେ ସମାଜରେ ସମ୍ମାନିତ ହେବାପାଇଁ ଇଚ୍ଛାକରୁଥିଲେ ସେମାନେ ଏହି ପ୍ରଥାକୁ ଅନୁକରଣ କରୁଥିଲେ । ତଳ ଶ୍ରେଣୀ ସ୍ତ୍ରୀ ଲୋକଙ୍କ ପାଖରେ ଏହାର ପ୍ରଚଳନ ଅଳ୍ପଥିଲା ।

ମୋଗଲ ଆଧିପତ୍ୟର ଅଧଃପତନ ଘଟିବା ପରେ ଏବଂ ଭାରତରେ ଉପନିବେଶବାଦ ସମ୍ପ୍ରସାରିତ ହେବାପରେ ଏକ ନୂତନ ଭାବଧାରାର ପ୍ରଭାବ ଫଳରେ, ପରିବର୍ତ୍ତନର ଏକ ପ୍ରକ୍ରିୟା ଏକ ଭିନ୍ନ ଦିଗରେ ସଞ୍ଚାଳିତ ହେଲା । ଆଧୁନିକ ଶିକ୍ଷାର ପ୍ରଭାବରେ, ଏକ ସମାଜ ସଂସ୍କାରକ ଗୋଷ୍ଠୀ ସମାଜରେ ସ୍ତ୍ରୀ ଲୋକଙ୍କ ସ୍ଥିତିରେ ଉନ୍ନତି ଆଣୁଥିବା ଆଇନ୍ ପ୍ରଣୟନ ପାଇଁ ଅଭିଯାନ ଚଳାଇଲେ । ରାଜା ରାମମୋହନ ରାୟ, ରାଧାକାନ୍ତ ଦେବ, ଭବାନୀ ଚରଣ ବାନାର୍ଜୀଙ୍କ ପ୍ରଚେଷ୍ଟା ଫଳରେ ୧୮୨୯ ମସିହାରେ ସତୀପ୍ରଥା ନିଷିଦ୍ଧ ହେଲା । ୧୮୯୫ ମସିହାରେ କନ୍ୟାଭ୍ରୂଣ ହତ୍ୟାକୁ ହତ୍ୟା ଅପରାଧ ବୋଲି ଘୋଷଣା କରାଗଲା । ସ୍ୱାଧୀନ ଭାରତରେ ହିନ୍ଦୁ ବିବାହ ଆଇନ ୧୯୫୫ ମାଧ୍ୟମରେ ବରପାତ୍ରର ନିମ୍ନ ବୟସ ସୀମା ୧୮ ବର୍ଷ ବୋଲି ନିର୍ଦ୍ଧାରିତ ହୋଇଛି ଏବଂ କନ୍ୟାର ବୟସ ସୀମା ୧୫ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ୧୮୫୬ ମସିହାରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରଚେଷ୍ଟା ଫଳରେ ପ୍ରଥମ ବିଧବା ପୁର୍ନବିବାହ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ବିଷ୍ଣୁ ଶାସ୍ତ୍ରୀ ବିଧବା ବିବାହ ସଂଘ ୧୮୬୦ ମସିହାରେ ସ୍ଥାପନ କଲେ । ସେମାନଙ୍କ ସମସ୍ତଙ୍କର ପ୍ରଚେଷ୍ଟା ଫଳରେ ମହିଳାଙ୍କ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଥିଲା । ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟ୍ୟାଳୟ ପିତାଙ୍କ ସମ୍ପତ୍ତିରେ କନ୍ୟା ସନ୍ତାନର ଅଧିକାରକୁ ସ୍ୱୀକୃତି ଦେଇଛନ୍ତି । ସମାଜରେ ବଢୁଥିବା ସଚେତନତା ଯୋଗୁଁ ଏବଂ ଭାରତୀୟ ସମ୍ବିଧାନ ଅନ୍ତର୍ଗତ ଆଇନ ମାଧ୍ୟମରେ ମଧ୍ୟ ଭବିଷ୍ୟତରେ ମହିଳାମାନଙ୍କ ଅବସ୍ଥାରେ ଆହୁରି ଉନ୍ନତି ଘଟିବାକୁ ଯାଉଛି ।

## ପାଠଗତ ପ୍ରଶ୍ନାବଳୀ ୧୯.୩

୧. ‘ଅନୁଲୋମ’ ଓ ‘ପ୍ରତିଲୋମ’ ବିବାହର ମୂଳଭିତ୍ତି କ’ଣ ?

________________________________

୨. ମନୋଗାମସ୍ (ଜଣକୁ ବିବାହ କରିବା) ବିବାହ କ’ଣ ?

________________________________

୩. ଦୁଇଟି ଧାର୍ମିକ ଆଇନ ଏବଂ ପ୍ରଥାର ନାମ ଲେଖ, ଯାହା ପାରମ୍ପରିକ ଭାରତୀୟ ପରିବାରକୁ ପରିଚାଳନା କରିଥାଏ ।

________________________________

୪. ପ୍ରାଚୀନ ଭାରତରେ ସ୍ତ୍ରୀ ଲୋକଙ୍କର ବ୍ୟକ୍ତିଗତ ସମ୍ପତ୍ତି କ’ଣ ଥିଲା, ଯାହା ବ୍ୟତୀତ ସେମାନଙ୍କର ଅନ୍ୟ ସମ୍ପତ୍ତି ଅଧିକାର ନଥିଲା ?

________________________________





## ୧୯.୯ ଭାରତର ଆଦିବାସୀ ସମ୍ପ୍ରଦାୟ

ଉପମହାଦେଶର ସର୍ବପୁରାତନ ବାସିନ୍ଦା (ଆଦିମ ଅଧିବାସୀ) ହୋଇଥିବାରୁ ଆଧୁନିକ ଯୁଗରେ ସେହି ସମ୍ପ୍ରଦାୟକୁ ଆଦିବାସୀ କୁହାଯାଇଛି । ସାଧାରଣତଃ ସେମାନେ ନିମ୍ନଲିଖିତ ବୈଶିଷ୍ଟ୍ୟଗୁଡ଼ିକ ଧାରଣ କରିଥାଆନ୍ତି ।

୧. ଅତି ପ୍ରାଚୀନ କାଳରୁ ମାଟି ପ୍ରତି ଏହି ସମ୍ପ୍ରଦାୟର ଆବେଗପୂର୍ଣ୍ଣ ଆସକ୍ତି ରହି ଆସିଛି ।

୨. ସେମାନେ ବଣ ପାହାଡ ଘେରା ଅଞ୍ଚଳରେ ପୃଥକ ଭାବରେ ବସବାସ କରନ୍ତି ।

୩. ସେମାନଙ୍କର ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ଉନ୍ନତିକୁ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି ।

୪. ସେମାନଙ୍କ ସାଂସ୍କୃତିକ ବୈଶିଷ୍ଟ୍ୟ ମୂଳକ ଭାବଧାରା (ଭାଷା, ସଂସ୍ଥାପିତ ଆଇନ, ବିଶ୍ୱାସ, ପ୍ରତିଷ୍ଠିତ ପରମ୍ପରା)କୁ ଅଭିବ୍ୟକ୍ତ କରିବାର ପଦ୍ଧତି, ଜୀବନ ଯାପନ ଶୈଳୀ ସମାଜର ଅନ୍ୟ ବର୍ଗଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ ।

ଆଦିବାସୀମାନେ ହେଉଛନ୍ତି ସ୍ଥାନୀୟ ଅଧିବାସୀ, ଯେଉଁମାନଙ୍କୁ 'ଚତୁର୍ଥ ପୃଥିବୀ' କୁହାଯାଏ । ଏହି ଲୋକମାନେ ଏକ ଦେଶର ଆଦିମ ଅଧିବାସୀମାନଙ୍କର ଦାୟାଦ ଅଟନ୍ତି ଏବଂ ଆଜିକାଲି ସେମାନେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ନିଜ ଅଞ୍ଚଳର ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଏହି ସ୍ଥାନୀୟ ଅଧିବାସୀମାନେ ସେମାନଙ୍କ ସଂସ୍କୃତି, ଧର୍ମ, ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥାରେ ଦୃଷ୍ଟି ଆକର୍ଷଣ କଲାପରି ପୃଥକ ଏବଂ ବିଭିନ୍ନ । ତଥାପି ସେମାନେ ବାହାର ଦୁନିଆ ଦ୍ୱାରା ନିର୍ଯ୍ୟାତିତ ହେଉଛନ୍ତି । କେତେକଙ୍କ ଦ୍ୱାରା ସେମାନେ ଐଶ୍ୱରୀକ ମୂଲ୍ୟବୋଧର ପ୍ରତିମୂର୍ତ୍ତି ଭାବରେ ଚିତ୍ରିତ ହୁଅନ୍ତି । ଅନ୍ୟ କେତେକଙ୍କ ଦ୍ୱାରା ସେମାନେ ଅର୍ଥନୈତିକ ପ୍ରଗତିର ପ୍ରତିରୋଧକାରୀ ଭାବରେ ଚିହ୍ନିତ ହୁଅନ୍ତି । ସେମାନେ ନିଜର ସ୍ୱତନ୍ତ୍ର ସଂସ୍କୃତିକୁ ଆଦର କରନ୍ତି । ସେମାନେ ହେଉଛନ୍ତି ଅତୀତର ଉପନିବେଶବାଦର ନିଷ୍ପିଡୀତ ମଣିଷ । ସେମାନଙ୍କ ମଧ୍ୟରୁ କେତେକ ନିଜ ପାରମ୍ପରିକ ପ୍ରଥା ଅନୁଯାୟୀ ବଞ୍ଚିଥାନ୍ତି, କେତେକ ଆର୍ଥିକ ସାହାଯ୍ୟ ପାଆନ୍ତି, କେତେକ କାରଖାନାମାନଙ୍କରେ କାମ କରନ୍ତି, କେତେକ ଅନ୍ୟକିଛି ବୃତ୍ତି ଗ୍ରହଣ କରିଥାନ୍ତି । ବସବାସ କରୁଥିବା ସ୍ଥାନ ସହିତ ସେମାନେ ନିବିଡ଼ ଆତ୍ମିୟତା ରଖନ୍ତି ଏବଂ ସେମାନଙ୍କ ମଧ୍ୟରେ ଦିଆନିଆର ସହଯୋଗୀତା ପୂର୍ଣ୍ଣ ମନୋଭାବ ରହିଥାଏ । ସେମାନେ ବଞ୍ଚିଥିବା ଜୀବନ ପ୍ରତି ଏବଂ ସେହି ଜୀବନର ସହାୟକ ହୋଇଥିବା ମାଟି ପ୍ରତି ସେମାନଙ୍କ ଭିତରେ ଯଥେଷ୍ଟ ସମ୍ମାନ ବୋଧ ରହିଥାଏ ।

ଭାରତରେ ଏହି ଜନଜାତିକୁ ସାଧାରଣତଃ ଆଦିବାସୀ କୁହାଯାଏ । ଯାହା ସର୍ବପ୍ରଥମ ଅଧିବାସୀଙ୍କୁ ସୂଚିତ କରେ । ଭାରତର ପ୍ରାଚୀନ ଏବଂ ମଧ୍ୟଯୁଗୀୟ ସାହିତ୍ୟରେ ଉଲ୍ଲିଖିତ ହୋଇଛି ଯେ ବହୁ ସଂଖ୍ୟକ ଆଦିବାସୀ ଭାରତରେ ବାସ କରୁଥିଲେ । ବ୍ରାହ୍ମଣ୍ୟ ଯୁଗରେ ଜାତି ପ୍ରଥା ପ୍ରଚଳିତ ହେବା ପୂର୍ବରୁ ଲୋକମାନେ ବିଭିନ୍ନ ଜାତିରେ ବିଭାଜିତ ହେଲେ ।

ଭାରତ ସରକାର ୪୨୭ଟି ସମ୍ପ୍ରଦାୟକୁ ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି । ଏମାନେ ତଫସିଲଭୁକ୍ତ ଜନଜାତି ଭାବରେ ପରିଚିତ ହୋଇଛନ୍ତି । ଭାରତର ସମ୍ବିଧାନରେ ସେମାନଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଏବଂ ସୁବିଧା ସୁଯୋଗ ଦିଆଯାଇଛି ।

ସଂଖ୍ୟା କ୍ରମରେ ଗଣ୍ଡ, ଭୀଲ ଏବଂ ସାନ୍ତାଳ ହେଉଛନ୍ତି ତିନୋଟି ପ୍ରମୁଖ ଜାତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜାତିର ଲୋକ ସଂଖ୍ୟା ୩୦ ଲକ୍ଷରୁ ଉର୍ଦ୍ଧ୍ୱ । ତାଙ୍କ ପରେ ପ୍ରତ୍ୟେକଙ୍କର ୫ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ମିନ ଓ ମୁଣ୍ଡା ଜାତି ଓ ଅରଗନ ଜାତି । ତାପରେ ପ୍ରତ୍ୟେକ ଏକରୁ ପାଞ୍ଚଲକ୍ଷ ଜନସଂଖ୍ୟା ବିଶିଷ୍ଟ ଆହୁରି ୪୨ଟି ଜାତି ଅଛନ୍ତି ।

ଭାରତର ସମ୍ବିଧାନରେ ଅଭିବ୍ୟକ୍ତ ହୋଇଥିବା ଆଦିବାସୀ ତଥା ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୮.୪୩ କୋଟି । ୨୦୦୧ ମସିହା ଜନଗଣନା ଅନୁଯାୟୀ ଏହା ଭାରତର ସମୁଦାୟ ଲୋକସଂଖ୍ୟାର ୮.୨ ପ୍ରତିଶତ ଅଟେ ।

ଆଦିବାସୀଙ୍କ ବିତରଣ ଓ ବିଭିନ୍ନତା ଦୃଷ୍ଟିରୁ ଭାରତକୁ ସାତଟି ଅଞ୍ଚଳରେ ଭାଗ କରାଯାଇପାରେ ।

**୧. ଉତ୍ତରାଞ୍ଚଳ** – ହିମାଚଳ ପ୍ରଦେଶ, ପଞ୍ଜାବ, ଉତ୍ତର ପ୍ରଦେଶରେ ଥିବା ହିମାଳୟର ଉପାଞ୍ଚଳ, ବିହାରରେ ଏହି ଅଞ୍ଚଳ ବ୍ୟାପ୍ତ ହୋଇଛି । ଖାସ (Khasa), ଥରୁ (Tharu), ଭୋକ୍‌ସ (Bhoksa), ଭୋଟିଆ(Bhotia), ଗୁଜ୍ଜର (Gujjar) ଏବଂ ଯଉନସାରି (Jaunsari) ହେଉଛନ୍ତି ଏହି ଅଞ୍ଚଳର କେତୋଟି ପ୍ରମୁଖ ଜନଜାତି । ଖାସମାନେ ବହୁପତି ବିବାହ କରୁଥିବା ଜାତି ଅଟନ୍ତି । ଭୋଟିଆମାନେ ଗାଲିଚା (Carpet) ତିଆରି କରନ୍ତି ଏବଂ ଭାରତ–ଚୀନ ସୀମାନ୍ତ ଅଞ୍ଚଳରେ ବ୍ୟବସାୟ କରନ୍ତି । ଗୁଜ୍ଜରମାନେ ହେଉଛନ୍ତି ପଲ୍ଲୀ ଜୀବନ ବିତାଉଥିବା ସମ୍ପ୍ରଦାୟ । ଦୁର୍ଗମ ଅଞ୍ଚଳ, ଯୋଗାଯୋଗ ସୁବିଧାର ଅଭାବ, ଦାରିଦ୍ର୍ୟ, ନିରକ୍ଷରତା, ଜମି ଅଧିକାରରୁ ବଞ୍ଚିତ ହେବା ପ୍ରଭୃତି ଏହି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କର ପ୍ରଧାନ ସମସ୍ୟା ।

**୨. ଉତ୍ତର ପୂର୍ବାଞ୍ଚଳ** – ସାତଟି ଉତ୍ତର ପୂର୍ବାଞ୍ଚଳରେ ଥିବା ରାଜ୍ୟଗୁଡ଼ିକ ନେଇ ଏହି ଅଞ୍ଚଳ ବ୍ୟାପ୍ତ । ନାଗା, ଖାସୀ ଗାରୋ ମିଶିଂ, ମିରି, କାର୍ବ ଏବଂ ଆପାସଇସ (Apatauis) ହେଉଛନ୍ତି ଏହି ଅଞ୍ଚଳର ଜନଜାତି ଗୋଷ୍ଠୀ । ପରିବର୍ତ୍ତିତ, ପରିବର୍ତ୍ତନଶୀଳ କୃଷିକର୍ମ ଦ୍ୱାରା ପରିବେଶର ଅଧୋଗତି ଏବଂ ଯୋଗାଯୋଗ ସୁବିଧା ନଥିବାରୁ ଅଗମ୍ୟ ହୋଇ ରହିବା ଏହି ଅଞ୍ଚଳର ଅଧିବାସୀମାନଙ୍କର ପ୍ରଧାନ ସମସ୍ୟା । ପ୍ରବଳ ବିଚ୍ଛିନ୍ନତା କାରଣରୁ ଭାରତୀୟଙ୍କ ମୁଖ୍ୟଧାରା ସହିତ ଏହି ଜାତି ଇତିହାସରେ ଅଂଶ ଗ୍ରହଣ କରିବା ପରିବର୍ତ୍ତେ ପଡ଼ୋଶୀ ସମ୍ପ୍ରଦାୟ ସହିତ ଇତିହାସରେ ଅଂଶ ଗ୍ରହଣ କରିଛନ୍ତି । ଭାରତର ମୁଖ୍ୟ ସ୍ରୋତ ପ୍ରତି ଏହି ଜାତି ଭିତରେ କାହିଁକି ବୈରତା ରହିଛି ତାହା ଏଥିରୁ ଜଣାଯାଏ ।

**୩. କେନ୍ଦ୍ରୀୟ ଅଞ୍ଚଳ** – ଏହି ଅଞ୍ଚଳରେ ଆଦିବାସୀ ଜାତି 'ପୁଞ୍ଜ'ଙ୍କର ସର୍ବାଧିକ ଗୁରୁତ୍ୱ ରହିଛି । ଏହା ମଧ୍ୟପ୍ରଦେଶର ଦକ୍ଷିଣ ଭାଗଠାରୁ ଦକ୍ଷିଣ ବିହାରରୁ ଉତ୍ତର ଓଡ଼ିଶା ମଧ୍ୟଦେଇ ସମ୍ପ୍ରସାରିତ ହୋଇଛି । ଏହି ଅଞ୍ଚଳରେ ବାସ କରୁଥିବା ଅଧିକାଂଶ ଆଦିବାସୀ ହେଉଛନ୍ତି ସାନ୍ତାଳ, ହୋ, ବାଇଗ, ଆଭୁଜନରିଆ, ମୁରିଆ, ମୁଣ୍ଡା ଏବଂ ବିରହୋର । ଏମାନେ ଭୂମିହୀନ ହୋଇଥିବାରୁ ଋଣଗ୍ରସ୍ତ ହୁଅନ୍ତି । ଏହାହିଁ ସେମାନଙ୍କର ମୂଖ୍ୟ ସମସ୍ୟା । ଏହି ଜନଜାତିଙ୍କ ମଧ୍ୟରୁ ସାନ୍ତାଳମାନେ ତାଙ୍କ ନିଜର ଲିପି ଆବିଷ୍କାର କରିଛନ୍ତି । ଏହାକୁ ଓଲେଚିକି କୁହାଯାଏ । ବାଇଗ ମାନେ ହେଉଛନ୍ତ ବଦଳ ଚାଷ କରୁଥିବା ଏକ ପ୍ରମୁଖ ଜାତି । ଏହି ଅଞ୍ଚଳରେ ବିରହୋର ଏକ ଅତ୍ୟନ୍ତ ପଛୁଆ ବର୍ଗର ଜାତି ଏବଂ ସେମାନଙ୍କର କୌଣସି ନିରାପଦ ଜୀବିକା ନଥାଏ । ସେମାନେ ବିଲୁପ୍ତ ହୋଇଯିବାର ଭୟ ରହିଛି ।

**୪. ଦକ୍ଷିଣାଞ୍ଚଳ** – ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକକୁ ସଂଯୋଗ କରୁଥିବା ପାହାଡ଼ିଆ ଅଞ୍ଚଳ ନୀଳଗିରି ଏହି ଅଞ୍ଚଳର ଅନ୍ତର୍ଭୁକ୍ତ । ଏହି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ ସବୁଠାରୁ ଛୋଟ, ସବୁଠାରୁ ଅନୁନ୍ନତ ଏବଂ ସବୁଠାରୁ ଅଲଗା ହୋଇ ରହିଥିବା ଜାତି । ଟୋଡ଼ା, କୋୟା, ଚେଞ୍ଚୁ ଏବଂ ଅଲାରମାନେ ହେଉଛନ୍ତି ଏହି ସମ୍ପ୍ରଦାୟ । ଟୋଡାମାନେ ପଶୁପାଳନ ଏବଂ ସେମାନେ ମଇଁଷି ପାଳନ କରନ୍ତି । ଅଲାରମାନେ ଗୁମ୍ଫାରେ ଏବଂ ଗଛ ଉପରେ ମଧ ବାସ କରନ୍ତି । ଚେଞ୍ଚୁମାନେ ଏକ ଅତ୍ୟନ୍ତ ଅନୁନ୍ନତ ଜାତି, ଯେଉଁମାନେ ମୁଖ୍ୟତଃ ଶିକାର କରି ଜୀବନ ଧାରଣ କରନ୍ତି । ବଦଳ ଚାଷ, ଅନୁନ୍ନତ ଆର୍ଥିକ ସ୍ଥିତି, ବିଚ୍ଛିନ୍ନତା, ଯୋଗାଯୋଗ ନଥିବା, ସେମାନଙ୍କ ଭାଷା ବିଲୁପ୍ତିର ଆଶଙ୍କା – ଏହାହିଁ ଏହି ଜାତିର ମୁଖ୍ୟ ସମସ୍ୟା ।





**୫. ପୂର୍ବାଞ୍ଚଳ** – ପଶ୍ଚିମବଙ୍ଗ ଓ ଓଡ଼ିଶା ଏହି ଅଞ୍ଚଳର ଅନ୍ତର୍ଗତ ଏବଂ ଏହାର ଆଦିମ ଅଧିବାସୀ ହେଉଛନ୍ତି ପରଜା, କନ୍ଧ, ବଣ୍ଡା, ଭୁମିୟା, ଗଦବା, ଭୁୟାଁ ଏବଂ ଶଅର (sqoras) । ଅନୁନ୍ନତ ଆର୍ଥିକ ସ୍ଥିତି, ଜଙ୍ଗଲ ବିଭାଗ କର୍ମଚାରୀ ଓ ଠିକାଦାରଙ୍କ ଅତ୍ୟାଚାର, ଜମି ନଥିବା (ଭୂମିହୀନ ହୋଇଥିବା), ରୋଗଗ୍ରସ୍ତ ହେବା, ଶିଳ୍ପାୟନ ଯୋଗୁ ସ୍ଥାନାନ୍ତରିତ ହେବା ପ୍ରଭୃତି ଏହି ଜନଜାତିଙ୍କର ମୁଖ୍ୟ ସମସ୍ୟା ଅଟେ ।

**୬. ପଶ୍ଚିମାଞ୍ଚଳ** – ରାଜସ୍ଥାନ ଏବଂ ଗୁଜୁରାଟ ଏହି ଅଞ୍ଚଳ ଅନ୍ତର୍ଭୁକ୍ତ ଅଟେ । ଏହି ଅଞ୍ଚଳରେ ଭିଲ୍ଲ, ଗରାସିଆ, ମିନା ଜାତି ଦେଖାଯାଆନ୍ତି । ମିନାମାନେ ବହୁତ ଉନ୍ନତ ଏବଂ ଉଚ୍ଚଶିକ୍ଷିତ ଜାତି ଅଟନ୍ତି ।

**୭. ଦ୍ୱୀପାଞ୍ଚଳ** – ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଡାମନ ଓ ଡିଉ ଏ ଅଞ୍ଚଳ ଅନ୍ତର୍ଭୁକ୍ତ । ଆଣ୍ଡାମାନ, ଶାନ୍ତିନେଲେସି, ଜରଓ୍ୱା, ଓଙ୍ଗେସ୍, ନିକୋବରି ଏବଂ ଶାମ୍ପେନ ହେଉଛନ୍ତି ଏହି ଅଞ୍ଚଳର ଅଧିବାସୀ । ଏହି ଜାତିମାନଙ୍କ ମଧ୍ୟରୁ କେତେକ ଅତ୍ୟଧିକ ଅନୁନ୍ନତ ଏବଂ ପ୍ରସ୍ତର ଯୁଗର ଜୀବନ ଯାପନ ଶୈଳୀରୁ ବାହରି ଆସିବା ପାଇଁ ସଂଘର୍ଷରତ । ଏମାନଙ୍କ ମଧ୍ୟରୁ ଅଧିକାଂଶ ନିମ୍ନ ବର୍ଗଭୁକ୍ତ ହୋଇଛନ୍ତି ଯେଉଁମାନେ କି ବିଲୁପ୍ତ ପ୍ରାୟ ସ୍ଥିତିରେ ରହିଛନ୍ତି । ବଞ୍ଚି ରହିବାର ସମସ୍ୟା ବ୍ୟତୀତ, ରୋଗଗ୍ରସ୍ତ ଅବସ୍ଥା ଏବଂ ଉପଯୁକ୍ତ ଖାଦ୍ୟସାର ଅଭାବ ହେଉଛି ଏହି ଅଧିବାସୀମାନଙ୍କର ଅନ୍ୟ କେତେକ ସମସ୍ୟା ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ସୁବିଧାଜନକ ସ୍ଥିତିକୁ ଆଣିବା ପାଇଁ ଆଦିବାସୀଙ୍କୁ ନିରାପତ୍ତା ଯୋଗାଇ ଦେବାକୁ ଏବଂ ସେମାନଙ୍କ ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଜନଜାତି ଉପଯୋଜନା ଆରମ୍ଭ ହୋଇଥିଲା । ଆଦିବାସୀଙ୍କ ପ୍ରତି ହେଉଥିବା ଅତ୍ୟାଚାରର ମୂଳୋତ୍ପାଟନ, ସାମାଜିକ – ଆର୍ଥିକ ଅବସ୍ଥାର ଉନ୍ନତି ସହିତ ଜୀବନ ଯାପନ ଶୈଳୀରେ ଉନ୍ନତି ଆଣିବା ଏହି ଯୋଜନାର ଅଭିପ୍ରାୟ ।

## ପାଠଗତ ପ୍ରଶ୍ନାବଳୀ ୧୯.୪

୧. ଆଦିବାସୀଙ୍କର ଦୁଇଟି ଗୁଣ ଦର୍ଶାଅ ।

_______________

୨. ସ୍ଥାନୀୟ ଲୋକ କେଉଁମାନେ ?

_______________

୩. ଭାରତରେ ଆଦିବାସୀଙ୍କ ପାଇଁ କେଉଁ ଶବ୍ଦ ବ୍ୟବହୃତ ହୁଏ ?

_______________

୪. କେତୋଟି ସମ୍ପ୍ରଦାୟକୁ ଭାରତରେ ଅନୁସୂଚିତ ଜନଜାତି ମାନ୍ୟତା ଦିଆଯାଇଛି ?

_______________

୫. ଶତକଡା କେତେ ଭାଗ ଆଦିବାସୀ ଜନସଂଖ୍ୟା ଭାରତରେ ଅଛନ୍ତି ।

_______________

୬. ଭାରତରେ ନିର୍ଦ୍ଧାରିତ ହୋଇଥିବା ଜନଜାତିଗୁଡ଼ିକ କ'ଣ ?

_______________

୭. ଅନୁସୂଚିତ ଜାତିଗୁଡ଼ିକୁ ଚିହ୍ନଟ କରିବାର ଦୁଇଟି ପରିମାପ କ'ଣ ?

________________________________________

୮. ଉତ୍ତର ଭାରତର ପ୍ରମୁଖ ଜନଜାତିଗୁଡ଼ିକ କ'ଣ ?

________________________________________

୯. ପୂର୍ବାଞ୍ଚଳରେ ରହୁଥିବା ଆଦିବାସୀଙ୍କ ପ୍ରଧାନ ସମସ୍ୟାଗୁଡ଼ିକ କ'ଣ ?

________________________________________

୧୦. ବହୁତ ଅଳ୍ପ ଲୋକସଂଖ୍ୟା ବିଶିଷ୍ଟ ଜନଜାତିଗୁଡ଼ିକର ନାମ ଲେଖ ?

________________________________________

୧୧. ଆଦିବାସୀ ଉପଯୋଜନା କାର୍ଯ୍ୟ କେବେ ଆରମ୍ଭ ହୋଇଥିଲା ?

________________________________________

୧୨. ଆଦିବାସୀ ଉପଯୋଜନା କ'ଣ ? ଏବଂ ଏହାର ଅଭିପ୍ରାୟ କ'ଣ ?

________________________________________

## ତୁମେ କ'ଣ ଶିଖିଲ ?

- ଅଞ୍ଚଳ, ଭାଷା ଏବଂ ଧର୍ମ ଭିତ୍ତିରେ ଭାରତ ଏକ ବହୁବିଧ ପରିଚୟ ଥିବା ଦେଶ ଏବଂ ପ୍ରତ୍ୟେକ ପରିଚୟରେ ରହିଛି ସ୍ୱତନ୍ତ୍ର ସାମାଜିକ ଗଠନ, ଯାହା ଯୁଗ ଯୁଗ ଧରି ସ୍ୱାଭାବିକ ପ୍ରକ୍ରିୟାରେ ବିକଶିତ ହୋଇଆସୁଛି ।
- ସର୍ବପ୍ରାଚୀନ ସାମାଜିକ ସଂଗଠନ ଭାବରେ ଚିହ୍ନିତ ହୋଇଥିବା ଜନଜାତିଗୁଡ଼ିକ ବୈଦିକ ଯୁଗରୁ ସମ୍ଭୂତ ହୋଇଥିବାର ଜଣାଯାଏ ।
- ମଣିଷ ଜାତିରେ ପ୍ରାଥମିକ ପାର୍ଥକ୍ୟ ଶାରିରୀକ ରଙ୍ଗ ଭେଦରେ ଆରମ୍ଭ ହୋଇଥିଲା । ପରେ ଏହା ଜଟିଳ ବର୍ଣ୍ଣ ବୈଷମରେ ପରିଣତ ହେଲା । ଜାତିଗୁଡ଼ିକ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଏହି ଚାରିଟି ଶ୍ରେଣୀରେ ବିଭାଜିତ ହେଲେ ।
- ବୈଦିକ ଯୁଗର ପରବର୍ତ୍ତୀ ସମୟରେ ବୌଦ୍ଧ ଓ ଜୈନ ଧର୍ମର ଅଭ୍ୟୁଦୟ ହେବା ସହିତ, ଭାରତରେ ଶକ, କୁଶାଣ, ପାର୍ଥୀଆନ ଏବଂ (ଭାରତ–ଗ୍ରୀକ) ଇଣ୍ଡୋଗ୍ରିକମାନଙ୍କର ପ୍ରବେଶ ଫଳରେ ବର୍ଣ୍ଣ ବା ଜାତିପ୍ରଥାରେ ଆହୁରି ଅନେକ ପରିବର୍ତ୍ତନ ଆସିଲା ।
- ଅଷ୍ଟମ ଶତାବ୍ଦୀ ପରେ ଅଞ୍ଚଳ ଗଠନ ଏବଂ ଅଞ୍ଚଳ ପ୍ରତି ସଚେତନତା ସୃଷ୍ଟି ହେବା ସହିତ ଜାତିପ୍ରଥାରେ ଆଞ୍ଚଳିକ ବିଭିନ୍ନତା ଆସିବାରୁ ଏହା ଆହୁରି ଅଧିକ ଜଟିଳ ହେଲା ଏବଂ ଜାତି ଓ ଉପଜାତିଗୁଡ଼ିକର ସଂଖ୍ୟା ବିଭିନ୍ନ କାରଣରୁ ବୃଦ୍ଧି ପାଇଲା ।
- ବୈଦିକ ଯୁଗର ଶେଷ ଭାଗରେ ସବୁଠାରୁ ଘୃଣ୍ୟକାର୍ଯ୍ୟ ଅସ୍ପୃଶ୍ୟତା ଆରମ୍ଭ ହୋଇଥିଲା । ବୌଦ୍ଧଯୁଗରେ ଏହା ପୃଥକ ପରିଚୟର ରୂପ ଗ୍ରହଣ କରିଥିଲା ।

- ଭାରତରେ ଦାସତ୍ୱ ପ୍ରଥା ପ୍ରଚଳିତ ଥିଲା । କିନ୍ତୁ ଏହା ପୁରାତନ ଗ୍ରୀକ ଓ ରୋମରେ ଥିବା ଦାସତ୍ୱ ପ୍ରଥାଠାରୁ ଭିନ୍ନ ଥିଲା ।
- ପୁରୁଷାର୍ଥ, ଆଶ୍ରମ ଏବଂ ସଂସ୍କାର – ଏହା ପରସ୍ପର ସହିତ ସଂଯୁକ୍ତ ତିନିଗୋଟି ଚିନ୍ତା କଳ୍ପ ଅଟେ ।
- ଏକ ପକ୍ଷରେ ପ୍ରତିପତ୍ତିଶାଳୀ କୃଷକ ଶ୍ରେଣୀ ଏବଂ ଅନ୍ୟପକ୍ଷରେ ସେବକ ଓ କାରିଗର ଜାତି ମଧ୍ୟରେ ଥିବା ସମ୍ପର୍କ ଆଧୁନିକ ଯୁଗପର୍ଯ୍ୟନ୍ତ ରହିଥିଲା । କିନ୍ତୁ ଆଜିକାଲି ଏହା, ମୁଦ୍ରା ନିୟନ୍ତ୍ରଣ ପ୍ରକ୍ରିୟା, ସହରୀକରଣ ଏବଂ ଶିଳ୍ପାୟନ ପ୍ରଭାବରେ ଭାଙ୍ଗି ପଡୁଛି ।
- ବିବାହ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ପଦ୍ଧତି । ଭିନ୍ନ ଭିନ୍ନ ଜାତି/ବର୍ଣ୍ଣ ଭିତ୍ତିରେ ଏହା ଦୁଇ ପ୍ରକାର, ଯଥା – ଅନୁଲୋମ ଓ ପ୍ରତିଲୋମ । ଏକ ପତ୍ନୀ ବିବାହ, ବହୁପତ୍ନୀ ବିବାହ, ବହୁପତି ବିବାହ ପ୍ରଥାଗୁଡ଼ିକ ପତ୍ନୀଙ୍କ ସଂଖ୍ୟା ଉପରେ ପର୍ଯ୍ୟବସିତ । ଭାରତ ଇତିହାସରେ ସବୁପ୍ରକାର ବିବାହ ଦେଖାଯାଏ ।
- ପ୍ରଚଳିତ ପାରମ୍ପରିକ ଭାରତୀୟ ପରିବାରଗୁଡ଼ିକ ଯୌଗିକ ପରିବାର ଅଟେ । ଏହା ପବିତ୍ର ନିୟମ ଓ ପ୍ରଥାର ଦୁଇଟି ମୌଳିକ ବିଭାଗ ଦ୍ୱାରା ପରିଚାଳିତ ହୁଏ । ଏହି ଦୁଇଟି ବିଭାଗ ହେଉଛନ୍ତି 'ମିତାକ୍ଷର' ଏବଂ ଦୟାଭାଗ ।
- ଭାରତ ଇତିହାସରେ ସ୍ତ୍ରୀଲୋକଙ୍କର ସ୍ଥିତି ଏକ କ୍ରମ ବର୍ଦ୍ଧିତ ଅବନତିର କାହାଣୀ ହୋଇଆସିଛି । ଆଧୁନିକ ଯୁଗ ପର୍ଯ୍ୟନ୍ତ ଏହିସ୍ଥିତି ଅବ୍ୟାହତ ରହିଥିଲା । ଆଧୁନିକ ଯୁଗରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଫଳରେ ଏବଂ ସାମାଜିକ ଓ ଧାର୍ମିକ ସଂସ୍କାର ମାଧ୍ୟମରେ ସେମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଗଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ଭାରତର ବହୁବିଧ ପରିଚୟର ଉତ୍ସକୁ ବର୍ଣ୍ଣନା କର ।

୨. ବର୍ଣ୍ଣ ଏବଂ ଜାତି ପ୍ରଥା ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

୩. ଭାରତରେ ଥିବା ଜାତି ପ୍ରଥା କେଉଁପରି, ତାହା ଆଲୋଚନା କର ।

୪. ପୁରୁଷାର୍ଥ, ଆଶ୍ରମ ଏବଂ ସଂସ୍କାର କିପରି ପରସ୍ପର ସହିତ ସମ୍ପର୍କୀତ ତାହା ବର୍ଣ୍ଣନା କର ।

୫. ଭାରତୀୟ ସମାଜରେ ପ୍ରଚଳିତ ଥିବା ବିଭିନ୍ନ ପ୍ରକାର ବିବାହ ପଦ୍ଧତିଗୁଡ଼ିକୁ ଦର୍ଶାଅ ।

୬. ଭାରତୀୟ ସମାଜର ଇତିହାସରେ ସ୍ତ୍ରୀ ଲୋକଙ୍କର ସ୍ଥିତିକୁ ଆକଳନ କର ।

୭. ଯଜମାନୀ ପ୍ରଥା କ'ଣ ? ଆଜିକାଲି ଏହା କାହିଁକି ଭାଙ୍ଗି ପଡ଼ିଛି ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୯.୧

୧. ଜନଜାତି (ଆଦିମ ଅଧିବାସୀ ବା ଆଦିବାସୀ)

୨. ଭରତ, ପୁରୁ, ଯଦୁ ଇତ୍ୟାଦି (ଯେକୌଣସି ଦୁଇଟି)

୩. ଦୁଇଥର ଜନ୍ମ ନେଇଥିବା

୪. ଶୁକ, କୁଶାଣ, ପାରଥିଆନ, ଭାରତୀୟ ଗ୍ରୀକ (Indo-Greek)

୫. ମଧ୍ୟବର୍ତ୍ତୀ କାଳ

**୧୯.୨** ୧. ଅସ୍ପୃଶ୍ୟତା ୨. ହରିଜନ ୩. ମେଗାସ୍ଥିନିସ୍ ୪. ଅର୍ଥଶାସ୍ତ୍ର ୫. ଆଶ୍ରମ

୬. ସହରୀକରଣ ଓ ଶିଳ୍ପାୟନ

**୧୯.୩** ୧. ଭିନ୍ନ ବର୍ଣ୍ଣ/ଜାତି ମଧ୍ୟରେ ବନ୍ଧୁତା ସ୍ଥାପନ ଉପରେ ତାହା ପର୍ଯ୍ୟବେସିତ ।

୨. ଏକ ବିବାହ ଯେଉଁଥିରେ ଜଣେ ମଣିଷ କେବଳ ଜଣକୁ ବିବାହ କରେ ।

୩. 'ମିତାକ୍ଷର' ଓ 'ଦୟାଭାଗ'

୪. 'ସ୍ତ୍ରୀ ଧନ'

**୧୯.୪** ୧. (କ) ବହୁପୁରାତନ କାଳର ଭୂମିତଥ୍ୟ ଭିତରେ ଆଦିବାସୀଙ୍କ ମୂଳଦୁଆ ରହିଛି ।

(Tribes have their roots in the soil data back to a very early period)

(ଖ) ବଣ ପାହାଡ଼ ଭିତରେ ଏକାନ୍ତରେ ସେମାନେ ବସବାସ କରନ୍ତି ।

୨. ଜନଜାତି (ଆଦିବାସୀ)

୩. ଆଦିବାସୀ

୪. ୪୨୭ ଟି ସମ୍ପ୍ରଦାୟ

୫. ୮.୨ ଶତାଂଶ

୬. ଦୂର ବଣପାହାଡ଼ର ନିଭୃତ ଅଞ୍ଚଳରେ ଅଲଗା ହୋଇ ବାସକରୁଥିବା ଭାରତୀୟ ଜନତାର ଏକ ଅନୁନ୍ନତ ଶ୍ରେଣୀର ଉନ୍ନତି ପାଇଁ ରାଜନୈତିକ ଓ ପ୍ରଶାସନିକ ବିଚାରଶୀଳତାରେ ଦୃଢ଼ ନିଷ୍ପତ୍ତି ନିଆଯାଇଛି ।

୭. ଆପେକ୍ଷିକ ବିଚ୍ଛିନ୍ନତା ଏବଂ ଅନୁନ୍ନତ ଅବସ୍ଥା

୮. ଖସ, ଥରୁ, ଭୋକସା, ଭୋଟିଆ, ଗୁଜ୍ଜର ଏବଂ ଜଉନ୍ସାରି

୯. ଆର୍ଥିକ ଅନୁନ୍ନତ ଅବସ୍ଥା, ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ଠିକାଦାରଙ୍କ ଶୋଷଣ, ଭୂମିହୀନ ହୋଇଥିବା, ରୋଗଗ୍ରସ୍ତ ହେବା, ଶିଳ୍ପାୟନ (ଶିଳ୍ପ ଯୋଜନା)କାରଣରୁ ବିସ୍ଥାପିତ ହେବା ।

୧୦. ପ୍ରାଚୀନ ଆଣ୍ଡାମାନ ଅଧିବାସୀ (ଆଣ୍ଡାମାନୀ), ଯରୱା, ନିକୋବର ଅଧିବାସୀ ଏବଂ ଶାମ୍ପୁର

୧୧. ପଞ୍ଚମ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ।

୧୨. ଏହା ବ୍ୟାପକ, ଭଲଭାବରେ ସଂଯୋଗିତ ଏବଂ ଅଖଣ୍ଡ କାର୍ଯ୍ୟକ୍ରମ । ଜନଜାତିଙ୍କ ପ୍ରତି କରାଯାଉଥିବା ଶୋଷଣ ତଥା ଅନ୍ୟାୟ ଉପଯୋଗକୁ ଲୋପକରିବା, ସେମାନଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା, ସମାଜର ଅନ୍ୟ ବର୍ଗ ଓ ଆଦିବାସୀଙ୍କ ଉନ୍ନତି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ ସେମାନଙ୍କ ଜୀବନ ଧାରଣ ଶୈଳୀରେ ଉନ୍ନତି ଆଣିବା ହେଉଛି ଏହି କାର୍ଯ୍ୟକ୍ରମର ଅଭିପ୍ରାୟ ।

# ୨୦
# ଆଧୁନିକ ଭାରତରେ ସାମାଜିକ – ସଂସ୍କୃତି ପ୍ରସଙ୍ଗ

ପୂର୍ବ ଅଧ୍ୟାୟରେ ତୁମେ ଭାରତର ସାମାଜିକ ଗଠନ ସମ୍ବନ୍ଧରେ ଅବଗତ ହୋଇଅଛ । ଭାରତର ଆଦିବାସୀ ସଂପ୍ରଦାୟଙ୍କ ସମ୍ବନ୍ଧରେ, ଗ୍ରାମ୍ୟ ଓ ସହରୀ ସମାଜ ସମ୍ବନ୍ଧରେ, ଜାତି ଓ ସମ୍ପ୍ରଦାୟ ପରିପ୍ରେକ୍ଷିରେ ସ୍ତରବିନ୍ୟାସ ସମ୍ବନ୍ଧରେ, ପରିବାର, ବିବାହ ଏବଂ ଭାରତୀୟ ସମାଜରେ ମହିଳାମାନଙ୍କର ଅବସ୍ଥା ତଥା ସ୍ଥିତି ସମ୍ବନ୍ଧରେ ମଧ୍ୟ ତୁମେ ପଢ଼ିଛ । ଭାରତୀୟ ସମାଜ କେତେଯୁଗ ମଧ୍ୟ ଦେଇ ଗତି କରିଛି ଏବଂ ବିଭିନ୍ନ କ୍ଷେତ୍ରରେ ଏହା ପ୍ରଗତି କରିଛି । ଭାରତୀୟ ସମାଜରେ ଆସିଥିବା ସଂସ୍କାର ସମ୍ବନ୍ଧରେ ମଧ୍ୟ ତୁମେ ପୂର୍ବପାଠରେ ପଢ଼ିଅଛ । ସେ ଯାହାହେଉ, ପ୍ରତ୍ୟେକ ସମାଜରେ କେତେକ ସାମାଜିକ ତଥା ସାଂସ୍କୃତିକ ପ୍ରସଙ୍ଗ ଥାଏ, ଯାହାକୁ ଅନୁଧ୍ୟାନ କରିବା ତଥା ସମାଧାନ କରିବାର ଆବଶ୍ୟକତା ରହିଛି । ଜନତାର, ବିଶେଷ କରି ସମାଜରେ ରହିଥିବା ଦୁର୍ବଳ, ଅସୁରକ୍ଷିତ ଶ୍ରେଣୀର, ଯେପରିକି ସ୍ତ୍ରୀଲୋକ, ପିଲା ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ନିରାପତ୍ତା ଆଜିକାଲିକାର ଭାରତୀୟ ସମାଜରେ ଏକ ପ୍ରଧାନ ସାମାଜିକ, ସଂସ୍କୃତିକ ପ୍ରସଙ୍ଗଗୁଡ଼ିକ ସମ୍ବନ୍ଧରେ ଏହି ଅଧ୍ୟାୟରେ ଆମେ ପଢ଼ିବା । ଜାତିପ୍ରଥା, ଯୌତୁକ ପ୍ରଥା, ସାମ୍ପ୍ରଦାୟିକତା, ପାନୀୟ ଜଳ ସମସ୍ୟା, ନିଶାସକ୍ତି ପ୍ରଭୃତି ଆଜିକାଲି ଆମ ସମାଜ ସଂସ୍କୃତିର ପ୍ରଧାନ ପ୍ରସଙ୍ଗ ଏବଂ ସେଗୁଡ଼ିକୁ ବର୍ତ୍ତମାନ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ଏଠାରେ ଆଲୋଚିତ ହେଉଥିବା ପ୍ରସଙ୍ଗଗୁଡ଼ିକ ବ୍ୟାପକ ନୁହେଁ । ସାଧାରଣ ଭାବରେ ଆମଦେଶ ଆହୁରି ଅନେକ ସମସ୍ୟା, ବିଶେଷତଃ ଆଞ୍ଚଳିକ ଓ ସାମ୍ପ୍ରଦାୟିକ ସମସ୍ୟାର ସମ୍ମୁଖୀନ ହେଉଛି । ଏହିସବୁ ସମସ୍ୟା ସମ୍ପର୍କରେ ଆମେ ସମସ୍ତେ ଚିନ୍ତା କରିବା ଉଚିତ । ସେହିପରି ଅନ୍ୟାନ୍ୟ ପ୍ରସଙ୍ଗର ଏକ ତାଲିକା ତୁମେ କରିପାରିବ କି ?

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେ ସମର୍ଥ ହେବ –

- ଆଜିକାଲିର ଭାରତୀୟ ସମାଜର ପ୍ରଧାନ ପ୍ରସଙ୍ଗ ତଥା ସମସ୍ୟାର ଏକ ତାଲିକା ପ୍ରସ୍ତୁତ କରିବା ।
- ଜାତିପ୍ରଥା, ଯୌତୁକପ୍ରଥା, ପଦାର୍ଥର ଅପବ୍ୟବହାର ପ୍ରଭୃତିର ଆଲୋଚନା କରିବା ।
- ପିଲା, ସ୍ତ୍ରୀଲୋକ ଓ ବୟସ୍କ ବ୍ୟକ୍ତିଙ୍କ ପରି ସମାଜର ଦୁର୍ବଳ ତଥା ଅସହାୟ ବର୍ଗ ସମ୍ବନ୍ଧୀୟ ପ୍ରସଙ୍ଗ ବା ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରିବା ।
- ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା ପରି ଅର୍ଥନୈତିକ ସମସ୍ୟାଗୁଡ଼ିକୁ ପରୀକ୍ଷାନିରିକ୍ଷା କରିବା ।

ଟିପ୍ପଣୀ

## ୨୦.୧ ଜାତିପ୍ରଥା

ପୂର୍ବ ଅଧ୍ୟାୟରେ ଚାରୋଟି ଜାତି ବିଭାଗ ଥିବା କଥା ତୁମେ ପଢ଼ି ସାରିଛ । ସେଗୁଡ଼ିକ ହେଲା – ୧. ବ୍ରାହ୍ମଣ, ୨. କ୍ଷତ୍ରିୟ, ୩. ବୈଶ୍ୟ, ୪. ଶୁଦ୍ର

ଭାରତରେ ଥିବା ଜାତିପ୍ରଥାର ମୂଳ ଭିତ୍ତି ପ୍ରାଚୀନ ଭାରତରେ ହିଁ ରହିଛି । ଠିକ୍ ଯେପରି ଆଶ୍ରମ ଧର୍ମ ପୃଥିବୀରେ ମଣିଷ ଜୀବନ ସମ୍ପର୍କୀତ ନିୟମ ଏବଂ କର୍ତ୍ତବ୍ୟ ସ୍ଥିର କରିଥାଏ । ସେହିପରି ବର୍ଣ୍ଣ ବା ଜାତିପ୍ରଥା ନିର୍ଦ୍ଦିଷ୍ଟ ଜାତି ଅର୍ନ୍ତଭୁକ୍ତ ହୋଇଥିବା ମଣିଷ ପାଇଁ ନିର୍ଦ୍ଦିଷ୍ଟ କର୍ମ ନିର୍ଦ୍ଧାରଣ କରିଛି । କିନ୍ତୁ ପ୍ରଥମେ ସମସ୍ତଙ୍କର ସାମାଜିକ ସ୍ଥିତି ଏକ ପ୍ରକାରର ଥିଲା ଏବଂ ସେମାନେ ନିଜ ଇଚ୍ଛାଅନୁସାରେ ଜୀବିକା ଅବଲମ୍ବନ କରୁଥିଲେ । ଖାଦ୍ୟ ଗ୍ରହଣ କରିବାରେ କିମ୍ବା ଭିନ୍ନ ବୃତ୍ତି ଧାରଣ କରିଥିବା ମଣିଷ ସହିତ ବିବାହ କରିବାରେ କୌଣସି ବାଧା ନଥିଲା । କିନ୍ତୁ କାଳକ୍ରମେ ବୃତ୍ତି ଗ୍ରହଣ କରିବାରେ କୌଳିକତା ଆରମ୍ଭ ହେବାରୁ ଏବଂ ଦାରିଦ୍ର୍ୟ ପ୍ରପିଡିତ ଲୋକଙ୍କ ସଂପର୍କରେ ଆସିବାରୁ ପରିସ୍ଥିତି ବଦଳିଗଲା । ମଣିଷର ଜନ୍ମ ଦ୍ୱାରା ଜାତି ନିର୍ଦ୍ଧାରିତ ହେଲା । ତେଣୁ ସେହି ସମୟରେ ବିକଶିତ ହୋଇଥିବା ଜାତିପ୍ରଥା ସାମାଜିକ ଓ ଅର୍ଥନୈତିକ ପ୍ରଗତିର ପରିଣାମ ଥିଲା । କିନ୍ତୁ ସମୟ ଅତିକ୍ରାନ୍ତ ହେବା ସହିତ ଏହା ସମାଜକୁ ଉଚ୍ଚ ଜାତି ଓ ନୀଚ ଜାତିରେ ବିଭାଜିତ ହେବାକୁ ବାଟ କଢ଼ାଇଲା । ଏହି ଦୁଇ ଶ୍ରେଣୀ ପରସ୍ପର ସହିତ ମିଶିପାରୁ ନଥିଲେ । ଭିନ୍ନ ଜାତି ସହିତ ଖାଇବା ଓ ବିବାହ କର୍ମକୁ ବାରଣ କରାଯାଇଥିଲା । ତଥାକଥିତ ନିମ୍ନଜାତିର ଲୋକେ ନିର୍ଯ୍ୟାତିତ ହେଉଥିଲେ ଏବଂ ସମୟ ଗଡ଼ିଚାଲିବା ସହିତ ଧୀରେ ଧୀରେ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ସେମାନେ ଦରିଦ୍ର ଥିଲେ ଏବଂ ସମାଜରେ ଅନ୍ୟ ବର୍ଗସହିତ ସମାନତା ପାଇନଥିଲେ । ଏପରିକି ଗ୍ରାମର ସାଧାରଣ କୂଅରୁ ପାଣି ନେବା ଅଧିକାର ସେମାନଙ୍କର ନଥିଲା । ସେମାନେ ମନ୍ଦିରକୁ ଯାଇପାରୁ ନଥିଲେ କିମ୍ବା ଉଚ୍ଚଜାତି ଲୋକଙ୍କ ପାଖକୁ ଆସିପାରୁ ନଥିଲେ । ଏହିପରି ବିଭିନ୍ନ ବୃତ୍ତିର ବଳିଷ୍ଠ ବିକାଶ ଜାତିପ୍ରଥା ଦ୍ୱାରା ବାଧାପ୍ରାପ୍ତ ହେଉଥିଲା । କାରଣ ଦକ୍ଷତା ନୁହେଁ, ନିର୍ଦ୍ଦିଷ୍ଟ ଜାତିରେ ଜନ୍ମନେବା ବୃତ୍ତି ଗ୍ରହଣ କରିବାର କାରଣ ଥିଲା ।

ଜାତିଗତ ବିଭେଦ ସମୟେ ସମୟେ ହିଂସା ଉଦ୍ରେକ କରୁଥିଲା । ଜାତିପ୍ରଥା ଯୋଗୁଁ ଆମ ଦେଶରେ ଗଣତନ୍ତ୍ରର କାର୍ଯ୍ୟପ୍ରକ୍ରିୟା କଷ୍ଟକର ହୋଇପଡ଼େ । ସମାଜ କେତେକ କୃତ୍ରିମ ଗୋଷ୍ଠୀରେ ବିଭାଜିତ ହୁଏ । ସେଗୁଡ଼ିକ ନିଜ ନିଜ ଜାତିର ପ୍ରାର୍ଥୀକୁ ସମର୍ଥନ କରନ୍ତି । ସେମାନେ ପ୍ରାର୍ଥୀଙ୍କର ଯୋଗ୍ୟତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ । ଭାରତରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏହା ଅନୁଚିତ ଅଟେ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟିତ ନହେଲେ ଆମ ଦେଶ ପ୍ରକୃତ ପ୍ରଗତି ହାସଲ କରିପାରିବ ନାହିଁ ।

ସ୍ୱାଧୀନତା ପରବର୍ତ୍ତୀ ସମୟ ଅର୍ଥାତ୍ ୧୯୪୭ ମସିହା ପରେ ଏହି ପ୍ରସଙ୍ଗଗୁଡ଼ିକ ପ୍ରତି ସରକାର ଧ୍ୟାନ ଦେଇଛନ୍ତି ଏବଂ ସମ୍ବିଧାନ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଛନ୍ତି । ଏହାର ପ୍ରତିରୋଧ ପାଇଁ ଆଇନ ପ୍ରଣୟନ ହୋଇଛି ଏବଂ ସାମାଜିକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ମଧ୍ୟ । ଏହି ସାମାଜିକ କାର୍ଯ୍ୟପନ୍ଥାରେ ସଂଗଠନ, N.G.O.S ଏବଂ ସାମାଜିକ ଗୋଷ୍ଠୀଗୁଡ଼ିକୁ ମଧ୍ୟ ସମ୍ପୃକ୍ତ କରାଯାଇଛି । ଏହି ପଦକ୍ଷେପମାନ ସମସ୍ୟା ସମାଧାନ କରିବାକୁ ବା ପରିସ୍ଥିତି ସୁଧାରିବାରେ ସାହାଯ୍ୟ କରିଛି । ତଥାପି ଆହୁରି ବହୁତ କିଛି କରିବାର ଆବଶ୍ୟକତା ରହିଛି ।

> ତୁମଠାରୁ ଭିନ୍ନ ଅନ୍ୟଏକ ସମ୍ପ୍ରଦାୟର ଜଣେ ଲୋକ ଘରକୁ ଯାଅ । ତାଙ୍କ ଜୀବନଯାପନ ଶୈଳୀ ଏବଂ ଖାଦ୍ୟାଭାସରେ ତୁମେ କୌଣସି ଭିନ୍ନତା ଲକ୍ଷ କରୁଛ କି ? ଏହିସବୁ ପରିପ୍ରେକ୍ଷୀରେ ଥିବା ଭିନ୍ନତା ଏବଂ ସମତା ଦର୍ଶାଇ ଏକ ଛୋଟ ରଚନା ଲେଖ ।





## ୨୦.୨ ମହିଳା ସମ୍ପର୍କିତ ପ୍ରସଙ୍ଗ

ଆମ ସମ୍ବିଧାନ ପ୍ରତ୍ୟେକ କ୍ଷେତ୍ରରେ ଉଭୟ ସ୍ତ୍ରୀ ଏବଂ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନ କରିଛି । ଆଜିକାଲି ସ୍ତ୍ରୀଲୋକମାନେ ଭୋଟ ଅଧିକାର ପାଇଛନ୍ତି । ଉତ୍ତରାଧିକାରୀ ଭାବରେ ସମ୍ପତ୍ତି ଅଧିକାର ମଧ୍ୟ ସେମାନଙ୍କୁ ଦିଆଯାଇଛି । ବାସ୍ତବରେ ଆମ ସମ୍ବିଧାନ ଅନୁସାରେ ସରକାର ଆମ ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତି ତଥା ସ୍ୱାର୍ଥ ସାଧନ ପାଇଁ ବିଶେଷ ଭାବରେ ଯତ୍ନଶୀଳ ହେବା ଉଚିତ । ଆମ ଦେଶ ସ୍ୱାଧୀନ ହେବା ପରଠାରୁ ସ୍ତ୍ରୀ ଲୋକଙ୍କର ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ କରାଯାଇଛି । ଏହି ଆଇନଗୁଡ଼ିକ ବିବାହ ସମ୍ପତ୍ତି ଅଧିକାର, ବିବାହ ବିଚ୍ଛେଦ, ଯୌତୁକ ପ୍ରଭୃତି ସମ୍ପର୍କରେ ତିଆରି ହୋଇଛି । ୧୯୭୬ ମସିହାରେ ଉଭୟ ପୁରୁଷ ଓ ସ୍ତ୍ରୀ ଲୋକଙ୍କୁ ସମାନ କାର୍ଯ୍ୟପାଇଁ ସମାନ ପାରିତୋଷିକ (ପାରିଶ୍ରମିକ) ଦେବାପାଇଁ, ସମାନ ପାରିଶ୍ରମିକ ଆଇନ୍ ଗୃହୀତ ହୋଇଛି ।

ନିକଟରେ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ସରକାର ଏକ କାର୍ଯ୍ୟକ୍ରମ ବା ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନା 'Ladli' ନାମରେ ଅଭିହିତ । ଏହି ଯୋଜନାରେ କନ୍ୟା ସନ୍ତାନଟିଏର ଜନ୍ମ ସମୟରେ କିଛି ପରିମାଣର ଅର୍ଥ ପୃଥକ ଭାବରେ ରଖି ଦିଆଯାଏ । ଅଠର ବର୍ଷ ବୟସ ସମ୍ପୂର୍ଣ୍ଣ ହେବାପରେ କନ୍ୟା ସନ୍ତାନଟି ସେହି ଅର୍ଥ ପାଏ । ସେତେବେଳେ ସେହି ଅର୍ଥ ତାର ଶିକ୍ଷା କିମ୍ୱା ବିବାହରେ ବ୍ୟବହୃତ ହୁଏ । ଏହିପରି 'ଯଚାବଚା' ନାମରେ ଆଉ ଏକ ଯୋଜନା ରହିଛି । ଏହି ଯୋଜନା ଅନୁସାରେ ରାଜ୍ୟ ସରକାର କନ୍ୟା ସନ୍ତାନ ଜନ୍ମର ସବୁ ଯତ୍ନ ନିଅନ୍ତି ଏବଂ ସନ୍ତାନର ଲାଳନପାଳନ ସମ୍ପର୍କିତ ସମସ୍ତ ଡାକ୍ତରଖାନା ଖର୍ଚ୍ଚବହନ କରନ୍ତି ।

ଏହିସବୁ ସୁବିଧା ସୁଯୋଗ ରହିଥିବା ସତ୍ତ୍ୱେ ସ୍ତ୍ରୀ ଜାତି ବିରୁଦ୍ଧରେ ଅନେକ ପକ୍ଷପାତିତା ପରିଲକ୍ଷିତ ହୁଏ ।

### ୨୦.୨.୧ ଲିଙ୍ଗଜନିତ ବିଭେଦ

ଭାରତରେ ସ୍ତ୍ରୀ ଲୋକମାନେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କର୍ମ କ୍ଷେତ୍ରରେ ବିଭିନ୍ନ ବିଭେଦର ସମ୍ମୁଖୀନ ହୁଅନ୍ତି । ଝିଅମାନେ ନିଜେ ଯୌତୁକ ପ୍ରଥାର ଦାୟୀତ୍ୱ ବହନ କରିଥାଆନ୍ତି ଏବଂବିବାହ ପରେ ସେମାନଙ୍କୁ ନିଜ ପିତାମାତାଙ୍କ ଘର ଛାଡ଼ିବାକୁ ପଡ଼ିଥାଏ । ଆହୁରି ମଧ୍ୟ ପିତାମାତା ତାଙ୍କ ବୃଦ୍ଧ ବୟସରେ ତାଙ୍କ ସୁରକ୍ଷା ଓ ସହାୟତା ପାଇଁ ପୁତ୍ର ସନ୍ତାନ ପସନ୍ଦ କରନ୍ତି । ଅନେକ କନ୍ୟା ଭ୍ରୁଣଗୁଡ଼ିକୁ ହତ୍ୟା କରାଯାଏ । କନ୍ୟା ସନ୍ତାନକୁ ପରିତ୍ୟାଗ କରାଯାଏ । ଜାଣିଶୁଣି କନ୍ୟା ସନ୍ତାନକୁ ଅବହେଳା କରାଯାଏ । ସେମାନଙ୍କୁ ଉପଯୁକ୍ତ ପରିମାଣର ଖାଦ୍ୟ ମଧ୍ୟ ଦିଆଯାଏ ନାହିଁ । ରାଜସ୍ଥାନରେ କନ୍ୟା ସନ୍ତାନମାନଙ୍କ ଅବସ୍ଥା ଆହୁରି ଅଧିକ ଖରାପ । କିନ୍ତୁ ଆଜିକାଲି ଏହି ଦିଗରେ ଅନେକ ପରିବର୍ତ୍ତନ ହେଲାଣି । ହରିୟାନା ପରି କେତେକ ରାଜ୍ୟରେ ଝିଅପିଲାଙ୍କ ଅନୁପାତିକ ସଂଖ୍ୟା ବହୁତ କମ୍ । ଝିଅମାନଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବାପାଇଁ ସରକାର ଅନେକ ଯୋଜନା ତିଆରି କରିଛନ୍ତି । ଚାକିରୀରେ ସ୍ତ୍ରୀ ଲୋକଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ଏପରିକି ମାଆ ହେବାକୁ ଯାଉଥିବା ସ୍ତ୍ରୀଲୋକମାନଙ୍କ ପାଇଁ ଚାକିରୀରୁ ଛଅମାସ ଛୁଟୀ ନେବା ବ୍ୟବସ୍ଥା ରହିଛି ।

The World Bank Document, "A New Agenda for Women's Health and Nutrition" (Washington 1995) ଆକଳନ କରିଛି ଯେ, ବିକାଶଶୀଳ ଦେଶମାନଙ୍କରେ ୪୫୦ ନିୟୁତ ପ୍ରାପ୍ତ ବୟସ୍କା ମହିଳା ସେମାନଙ୍କ ବାଲ୍ୟବସ୍ଥାରେ ପୁଷ୍ଟିସାରଯୁକ୍ତ ଖାଦ୍ୟ ଅଭାବରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସେମାନଙ୍କ ଶାରିରୀକ ଗଠନ ଠିକ୍ ଭାବରେ ହୋଇପାରେ ନାହିଁ । ଅନେକ ସମ୍ପ୍ରଦାୟରେ ମହିଳା ଏବଂ ଝିଅମାନେ ପୁରୁଷ ଲୋକ ଓ ପୁଅ ତୁଳନାରେ କମ୍ ଏବଂ ନିମ୍ନମାନର ଖାଦ୍ୟ ଖାଆନ୍ତି । ଦେହ ଖରାପ ସମୟରେ ସେମାନଙ୍କର

ଉପଯୁକ୍ତ ଯତ୍ନ ନିଆ ହୁଏ ନାହିଁ । ଅବସ୍ଥା ଗୁରୁତର ହେଲେଯାଇ କିଛି ଯତ୍ନ ନିଆହୁଏ । ସାରା ପୃଥିବୀ ସ୍ତରରେ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ଚିକିତ୍ସା ସୁବିଧା ପାଇବାରେ ଥିବା ବୈଷମ୍ୟର ଅନେକ ଉଦାହରଣ ଦେଖାଯାଏ ।

ଅଧିକାଂଶ ଦେଶରେ ପୁରୁଷଙ୍କଠାରୁ ସ୍ତ୍ରୀ ଲୋକଙ୍କର ସାକ୍ଷରତା ହାର ଉଲ୍ଲେଖନୀୟ ଭାବରେ କମ୍ । ୬୬ଟି ଦେଶରେ ସ୍ତ୍ରୀ, ପୁରୁଷଙ୍କ ମଧ୍ୟରେ ସାକ୍ଷରତାର ପ୍ରଭେଦ ୧ ଦଶ ପ୍ରତିଶତରୁ ଅଧିକ ଥିବା ଆକଳନ କରାଯାଇଛି । ୪୦ଟି ଦେଶରେ ୬ ରୁ ୧୧ ବର୍ଷ ବୟସ ମଧ୍ୟରେ ଏହା ୨୦ ପ୍ରତିଶତରୁ ଅଧିକ ଯାହା ପ୍ରାଥମିକ ଶିକ୍ଷା ସହିତ ସମ୍ପର୍କୀତ । ୨୦୧୧ ମସିହାର ଜନଗଣନା ଅନୁସାରେ ପୁରୁଷ ଓ ସ୍ତ୍ରୀ ଲୋକଙ୍କ ମଧ୍ୟରେ ସାକ୍ଷରତା ହାରର ପ୍ରଭେଦ ୧୬.୭ ପ୍ରତିଶତ ଥିଲା । ୮୨.୧୪ ପ୍ରତିଶତ ପୁରୁଷ ସାକ୍ଷର ସଂଖ୍ୟା ଥିବାବେଳେ ମହିଳା ସାକ୍ଷର ସଂଖ୍ୟା ୬୫.୪୬ ପ୍ରତିଶତ ଅଟେ । ସାରା ପୃଥିବୀରେ ୨୪.୫ ପ୍ରତିଶତ (୮୫ ନିୟୁତ) ବାଳିକା ବିଦ୍ୟାଳୟକୁ ଯାଉନଥିବାର ଆକଳନ କରାଯାଇଥିବା ବେଳେ, ୧୬.୪ ପ୍ରତିଶତ (୬୦ ନିୟୁତ) ବାଳକ ବିଦ୍ୟାଳୟ ଯାଉନଥିବାର ଆକଳନ କରାଯାଇଛି ।

ଯଦିଓ ଭାରତରେ ପ୍ରାଚୀନ କାଳରୁ ସ୍ତ୍ରୀ ଲୋକମାନେ ସମ୍ମାନ ପାଉଥିଲେ, ତଥାପି ଅନେକ ଭାରତୀୟ ପରିବାରରେ କନ୍ୟା ସନ୍ତାନଟିକୁ ଭଲ ଭାବରେ ଗ୍ରହଣ କରାଯାଏ ନାହିଁ । ଶିକ୍ଷା କ୍ଷେତ୍ରରେ ଝିଅମାନେ ଉତ୍କର୍ଷ ହାସଲ କରୁଥିବାର ଉଦାହରଣ ଦିନକୁ ଦିନ ବଢ଼ି ଚାଲିଛି । ତଥାପି, ପରମ୍ପରା, ସଂସ୍କୃତି, ପ୍ରଥା ତଥା ସାମାଜିକ ଚଳଣୀରେ ଝିଅମାନଙ୍କଠାରୁ ପୁଅମାନଙ୍କୁ ଅଧିକ ମୂଲ୍ୟ ଦିଆଯାଏ । ଝିଅମାନେ ସର୍ବଦା ଏକ ଅର୍ଥନୈତିକ ବୋଝ ଭାବରେ ପରିଗଣିତ ହୁଅନ୍ତି । ସମାଜର ଏହି ମନୋଭାବ କନ୍ୟା ସନ୍ତାନଟିର ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟକୁ ପରିସ୍ଫୁଟ କରିବା ପଥରେ ପ୍ରତିବନ୍ଧ ହୁଏ । କନ୍ୟାସନ୍ତାନ ଉପରେ ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଝିଅମାନେ ପୃଥିବୀର ସବୁଠାରୁ ଅଧିକ ଅପବ୍ୟୟିତ ହେଉଥିବା ଉପହାର । ସେମାନେ ପ୍ରଚୁର ଅନ୍ତର୍ନିହିତ ଶକ୍ତିଥିବା ଅମୂଲ୍ୟ ମଣିଷ । କିନ୍ତୁ ସାରା ପୃଥିବୀ ନିଜର ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିବାରେ ସେମାନେ ହେଉଛନ୍ତି ସର୍ବଶେଷ ଏବଂ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେବାରେ ସର୍ବପ୍ରଥମ ।

କନ୍ୟା ସନ୍ତାନଙ୍କର ଖାଦ୍ୟ ପୋଷାକ, ବାସସ୍ଥାନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ପରିପୋଷଣ, ଖେଳିବା ସମୟ ପ୍ରଭୃତି ସର୍ବଦା ଅପ୍ରାପ୍ତ ରହେ । ଅନେକ ସମୟରେ ସେମାନେ ଉପଯୁକ୍ତ ନିରାପତ୍ତା ପାଆନ୍ତି ନାହିଁ, ଉତ୍ପୀଡ଼ନ ଓ ନିର୍ଯ୍ୟାତନାରୁ ମୁକ୍ତି ପାଆନ୍ତି ନାହିଁ । ଆହୁରି ମଧ୍ୟ ସେମାନେ ନିଜର ସମୃଦ୍ଧି, ବିକାଶ, ପ୍ରଗତି ତଥା ପରିପୂର୍ଣ୍ଣ ଭାବରେ ପ୍ରସ୍ଫୁଟିତ ହେବାର ଅଧିକାରରୁ ବଞ୍ଚିତ ରୁହନ୍ତି । ୬ ବର୍ଷ ବୟସର ପୁଅ ଝିଅଙ୍କ ଅନୁପାତିକ ସଂଖ୍ୟାରୁ ଝିଅମାନଙ୍କ ବିରୁଦ୍ଧରେ ଥିବା ଅସହିଷ୍ଣୁତା ଓ ପକ୍ଷପାତିତା ସ୍ପଷ୍ଟ ଭାବରେ ଦେଖାଯାଏ । ୨୦୧୧ ମସିହା ଜନଗଣନାରେ ଏହି ଅନୁପାତ ପୁଅ ୧୦୦୦ / ଝିଅ ୯୧୪ ଥିବାବେଳେ, ୨୦୦୧ ମସିହାରେ ପୁଅ ୧୦୦୦/ଝିଅ ୯୨୭ ଥିଲେ । ୧୯୬୧ ମସିହାରେ ଏହା ୯୭୬ ଥିବାବେଳେ ୨୦୧୧ ମସିହାରେ ଏହା କମି ୯୧୪ରେ ପହଞ୍ଚିଥିଲା ।

## ୨୦.୨.୨ ଯୌତୁକ ପ୍ରଥା

ଆମ ସମାଜରେ କାର୍ଯ୍ୟକାରୀ ହେଉଥିବା ସବୁଠାରୁ ଖରାପ ପ୍ରଥା ହେଉଛି ଯୌତୁକ ପ୍ରଥା । ଭାରତ ସ୍ୱାଧୀନ ହେବାପରେ ୧୯୬୧ ମସିହାରେ ଭାରତ ସରକାର ଯୌତୁକ ନିରୋଧ ଆଇନ ପ୍ରଚଳନ କରିଥିଲେ । ଯୌତୁକ ଦେବା ଏବଂ ଯୌତୁକ ଗ୍ରହଣ କରିବା – ଏହି ଉଭୟ ପ୍ରଥା ଆଇନ ଦ୍ୱାରା ନିଷିଦ୍ଧ ହୋଇଥିବା ସତ୍ତ୍ୱେ ଏବଂ ଆଇନ ଅନୁସାରେ ଏହା ଏକ ଦଣ୍ଡନୀୟ ଅପରାଧ ହୋଇଥିବା ସତ୍ତ୍ୱେ ଆମ ସଂସ୍କୃତିରେ ଏବେ ମଧ୍ୟ ଏହା ପ୍ରଚଳିତ । ଗ୍ରାମ ହେଉ ବା ସହର ହେଉ, ଆମ ସମ୍ବିଧାନରେ ଥିବା ଏହି ବିଶିଷ୍ଟ ଆଇନର ଉଲଂଘନ ଭାରତର ସବୁଆଡେ

ଦେଖାଯାଉଛି । କେବଳ ଯୌତୁକ ଜନିତ ମୃତ୍ୟୁ ନୁହେଁ, ଅନେକ ଘରୋଇ ହିଂସା ଏବଂ ସ୍ତ୍ରୀ ଲୋକମାନେ ପାଉଥିବା ମାନସିକ ଓ ଶାରିରୀକ ନିର୍ଯ୍ୟାତନା ମଧ୍ୟ ଯୌତୁକ ସହିତ ସମ୍ପର୍କିତ ସ୍ତ୍ରୀ ଲୋକମାନଙ୍କର କେତେକ ମୌଳିକ ଅଧିକାର ମଧ୍ୟ ପ୍ରତିଦିନ ପ୍ରତିହତ ହେଉଥାଏ । ସମୟେ ସମୟେ କେତେକ ଝିଅ ଯୌତୁକ ବିରୁଦ୍ଧରେ ଦୃଢ଼ ଭାବରେ ନିଜର ଅଧିକାର ସାବ୍ୟସ୍ତ କରୁଥିବା ଆନନ୍ଦର କଥା ଅଟେ । ଯୌତୁକ ପ୍ରଥା ଭାରତୀୟ ସମାଜର ଏକ ଭୟଙ୍କର ବ୍ୟାଧି । ଆମ ସମାଜର ଏହି ବ୍ୟାଧିକୁ ଦୂର କରିବା ପାଇଁ, ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଝିଅମାନଙ୍କୁ ମଜଭୂତ କରିବା ପାଇଁ ଦୃଢ଼ ତଥା ବ୍ୟାପକ ସାମାଜିକ, ଆର୍ଥିକ, ରାଜନୈତିକ ତଥା ପ୍ରଶାସନିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ।

> ସ୍କୁଲ ଯାଉନଥିବା ଗୋଟିଏ ଝିଅକୁ ଖୋଜି ବାହାରକର । କନ୍ୟା ସନ୍ତାନଙ୍କର ଉନ୍ନତି ପାଇଁ ସରକାର ଆରମ୍ଭ କରିଥିବା 'ଲାଡଲୀ' ଯୋଜନା ସମ୍ପର୍କରେ ଘର ପିତାମାତାଙ୍କୁ ଜଣାଅ । ଆହୁରି ମଧ୍ୟ ସେମାନଙ୍କୁ ଜଣାଅ ଯେ ଝିଅମାନେ ଆଉ ପିତାମାତାଙ୍କର ବୋଝ ହୋଇ ରହିବେ ନାହିଁ, ବରଂ ଝିଅଟି ପିତାମାତାଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ହେବ । ତେଣୁ ସେମାନେ ପାଠ ପଢ଼ିବା ପାଇଁ ତାକୁ ବିଦ୍ୟାଳୟକୁ ପଠାଇବା ଦରକାର ।

## ପାଠଗତ ପ୍ରଶ୍ନାବଳୀ ୨୦.୧

୧. ଜାତିପ୍ରଥା ଗଣତନ୍ତ୍ର ଉପରେ କେଉଁପରି ପ୍ରଭାବ ପକାଉଛି ?

______________________________

୨. ଭାରତ ସରକାରଙ୍କର 'ଲାଡଲୀ' ଯୋଜନା କ'ଣ ?

______________________________

3. କେଉଁ ଆଇନ ଯୌତୁକ ପ୍ରଥାକୁ ନିଷେଧ କରିଛି ?

______________________________

## ୨୦.୩ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ନିଶାସକ୍ତି

ମଦ, ତମାଖୁ, ବିଡ଼ି, ସିଗାରେଟ, ବ୍ରାଉନସୁଗାର, ଚରସ ପ୍ରଭୃତି ପରି ନିଶାଦ୍ରବ୍ୟର ଅଭ୍ୟାସ ତଥା ସେବନକୁ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ନିଶାସକ୍ତି କୁହାଯାଏ । ଦିନକୁ ଦିନ ନିଶା କାରବାର ପଦାର୍ଥର ପ୍ରକାର ବୃଦ୍ଧି ପାଉଚି । ଅଧିକରୁ ଅଧିକ ଲୋକ, ବିଶେଷକରି ଅଳ୍ପ ବୟସ୍କମାନେ ନିଶାଗ୍ରସ୍ତ ହେଉଛନ୍ତି । ଉଭୟ ଅପ୍ରାପ୍ତ ଏବଂ ପ୍ରାପ୍ତ ବୟସ୍କମାନେ ନିଶାଗ୍ରସ୍ତ ହେବା ପାଇଁ ଅନେକ କାରଣ ଅଛି । ସଙ୍ଗଦୋଷ, ପରିବାରର ପ୍ରତିକୂଳ ବାତାବରଣ ଏବଂ ମାନସିକ ଚାପ ସେହି କାରଣମାନଙ୍କର ଅନ୍ତର୍ଗତ ।

ମାଦକ ଦ୍ରବ୍ୟ ସେବନ ପରି ଖରାପ ଅଭ୍ୟାସ ଦୂର କରିବା ପାଇଁ ଚିକିତ୍ସା କେନ୍ଦ୍ର ସହାୟତା ଏବଂ ମନସ୍ତାତ୍ତ୍ୱିକ ସହାୟତା ଆବଶ୍ୟକ ହୋଇଥାଏ । ସନ୍ତାନ ସନ୍ତତି ବାଲ୍ୟାବସ୍ଥାରୁ କୈଶୋର ଏବଂ ଯୌବନ ଅବସ୍ଥାରେ ପଦାର୍ପଣ କରୁଥିବା ସମୟରେ ବିଶେଷ ଭାବରେ ପିତାମାତାଙ୍କୁ ବିଚାରଶୀଳ ହେବାକୁ ପଡ଼ିଥାଏ । କାରଣ ସେହି ବୟସରେ ସେମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଦେଖାଦିଏ । କୈଶୋରାବସ୍ଥାରେ ପିଲାମାନେ ସ୍ୱାଭାବିକ ଭାବରେ

ଅନିସନ୍ଧିତ୍ସୁ ହୋଇଥାଆନ୍ତି । ସେମାନେ ନୂଆ ନୂଆ ଦୁନିଆଁ, ନୂଆ ତଥ୍ୟ, ନୂଆ ବ୍ୟବହାର, ନୂଆ ସମ୍ପର୍କ ଅନୁସନ୍ଧାନ କରନ୍ତି । ଏହି ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ମାଦକ ଦ୍ରବ୍ୟ ସେବନ କରିବା ଆରମ୍ଭ କରନ୍ତି । ସେମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା, ପରିବାର, ବିଦ୍ୟାଳୟ ଏବଂ ସାଙ୍ଗମାନେ ମାଦକ ଦ୍ରବ୍ୟ ସେବନର ମନ୍ଦ ପ୍ରଭାବ ସମ୍ବନ୍ଧରେ ସେମାନଙ୍କୁ ଶିକ୍ଷା ନଦେଲେ ସେମାନେ ସହଜରେ ନିଶାର କବଳିତ ହୋଇ ଯାଆନ୍ତି । ମଦ୍ୟପାନ ଏବଂ ଧୂମ୍ରପାନ ସବୁଠାରୁ ଅତି ସାଧାରଣ ଏବଂ କ୍ଷତିକାରକ ଅଭ୍ୟାସ ଅଟେ ।

ମାଦକ ଦ୍ରବ୍ୟ ସେବନ ଏବଂ ମଦ୍ୟପାନ ଆମ ସମାଜର ଏକ ଗୁରୁତର ସମସ୍ୟା । ଦୁଶ୍ଚିନ୍ତା, ମାନସିକ ଅଶାନ୍ତି ଓ ବିଫଳତା ଜନିତ ଦୁଃଖରୁ ସାମୟିକ ଭାବରେ ମୁକ୍ତି ପାଇବାର ଏବଂ ସମୟ କଟାଇବାର ତଥା କିଛି ସମୟ ପାଇଁ ଦୁଃଖ ଭୁଲିଯିବାର ସହଜ ଉପାୟ ହେଉଛି ମଦ ପିଇବା । କିନ୍ତୁ ଏହି ଆସକ୍ତିର ପରିଣତି ଅତି ଗୁରୁତର ଅବସ୍ଥା ସୃଷ୍ଟିକରେ । ଏପରିକି ସ୍ୱଳ୍ପ ଆୟକାରୀ ମଦ୍ୟପମାନେ ପରିବାର ଆବଶ୍ୟକତାକୁ ଅଣଦେଖା କରି ମଦ କିଣାରେ ଟଙ୍କା ଖର୍ଚ୍ଚ କରନ୍ତି । ଅର୍ଥ ଅଭାବରୁ ସେମାନେ ଅଧିକ ମୂଲ୍ୟ ଦେଇ ଉତ୍କୃଷ୍ଟ ମଦ କିଣିପାରନ୍ତି ନାହିଁ । ତେଣୁ ସେମାନେ ଶସ୍ତା ମଦ ପିଅନ୍ତି । ଏପରିକି ସମୟେ ସମୟେ ସେମାନେ ବିଷାକ୍ତ ଜିନିଷ ପିଅନ୍ତି । ପିଇବାପରେ ସେମାନେ ଚେତା ଶୂନ୍ୟ ହୋଇ ପଡ଼ନ୍ତି । ସମୟେ ସମୟେ ସେମାନେ ମୃତ୍ୟୁମୁଖରେ ପଡ଼ନ୍ତି କିମ୍ବା ସବୁଦିନ ପାଇଁ ଶାରୀରିକ ଅକ୍ଷମ ହୋଇପଡ଼ନ୍ତି । ଅଧିକାଂଶ ସମୟରେ ମଦ୍ୟପାନ ପରେ ସେମାନେ ନିଜ ସ୍ତ୍ରୀ ଓ ପିଲାମାନଙ୍କ ସହିତ ଦୁର୍ବ୍ୟବହାର କରନ୍ତି ।

ଧୂମପାନ ଏପରି ଏକ ଅଭ୍ୟାସ ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ, ଏପରିକି ଏହା ମଦ୍ୟପାନଠାରୁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ । ଏହା କେବଳ ଧୂମପାନ କରୁଥିବା ବ୍ୟକ୍ତି ପ୍ରତି ନୁହେଁ, ସେମାନଙ୍କ ଚାରିପାଖରେ ରହୁଥିବା ବ୍ୟକ୍ତି, ଯେଉଁମାନେ ଏହି ବିଡ଼ି, ସିଗାରେଟ୍ ଧୂଆଁ ସଂସ୍ପର୍ଶରେ ଆସନ୍ତି ସେମାନଙ୍କ ପାଇଁ ମଧ୍ୟ କ୍ଷତିକାରକ । ତେଣୁ ଅନ୍ୟମାନଙ୍କ ଅଧିକାର ପ୍ରତି ସମ୍ମାନ ଜଣାଇ ଆମେ ସର୍ବସାଧାରଣ ସ୍ଥାନ, ବସ, ଟ୍ରେନ, ବଜାର ଓ ଅଫିସମାନଙ୍କରେ ଧୂମପାନ କରିବା ଉଚିତ ନୁହେଁ । ଧୂମପାନ ଦୂଷିତ ପରିବେଶର ଏକ ବଡ଼ କାରଣ ଏବଂ ଏହା କ୍ୟାନସର, ହୃଦ ରୋଗ, ଶ୍ୱାସକ୍ରିୟାରେ ସମସ୍ୟା ପ୍ରଭୃତି ଭୟଙ୍କର ରୋଗ ସୃଷ୍ଟିକରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ସମଗ୍ର ପୃଥିବୀରେ ତମାଖୁ ବ୍ୟବହାର, ବିଶେଷକରି ଧୂମପାନ ହେଉଛି ପ୍ରଥମ ଘାତକ । ଭାରତ ସରକାରଙ୍କର ମନ୍ତ୍ରୀମଣ୍ଡଳ ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧ କରିଛି । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟମାନଙ୍କ ନିକଟରେ ତମାଖୁ ଦ୍ରବ୍ୟଗୁଡ଼ିକର ବିକ୍ରୟକୁ ମଧ୍ୟ ନିଷିଦ୍ଧ କରାଯାଇଛି । ଏହି ମାଦକ ଦ୍ରବ୍ୟଗୁଡ଼ିକର କ୍ଷତିକାରକ ପ୍ରଭାବ ସମ୍ବନ୍ଧରେ ଉପଭୋକ୍ତାମାନଙ୍କୁ ସତର୍କ କରାଇବା ପାଇଁ ଏଗୁଡ଼ିକ ଉପରେ ଶିରୋନାମା ରଖିବା ଏହାର ଉତ୍ପାଦନକାରୀମାନଙ୍କ ପାଇଁ ବାଧ୍ୟତାମୂଳକ ଅଟେ ।

## ୨୦.୪ ସାମ୍ପ୍ରଦାୟିକତା

ଭାରତ ବିଭିନ୍ନ ଧର୍ମ ବିଶ୍ୱାସ ଥିବା ଏକ ଦେଶ । ଭାରତରେ ହିନ୍ଦୁ, ଶିଖ, ମୁସଲମାନ, ଖ୍ରୀଷ୍ଟିଆନ ଓ ପାର୍ଶି ପ୍ରଭୃତି ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ଗୋଟିଏ ସମ୍ପ୍ରଦାୟର ଅନ୍ୟ ସମ୍ପ୍ରଦାୟଗୁଡ଼ିକ ପ୍ରତି ଆକ୍ରମଣାତ୍ମକ ମନୋଭାବ ଦୁଇ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷ ସୃଷ୍ଟି କରେ । ସାମ୍ପ୍ରଦାୟିକ ଦଙ୍ଗାରେ ଶହ ଶହ ଲୋକ ମୃତ୍ୟୁବରଣ କରନ୍ତି । ଏହା ଘୃଣା ଏବଂ ପରସ୍ପର ମଧ୍ୟରେ ସନ୍ଦେହକୁ ଜନ୍ମଦିଏ । ସାମ୍ପ୍ରଦାୟିକତା ଏପରି ଏକ ସମସ୍ୟା ଯାହାକୁ ସମାଧାନ କରିବାର ଏବଂ ଦୂର କରିବାର ଆବଶ୍ୟକତା ରହିଛି । ଏହା ଗଣତନ୍ତ୍ର ପ୍ରତି ଏବଂ ଆମ ଦେଶର ଏକତା ପ୍ରତି ଏକ ବିରାଟ ଆହ୍ୱାନ । ତେଣୁ ଏହା ଆମ ଉନ୍ନତି ପଥରେ ଏକ ମୁଖ୍ୟ ଅନ୍ତରାୟ । ସମାଜରେ ଶାନ୍ତି ଏବଂ ଏକତା ଆଣିବା ପାଇଁ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଆମେ ଏହା ମନେ ରଖିବା ଉଚିତ ଯେ, କୌଣସି ଧାର୍ମିକ ସମ୍ପ୍ରଦାୟ ଅନ୍ତର୍ଗତ ହେବା ପୂର୍ବରୁ ଆମେ ସମସ୍ତେ ପ୍ରଥମେ ମଣିଷ । ସବୁଧର୍ମକୁ





ଆମେ ସମ୍ମାନ ଜଣାଇବା ଉଚିତ । ଆମ ଦେଶ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଏଠାରେ ସବୁ ଧର୍ମ ସମାନ ଭାବରେ ବିବେଚିତ ହୁଅନ୍ତି ଏବଂ ଏଠାରେ ନିଜ ନିଜ ଧର୍ମ ଅବଲମ୍ବନ କରିବାର ସ୍ୱାଧିନତା ରହିଛି ।

> ସିଗାରେଟ୍, ମଦ ଇତ୍ୟାଦି ମାଦକ ଦ୍ରବ୍ୟ ସେବନ କରୁଥିବା ଏକ ନିଶାସକ୍ତ ଲୋକକୁ ଭେଟିବାକୁ ଚେଷ୍ଟା କର । ଏହି ମାଦକ ଦ୍ରବ୍ୟଗୁଡ଼ିକର ମନ୍ଦ ପ୍ରଭାବ ସମ୍ବନ୍ଧରେ ତାକୁ ଅବଗତ କର ଏବଂ ଏଥିରୁ ନିବୃତ୍ତ ହେବା ପାଇଁ କେତେକ ଉପାୟ ବତାଅ ।

## ୨୦.୫ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସମ୍ପର୍କୀତ ସମସ୍ୟା

ପୃଥିବୀରେ ମଣିଷଙ୍କର ଜୀବନ କାଳ ବୃଦ୍ଧି ପାଉଛି । ୧୯୫୦ ମସିହାରେ ପୃଥିବୀରେ ବୟୋବୃଦ୍ଧଙ୍କ ସଂଖ୍ୟା ୮% ଥିଲା । ୨୦୦୦ ମସିହାରେ ୧୦% ଏବଂ ଏହା ୨୦୫୦ ମସିହା ବେଳକୁ ୨୧%କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଭାରତରେ ବୟୋବୃଦ୍ଧଙ୍କ ସଂଖ୍ୟା ୧୯୬୧ ମସିହାରେ ୫.୮% (୨୫.୫ ନିୟୁତ) ଥିଲା । ୧୯୯୧ ମସିହାରେ ଏହା ୬.୭% (୫୬.୬ ନିୟୁତ)କୁ ବୃଦ୍ଧି ପାଇଲା । ୨୦୧୧ ମସିହାରେ ଏହା ୮.୧% (୯୬ ନିୟୁତ)କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା ଏବଂ ୨୦୧୧ ମସିହା ବେଳକୁ ଏହା ୧୩୭ ନିୟୁତରେ ପହଞ୍ଚିବ ବୋଲି ଆଶା କରାଯାଇଛି । ଭାରତୀୟ ବୟୋଜ୍ୟେଷ୍ଠ (୬୦ ବର୍ଷ ଓ ୬୦ ବର୍ଷରୁ ଅଧିକ)ଙ୍କ ସଂଖ୍ୟା ପରବର୍ତ୍ତୀ କିଛି ଦଶନ୍ଧିରେ ତିନିଗୁଣ ହେବ ବୋଲି ଆଶା କରାଯାଉଛି । ବୟୋବୃଦ୍ଧ ବ୍ୟକ୍ତିଙ୍କୁ ସାମାଜିକ, ଆର୍ଥିକ ଏବଂ ମନସ୍ତାତ୍ତ୍ୱିକ ସହାୟତା ଦେବା ସାମାଜିକ କ୍ରମୋନ୍ନତିର ଏକ ପ୍ରାଥମିକ ଆବଶ୍ୟକତା ।

ଆଜିକାଲି ବିଶେଷକରି କ୍ଷୁଦ୍ର ପରିବାର ପ୍ରବଣତା ରହୁଥିବା ସହରାଞ୍ଚଳରେ ଯୌଥ ପରିବାର ଭାଙ୍ଗି ପଡୁଥିବା ସହିତ ବୟୋବୃଦ୍ଧ ବ୍ୟକ୍ତିମାନେ ନିଜ ପରିବାରରେ ଅଦରକାରୀ ହୋଇ ପଡୁଛନ୍ତି । ବୟସ୍କ ବ୍ୟକ୍ତିଙ୍କ ପ୍ରତି ସମଷ୍ଟିଗତ ସହାୟତା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ବୟସ୍କ ବ୍ୟକ୍ତି ତଥା ଗୁରୁଜନଙ୍କ ପ୍ରତି ସମ୍ମାନ ଜଣାଇବା ହେଉଛି ଆମ ସଂସ୍କୃତି । ନୂତନ ପିଢ଼ିଙ୍କ ମଧ୍ୟରେ ଏହି ଚେତନା ପୁନର୍ବାର ଜାଗ୍ରତ କରାଇବା ଇଚିତ, ତେବେ ଯାଇ ବୟସ୍କମାନେ ସେମାନଙ୍କ ଆତ୍ମ ସମ୍ମାନ ଅକ୍ଷୁର୍ଣ୍ଣ ରଖିପାରିବେ । ଗୁରୁଜନମାନେ ସମ୍ମାନୀୟ ଅଟନ୍ତି, ଏକଥା ସମସ୍ତେ ମନେରଖିବା ଉଚିତ । ସେମାନଙ୍କ ଯୁବା ବୟସରେ ସେମାନେ ତୁମର ଲାଳନ ପାଳନ କରିଛନ୍ତି ଏବଂ ଯତ୍ନ ନେଇଛନ୍ତି । ବର୍ତ୍ତମାନ ତୁମେ ତାର ପ୍ରତିଦାନ ଦେବା ଉଚିତ । ତୁମେ ତୁମ ଜେଜେବାପା, ଜେଜେମା', ଅଜା, ଆଈଙ୍କର ଯତ୍ନ ନେବା ଉଚିତ୍, ସେମାନଙ୍କର ସେବା କରିବା ଉଚିତ୍ ।

> କୌଣସି ଜରାନିବାସ ଦେଖିବାକୁ ଯାଅ ଏବଂ ସେଠାରେ ରହୁଥିବା ବୟସ୍କ ବ୍ୟକ୍ତିମାନଙ୍କୁ ଦେଖ । ଏକ ଉତ୍ତମ ଏବଂ ଆନନ୍ଦମୟ ଜୀବନଯାପନ କରିବାରେ ତୁମେ ସେମାନଙ୍କୁ କିପରି ସାହାଯ୍ୟ କରିପାରିବ, ତାହା ଚିନ୍ତାକର ।

## ପାଠଗତ ପ୍ରଶ୍ନାବଳୀ ୨୦.୨

୧. ମାଦକ ଦ୍ରବ୍ୟର ଅପବ୍ୟବହାର କାହାକୁ କୁହାଯାଏ ?

___

୨. 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଅନୁସାରେ ମୁଖ୍ୟ ଘାତକ କିଏ ?

___

୩. ୨୦୧୧ ମସିହାବେଳକୁ ବୟସ୍କଙ୍କ ସଂଖ୍ୟା ଭାରତରେ କେତେ ହେବ ବୋଲି ଆଶା କରାଯାଉଛି ?

---

୪. ବୟସ୍କ ବ୍ୟକ୍ତିମାନେ ଅଦରକାରୀ ତଥା ଅବହେଳିତ ହେବାର କାରଣ କ'ଣ ?

---

## ୨୦.୬ ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା

ଆୟତନରେ ଭାରତ ଏକ ବିରାଟ ଦେଶ । ଆୟତନରେ ଏହା ପୃଥିବୀର ପ୍ରାୟ ୨.୪% ଅଞ୍ଚଳ ଅଟେ । କିନ୍ତୁ ତୁମେ ଜାଣିଛ କି ସାରା ପୃଥିବୀର ଜନ ସଂଖ୍ୟାର କେତେଭାଗ ଭାରତର ଜନସଂଖ୍ୟା ? ଏହା ପ୍ରାୟ ୧୬.୭% ଅଟେ । ୨୦୧୧ ମସିହାର ଜନଗଣନା ଅନୁସାରେ ଭାରତର ଲୋକ ସଂଖ୍ୟା ୧୨୧୦ ନିୟୁତ । ଏତେ ବିରାଟ ଲୋକସଂଖ୍ୟା ହେତୁ ଭାରତରେ କେତେକ ଅର୍ଥନୈତିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଛି । ସେଗୁଡ଼ିକ ହେଉଛି ବେକାରୀ ସମସ୍ୟା, ମୁଦ୍ରାସ୍ଫୀତି, ଦାରିଦ୍ର୍ୟ ଏବଂ ଦରଦାମ ବୃଦ୍ଧି । ଆମ ଜନସଂଖ୍ୟାର ଏକ ବଡ଼ ଭାଗ ଦାରିଦ୍ର୍ୟର ସୀମାରେଖା ତଳେ ରହିଛି । ବହୁ ସଂଖ୍ୟକ ଲୋକ ବେକାର ହୋଇଛନ୍ତି । ମୁଦ୍ରାସ୍ଫୀତି ଏବଂ ଦରଦାମ ବୃଦ୍ଧି ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି ।

ଆମ ଦେଶର ଉଲ୍ଲେଖନୀୟ ସଂଖ୍ୟକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ବାସ କରନ୍ତି । ଏମାନଙ୍କ ଜୀବନ ଯାପନ ପ୍ରଣାଳୀ ନିମ୍ନମାନର ହୋଇଥାଏ । ରୋଗାକ୍ରାନ୍ତ ହେବା, ନିରକ୍ଷରତା, ପୁଷ୍ଟିହୀନତା, ବାଳ ଶ୍ରମିକ ପ୍ରଭୃତି ଆମ ଦେଶପାଇଁ ଗୁରୁତର ସମସ୍ୟା ଭାବରେ ଭାବରେ ଦେଖା ଦେଇଛି । ଆମ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଅନୁସୂଚିତ ଜାତି ଅଟନ୍ତି ଏବଂ ସେମାନେ ପ୍ରାୟ ସମସ୍ତେ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଦାରିଦ୍ର୍ୟ ଏକ ମୁଖ୍ୟ ତଥା ମୌଳିକ ସମସ୍ୟା ଏବଂ ଏହାଦ୍ୱାରା ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୁଏ ।

ବେକାରୀ ଏପରି ଏକ ସମସ୍ୟା ଯେଉଁଥିରେ ଜଣେ ସମର୍ଥ ମଣିଷ କାମ କରିବାକୁ ଇଚ୍ଛା କରି ମଧ୍ୟ ନିଜର ଜୀବିକାର୍ଜନ ପାଇଁ କର୍ମ ନିଯୁକ୍ତି ପାଏ ନାହିଁ । କ୍ରମାଗତ ଭାବରେ ବେକାର ରହିବା ଏବଂ ଏହାର ପରିଣତି ସ୍ୱରୂପ ଆସୁଥିବା ଦାରିଦ୍ର୍ୟ ମଣିଷ ଜୀବନରେ ମୂଲ୍ୟବୋଧର ଅବକ୍ଷୟ ଘଟାଏ । ଦାରିଦ୍ର୍ୟ ହେତୁ ପିତାମାତା ବାଧ୍ୟ ହୋଇ ନିଜ ପିଲାଙ୍କୁ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ । ଏହି କାରଣରୁ ନିୟୁତ ନିୟୁତ ପିଲାମାନଙ୍କର ପିଲାଦିନ ହଜିଯାଏ । ବିଦ୍ୟାଳୟ ଯାଇ ନପାରି, ସେମାନେ ଅଶିକ୍ଷିତ ଏବଂ ଅଜ୍ଞ ହୋଇ ରହିଯାଆନ୍ତି । ଏହାର ଫଳ ସ୍ୱରୂପ ସେମାନେ ଭବିଷ୍ୟତରେ ବେକାର ରୁହନ୍ତି କିମ୍ବା ନିଯୁକ୍ତି ପାଇବାକୁ ଅଯୋଗ୍ୟ ହୁଅନ୍ତି । ପରିଣତି ସ୍ୱରୂପ ସେମାନେ ଦରିଦ୍ର ହୋଇଯାଆନ୍ତି ।

### ୨୦.୬.୧ ଭିକ୍ଷାବୃତ୍ତି

ଯେଉଁ ସ୍ଥାନକୁ ଗଲେ ମଧ୍ୟ ସବୁସ୍ଥାନରେ ଭିକାରୀଙ୍କୁ ଦେଖିବାକୁ ମିଳେ । ବଜାର, ରେଳଷ୍ଟେସନ, ଡାକ୍ତରଖାନା, ମନ୍ଦିର, ଏପରିକି ରାସ୍ତାରେ ଯିବା ଆସିବା କରିବା ସମୟରେ ମଧ୍ୟ କିଛି ଲୋକ ହାତ ପତେଇ ଭିକ୍ଷା ମାଗୁଥିବାର ତୁମେ ଦେଖିଥିବ । ସେମାନେ ପଇସା କିମ୍ବା ଖାଇବାକୁ ମାଗୁ ଥାଆନ୍ତି । ଗଳିକନ୍ଦିରେ ମଧ୍ୟ ଅନେକ ପିଲାଙ୍କୁ ଭିକ୍ଷା ମାଗୁଥିବାର ଆମେ ଦେଖୁ । ଭାରତରେ ଭିକ୍ଷାବୃତ୍ତି ଏକ ମୁଖ୍ୟ ସାମାଜିକ ସମସ୍ୟା । ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା ଆମ ଦେଶରେ ଭିକ୍ଷାବୃତ୍ତିର ପ୍ରଧାନ କାରଣ । ଆଜିକାଲି ଆମ ସମାଜରେ ଅନେକ ଦଳ ସଂଗଠିତ ଭାବରେ ଭିକ୍ଷାବୃତ୍ତି ଚଳାଇ ଧନ ଅର୍ଜନ କରୁଛନ୍ତି । ଯାହାହେଉ ଭିକ୍ଷାବୃତ୍ତି ଏକ ସାମାଜିକ ଅଭିଶାପ ଯାହା ଆମ





ସମାଜରୁ ମୂଳୋତ୍ପାଟିତ ହେବା ଆବଶ୍ୟକ । ରାସ୍ତାରେ କିମ୍ବା ଅନ୍ୟ କେଉଁଠାରେ ଭିକାରୀମାନଙ୍କୁ ଦେଖିଲେ ସେମାନଙ୍କୁ କୁହଯେ, ଭିକ୍ଷା ମାଗିବା ଏବଂ ଭିକ୍ଷାଦେବା, ଉଭୟ ଅପମାନ ଜନକ ଏବଂ ଆଇନ ବହିର୍ଭୁତ ଦଣ୍ଡନୀୟ କାର୍ଯ୍ୟ ଅଟେ ।

## ୨୦.୭ ପିଲାମାନଙ୍କ ସମସ୍ୟା

ପିଲାମାନଙ୍କ ଉନ୍ନତିପ୍ରତି ପର୍ଯ୍ୟାପ୍ତ ଧ୍ୟାନ ନଦେଇ କୌଣସି ଦେଶ ପ୍ରଗତି କରିପାରେ ନାହିଁ । ପିଲାଟିଏ ହେଉଛି ଦେଶର ଭବିଷ୍ୟତ ନାଗରିକ । ଯେଉଁ ପିଲାମାନେ ଏକ ସୁସ୍ଥ ବାତାବରଣ ମଧ୍ୟରେ ବଢ଼ନ୍ତି ବା ବିକଶିତ ହୁଅନ୍ତି, ସେହି ପିଲାମାନେ ଦେଶକୁ ଉନ୍ନତି ଓ ଶକ୍ତିଶାଳୀ କରିବାରେ ସାହାଯ୍ୟ କରନ୍ତି । ଆମ ଦେଶରେ ବହୁତ ଅଧିକ ସଂଖ୍ୟକ ପିଲା ଅଛନ୍ତି । ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁଯୋଗ ଯୋଗାଇ ଦେବା ଆମର କର୍ତ୍ତବ୍ୟ ।

ଅନେକ ପିଲା, ଗରିବ ହୋଇଥିବାରୁ, ପାଠ ପଢ଼ିବାକୁ ସ୍କୁଲ ଯାଇପାରନ୍ତି ନାହିଁ କିମ୍ବା ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପୂର୍ବରୁ ସ୍କୁଲ ଛାଡ଼ନ୍ତି ଏବଂ କୋମଳ ବାଳୁତ ବୟସରେ କଳକାରଖାନାରେ, ଇଟାଭାଟିରେ, ରେଷ୍ଟୁରାଣ୍ଟ, ହୋଟେଲ ବା ଦୋକାନ ପ୍ରଭୃତିରେ କାମ କରିବାକୁ ସେମାନେ ବାଧ୍ୟ ହୁଅନ୍ତି । ଏହା ସେମାନଙ୍କର ଶାରିରୀକ, ମାନସିକ ଏବଂ ଆବେଗପୂର୍ଣ୍ଣ ବିକାଶରେ ବାଧା ସୃଷ୍ଟିକରେ । ସେମାନେ ଘୃଣା ଓ ଦୁଃଖ କଷ୍ଟର ସହିତ ବଢ଼ନ୍ତି ଏବଂ ଦେଶ ତଥା ଜାତିର ସୁଯୋଗ୍ୟ ନାଗରିକ ହେବାରେ ବିଫଳ ହୁଅନ୍ତି ।

ଛଅ ରୁ ଚଉଦ ବର୍ଷ ବୟସ ମଧ୍ୟରେ ପିଲାଟିଏ ପାଠ ପଢ଼ିବା ପାଇଁ ବିଦ୍ୟାଳୟ ଯିବା ଉଚିତ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ବୟସର ୨୦୦ ନିୟୁତ ଭାରତୀୟ ପିଲାମାନଙ୍କ ମଧ୍ୟରୁ ପ୍ରାୟ ୧୧ ୩ ନିୟୁତ ପିଲା ଶ୍ରମିକ ଅଟନ୍ତି । ବେସରକାରୀ ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ ଏହା ୬୦ ନିୟୁତ । ସେଥିମଧ୍ୟରୁ ୨,୦୦,୦୦୦ (ଦୁଇଲକ୍ଷ) ପିଲା ଘରୋଇ ସେବାକାରୀ ଭାବରେ କାର୍ଯ୍ୟ କରନ୍ତି ଏବଂ ପ୍ରାୟ ସେତିକି ସଂଖ୍ୟକ ପିଲା ଗୋଡି ଶ୍ରମିକ ଭାବରେ କାମ କରନ୍ତି । ଏହି ପିଲାମାନେ ଶାରିରୀକ ଏବଂ ମାନସିକ ଶୋଷଣ ତଥା ନିର୍ଯ୍ୟାତନାର ଶିକାର ହୁଅନ୍ତି । ଅନେକ ସମୟରେ ସେମାନେ ଉପାସ ରହନ୍ତି, ମାଡ଼ ଖାଆନ୍ତି ଏବଂ ଏପରିକି ଯୌନ ନିର୍ଯ୍ୟାତନାର ଶିକାର ମଧ୍ୟ ହୁଅନ୍ତି । ଏହା ଏକ ଗୁରୁତର ସମସ୍ୟା । ଏହାକୁ ଶିଶୁ ନିର୍ଯ୍ୟାତନା କୁହାଯାଏ ।

୧୦୦୯ ମସିହାରେ ଆମ ସମ୍ବିଧାନ ଅନ୍ତର୍ଭୁକ୍ତ ହୋଇଥିବା 'ଶିକ୍ଷା ଅଧିକାର' ଆଇନ ଅନୁସାରେ ୬ ରୁ ୧୪ ବର୍ଷ ବୟସ ମଧ୍ୟରେ ଥିବା ସବୁ ପିଲାଙ୍କର ପାଠ ପଢ଼ିବା ଅଧିକାର ରହିଛି । ସର୍ବଶିକ୍ଷା ଅଭିଯାନର ଏହି ଲକ୍ଷ ଥରେ ସାଧିତ ହୋଇଗଲେ ଆମ ରାଜ୍ୟରେ ପିଲାମାନଙ୍କ ସ୍ଥିତି ଯଥେଷ୍ଟେ ସୁଧୁରିଯିବ ।

## ପାଠଗତ ପ୍ରଶ୍ନାବଳୀ ୨୦.୩

୧. ୨୦୧୧ ମସିହା ଜନଗଣନା ଅନୁସାରେ ଭାରତର ଲୋକସଂଖ୍ୟା କେତେ ?

______________________________

୨. କେଉଁ କାରଣ ଯୋଗୁଁ ମଣିଷ ଅନ୍ୟମାନଙ୍କ ଠାରୁ ଟଙ୍କା, ଖାଦ୍ୟ ଏବଂ ପୋଷାକ ମାଗିଥାଏ ।

______________________________

୩. ଜଣେ ଭିକାରୀ ଦେଖିଲେ ତୁମେ ତାକୁ କି ଉପଦେଶ ଦେବ ?

______________________________

୪. ଶିଶୁ ନିର୍ଯ୍ୟାତନ କ'ଣ ?

---

## ତୁମେ କ'ଣ ଶିଖିଲ ?

- ଆଜିକାଲି ଯୌତୁକ ପ୍ରଥା, ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା, ନିଶା ଅଭ୍ୟାସ ଏବଂ ମଦ୍ୟପାନ ପରି ମନ୍ଦ ତଥା କ୍ଷତିକାରକ କାର୍ଯ୍ୟମାନ ଆତଙ୍କ ସୃଷ୍ଟି କରିବାପରି ସଂଖ୍ୟା ବୃଦ୍ଧି ପାଇଛି ।
- ସ୍ତ୍ରୀଲୋକ ଏବଂ ଝିଅଙ୍କ ବିରୁଦ୍ଧରେ ଲିଙ୍ଗଭେଦ ଜନିତ ପକ୍ଷପାତିତା ଏବଂ ସେହି କାରଣରୁ ଭାରତୀୟ ସମାଜରେ ସେମାନେ ଭୋଗୁଥିବା ଦୁର୍ଦ୍ଦଶା ଏତେ ଉଗ୍ରଯେ, ଏହା ସେମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବାରୁ ବଞ୍ଚିତ କରେ ।
- ଯୌଥ ପରିବାରଗୁଡ଼ିକର ବିକାଶ ଏବଂ କ୍ଷୁଦ୍ର ପରିବାରର ଆବିର୍ଭାବ ବୟସ୍କ ବ୍ୟକ୍ତିମାନଙ୍କ ସମସ୍ୟାଗୁଡ଼ିକୁ ବଢ଼ାଇ ଦେଇଛି ।
- ଆମ ସମାଜରେ ଜୀବନ ଧାରଣର ମାନ ଉପରେ ଦାରିଦ୍ର୍ୟ ଏବଂବେକାରୀ ସମସ୍ୟାର କ୍ଷତିକାରକ ପ୍ରଭାବ ପଡ଼ିଥାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଜାତିପ୍ରଥା, ଜଣେ ମଣିଷର ନିଜ ଇଚ୍ଛା ଅନୁଯାୟୀ ବୃତ୍ତି ବାଛିବାରେ ବାଧା ସୃଷ୍ଟି କରେ ।

୨. 'ଯୌତୁକ ପ୍ରଥା ଏକ ସାମାଜିକ ସମସ୍ୟା' – ବର୍ଣ୍ଣନା କର ।

୩. ମହିଳାମାନଙ୍କର ଉନ୍ନତିରେ ଏକ ଜାତି କିପରି ଉପକୃତ ହୁଏ ?

୪. ପିଲାଟିଏ ଆମ ଦେଶର ଏକ ମୂଲ୍ୟବାନ ସମ୍ପତ୍ତି – ତୁମେ ଏଥିରେ ଏକମତକି ?

୫. ଯୌତୁକ ନିରୋଧ ଆଇନ – ୧୯୬୧, ଯୌତୁକ ପ୍ରଥାକୁ ଦମନ କରିବାରେ ଫଳପ୍ରଦ ବୋଲି ତୁମେ ଭାବୁଛକି ?

୬. 'ଝିଅମାନେ ପୃଥିବୀର ସବୁଠାରୁ ଅଧିକ ଅପବ୍ୟୟିତ ଉପହାର' – ଆଲୋଚନା କର ।

୭. ଦାରିଦ୍ର୍ୟ ଏବଂ ବେକାରୀ ଅନେକ ସାମାଜିକ ସମସ୍ୟାର ମୂଳକାରଣ – ଆଲୋଚନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୨୦.୧ ୧. ସମାଜ କେତେକ କୃତ୍ରିମ ଦଳରେ ବିଭାଜିତ ହୁଏ । ଏହି ଦଳଗୁଡ଼ିକ ନିଜ ଜାତିର ପ୍ରାର୍ଥୀଙ୍କୁ ସହଯୋଗ କରନ୍ତି । କିନ୍ତୁ ପ୍ରାର୍ଥୀଙ୍କର ଯୋଗ୍ୟତା ପ୍ରତି ଧ୍ୟାନ ଦିଅନ୍ତି ନାହିଁ ।

୨. କନ୍ୟା ସନ୍ତାନର ସୁରକ୍ଷା ପାଇଁ ଏକ ଯୋଜନା ତିଆରି ହୋଇଛି । ଏଥିରେ ଗୋଟିଏ ଝିଅର ଜନ୍ମ ସମୟରେ କିଛି ପରିମାଣରେ ଅର୍ଥ ସ୍ୱତନ୍ତ୍ର ଭାବରେ ରଖିଦିଆଯାଏ । ଏହି ଅର୍ଥ ଅଠର ବର୍ଷ ବୟସର ହେବାପରେ ସେ ପାଏ । ଏହି ଅର୍ଥ ରାଶି ତାର ପାଠପଢ଼ା କିମ୍ବା ବିବାହ ପାଇଁ ବ୍ୟବହାର କରାଯାଏ ।

୩. ଯୌତୁକ ନିରୋଧ ଆଇନ – ୧୯୬୧ ।

୨୦.୨ ୧. ମଦ ତଥା ନିଶାଯୁକ୍ତ କ୍ଷତିକାରକ ପାନୀୟର ଅଭ୍ୟାସଗତ ସେବନ, ତମାଖୁ, ବିଡ଼ି, ସିଗାରେଟ ଓ ବିଭିନ୍ନ ନିଶାଯୁକ୍ତ ଔଷଧ ସେବନକୁ ମାଦକ ଦ୍ରବ୍ୟର ଅପବ୍ୟବହାର ବା ନିଶା ଆସକ୍ତି କୁହାଯାଏ ।

୨. ତମାଖୁ

୩. ୧୩୭ ନିୟୁତ

୪. ସହରାଞ୍ଚଳରେ ବିଶେଷକରି ଯୌଥ ପରିବାର ଭାଙ୍ଗିଯିବା ସହିତ କ୍ଷୁଦ୍ର ପରିବାରଗୁଡ଼ିଏ ଗଢ଼ି ଉଠିବାରୁ ବୟସ୍କବ୍ୟକ୍ତିମାନେ ନିଜ ପରିବାରରେ ନିଜେ ଅଦରକାରୀ ହୋଇ ପଡୁଛନ୍ତି ।

୨୦.୩ ୧. ୧୨୧୦ ନିୟୁତ

୨. ଦାରିଦ୍ର୍ୟ ଏବଂ ବେକାରୀ

୩. ଭିକ୍ଷାବୃତ୍ତି ଏକ ନିନ୍ଦନୀୟ କାର୍ଯ୍ୟ ଏବଂ ଏଥିରେ ଉଭୟ ଭିକ ଦେଉଥିବା ଲୋକ ଏବଂ ଭିକ ମାଗୁଥିବା ଲୋକ ଦଣ୍ଡନୀୟ ଅଟନ୍ତି ।

୪. ୬ ରୁ ୧୪ ବର୍ଷ ବୟସ ମଧ୍ୟରେ ପିଲାଟିଏ ପାଠ ପଢ଼ିବାକୁ ସ୍କୁଲଯିବା ଆଶା କରାଯାଏ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଏହି ବୟସ ସୀମା ମଧ୍ୟରେ ଥିବା ୨୦୦ ନିୟୁତ ଭାରତୀୟ ପିଲାମାନଙ୍କ ମଧ୍ୟରୁ ପ୍ରାୟ ୧୧.୩ ନିୟୁତ ପିଲା ଶ୍ରମିକ ଅଟନ୍ତି । ବେସରକାରୀ ସଂସ୍ଥାଗୁଡ଼ିକ ଏହି ବାଳଶ୍ରମିକମାନଙ୍କ ସଂଖ୍ୟା ୬୦ ନିୟୁତ ହୋଇଥିବାର ଆକଳନ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୨,୦୦,୦୦୦ ଘରୋଇ ଚାକର ଭାବରେ କାମ କରନ୍ତି । ଆହୁରି ମଧ୍ୟ ପ୍ରାୟ ସମାନ ସଂଖ୍ୟକ ପିଲା ଚୁକ୍ତିବଦ୍ଧ ହୋଇ କାମ କରନ୍ତି । ଏହି ପିଲାମାନେ ଶାରୀରିକ ଏବଂ ମାନସିକ ଭାବରେ ନିର୍ଯ୍ୟାତିତ ହୁଅନ୍ତି । ସେମାନେ ଖାଇବାକୁ ନପାଇ ଭୋକିଲା ରୁହନ୍ତି, ମାଡ଼ ଖାଆନ୍ତି, ଏପରିକି ଯୌନ ନିର୍ଯ୍ୟାତନାର ଶିକାର ମଧ୍ୟ ହୁଅନ୍ତି । ଏହା ଏକ ଗୁରୁତର ସମସ୍ୟା ଏବଂ ଏହାକୁ ଶିଶୁ ନିର୍ଯ୍ୟାତନା କୁହାଯାଏ ।

# ୨୧
# ବିଦେଶରେ ଭାରତୀୟ ସଂସ୍କୃତିର ପ୍ରସାର

ଆଜିକାଲି ଲୋକମାନେ ଦେଶ ବିଦେଶକୁ ବହୁତ ଯିବା ଆସିବା କଲେଣି । ସଡ଼କ ପଥରେ, ରେଳଯୋଗେ, ସମୁଦ୍ର ପଥରେ, ବ୍ୟୋମଯାନରେ ଓ ଅନ୍ୟାନ୍ୟ ବାଟରେ ମଧ୍ୟ ଏହିଭଳି ଯାତ୍ରା ସମ୍ପନ୍ନ କରାଯାଉଛି । ମାତ୍ର ଭାରତରେ ରେଳ କିମ୍ବା ଉଡ଼ାଜାହାଜ ନଥିଲା ବେଳେ ମଧ୍ୟ ଲୋକମାନେ ବହୁତ ଦୂର ଯାତ୍ରା କରୁଥିଲେ – ତୁମେ ଏହା ଜାଣକି ? ଖ୍ରୀଷ୍ଟପୂର୍ବ ତୃତୀୟ ଶହସ୍ରାବ୍ଦ ବେଳକୁ ମଧ୍ୟ (୩୦୦୦ ରୁ ୨୦୦୦ ବର୍ଷ ମଧ୍ୟରେ) ବାଣିଜ୍ୟ ବ୍ୟବସାୟ ନିମନ୍ତେ ବିଭିନ୍ନ ବିଦେଶୀ ରାଷ୍ଟ୍ର ସହିତ ଭାରତର ସମ୍ପର୍କ ସ୍ଥାପିତ ହୋଇଥିଲା । ଭାରତର ତିନିପାଖରେ ସମୁଦ୍ର ଏବଂ ଉତ୍ତର ପଟେ ହିମାଳୟ ଭଳି ଅଗମ୍ୟ ପ୍ରାଚୀର ଥିଲେ ସୁଦ୍ଧା ପୃଥିବୀର ଅବଶିଷ୍ଟ ଦେଶମାନଙ୍କ ସହିତ ଭାରତୀୟମାନେ ସମ୍ପର୍କ ସ୍ଥାପନ କରିପାରିଥିଲେ । ସେମାନେ ପ୍ରକୃତରେ ବହୁ ଦୂରକୁ ଯାଇଥିଲେ ଏବଂ ଯେଉଁଠିକି ଯାଉଥିଲେ, ସେଠାରେ ନିଜର ସାଂସ୍କୃତିକ ପଦଚିହ୍ନ ଛାଡ଼ିଆସୁଥିଲେ । ସେହିଭଳି ସେହି ସବୁ ଦେଶରୁ ବିଭିନ୍ନ ଧାରଣା, ଚିନ୍ତାଧାରା, ପ୍ରଥା ଓ ପରମ୍ପରା ନିଜ ସାଙ୍ଗରେ ଆମ ଦେଶକୁ ଆଣିଥିଲେ । ଏଭଳି ସାଂସ୍କୃତିକ ଭାବବିନିମୟ ଓ ଭାରତୀୟ ସଂସ୍କୃତି ତଥା ସଭ୍ୟତାର ପ୍ରସାର ବିଶେଷ କରି ମଧ୍ୟ ଏସିଆ, ଦକ୍ଷିଣ ପୂର୍ବ ଏସିଆ, ଚୀନ, ଜାପାନ, କୋରିଆ ଆଦି ଦେଶ ସହିତ ଅତି ଉଲ୍ଲେଖନୀୟ ଭାବରେ ଘଟିଥିଲା । କୌଣସି ସମାଜ ବା ବ୍ୟକ୍ତିର ଜୀବନ ପ୍ରତି, କୌଣସି ପ୍ରକାର ବିପଦ ନଥାଇ, ଦେଶ ଜୟ ନକରି ସେହିସବୁ ଦେଶର ଅଧିବାସୀମାନଙ୍କ ଦ୍ୱାରା ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ସ୍ୱେଚ୍ଛାକୃତ ଭାବେ ଗ୍ରହଣ କରାଇନେବା ଏହି ପ୍ରସାରର ସବୁଠାରୁ ଉଲ୍ଲେଖନୀୟ ଦିଗ । ଭାରତୀୟ ସଂସ୍କୃତି ଅନ୍ୟାନ୍ୟ ଦେଶକୁ କିଭଳି ପ୍ରସାରିତ ହୋଇଥିଲା ଓ ସେହି ଦେଶମାନଙ୍କରେ ଏହାର ପ୍ରଭାବ ବିଷୟ ଏହି ଅଧ୍ୟାୟରେ ଆମେ ପଢ଼ିବା । ଅନ୍ୟାନ୍ୟ ଦେଶ, ଅନ୍ୟାନ୍ୟ ସମାଜ, ଅନ୍ୟଧର୍ମ ଓ ଅନ୍ୟ ସଂସ୍କୃତି କିଭଳି ଶାନ୍ତିପୂର୍ଣ୍ଣ ଭାବରେ ଓ ବନ୍ଧୁତା ମଧ୍ୟରେ ଆମର ଜୀବନକୁ ସାହାଯ୍ୟ କରେ ଓ ଅଧିକ ଫଳପ୍ରଦ କରେ ସେହି ମୂଲ୍ୟବାନ ତତ୍ତ୍ୱଟି ମଧ୍ୟ ଏହି ଅଧ୍ୟାୟରୁ ଆମେ ବୁଝିପାରିବା ।

## ଉଦ୍ଦେଶ୍ୟ

ଏହି ପାଠକୁ ପଢ଼ିଲାପରେ ତୁମେମାନେ ନିମ୍ନୋକ୍ତ ଦକ୍ଷତା ହାସଲ କରିବ :

- କିଭଳି ବିଭିନ୍ନ ଭାବରେ ଭାରତୀୟ ସଂସ୍କୃତି ବିଦେଶକୁ ପ୍ରସାରିତ ହୋଇଥିଲା ତାହା ବୁଝାଇ ପାରିବ ।
- ଯେଉଁ ପଥ ଦେଇ ବ୍ୟବସାୟୀମାନେ ବିଦେଶକୁ ଯାଇଥିଲେ ଏବଂ ଭାରତୀୟ ସଂସ୍କୃତି ପ୍ରଚାର କରିବାରେ ପ୍ରଥମ ଦୂତ ସାଜିପାରିଥିଲେ, ତାକୁ ତୁମେମାନେ ଚିହ୍ନଟ କରିପାରିବ ।
- ଭାରତୀୟ ସଂସ୍କୃତିର ପ୍ରସାର କରିବାରେ ପ୍ରାଚୀନ ବିଶ୍ୱବିଦ୍ୟାଳୟଗୁଡ଼ିକର, ଶିକ୍ଷକମାନଙ୍କର ଓ ମିଶନାରୀ (ଧର୍ମ ପ୍ରଚାରକ)ମାନଙ୍କର ଭୂମିକାକୁ ବୁଝାଇପାରିବ ।





- ପୂର୍ବ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କରେ ଭାରତୀୟ ସଂସ୍କୃତିର ପ୍ରସାରର ମାର୍ଗକୁ ଚିହ୍ନଟ କରିପାରିବ ।
- ରୋମ୍ ସାମ୍ରାଜ୍ୟ ସହିତ ଭାରତର ବାଣିଜ୍ୟିକ ସମ୍ପର୍କକୁ ବର୍ଣ୍ଣନା କରିପାରିବ ।
- ଏକ ଶାନ୍ତିପ୍ରିୟ ଧର୍ମ ଭାବରେ ବିଭିନ୍ନ ଦେଶରେ ବୌଦ୍ଧ ଧର୍ମର ପ୍ରସାର ସମ୍ବନ୍ଧରେ ଆଲୋଚନା କରିପାରିବ । ଏହିସବୁ ଦେଶର ଭାଷା ଏବଂ ସାହିତ୍ୟ ଉପରେ ସଂସ୍କୃତ ଭାଷାର ପ୍ରଭାବକୁ ଆକଳନ କରିପାରିବ ।
- ଏହିସବୁ ଦେଶରେ ଭାରତୀୟ ଦର୍ଶନ, ଭାରତୀୟ ଶାସନ ପଦ୍ଧତି, ଭାରତୀୟ ଆଇନକାନୁନ ଓ ଭାରତୀୟ ମହାକାବ୍ୟର ଲୋକପ୍ରିୟତା ସମ୍ବନ୍ଧରେ ବ୍ୟାଖ୍ୟା କରିପାରିବ ।
- ଏହିସବୁ ଦେଶମାନଙ୍କରେ ବହୁ ଶତାବ୍ଦୀ ଧରି ଗଢ଼ିହୋଇ ଆସିଥିବା ବିଶାଳ ଭାରତୀୟ ମନ୍ଦିର, ସ୍ଥାପତ୍ୟ ଓ ଚିତ୍ରକଳା (ପେଣ୍ଟିଂ) ରୂପରେ ପରିପୁଷ୍ଟ ଐତିହାସିକ କୀର୍ତ୍ତିମାନଙ୍କୁ ଚିତ୍ରଣ କରିପାରିବ ଏବଂ
- ଆରବ ସଭ୍ୟତା ସହିତ ଭାରତର ସାଂସ୍କୃତିକ ଆଦାନ ପ୍ରଦାନକୁ ବର୍ଣ୍ଣନା କରିପାରିବ ।

## ୨୧.୧ ବଣିକ, ଶିକ୍ଷକ, କୂଟନୀତିଜ୍ଞ ଓ ଧର୍ମପ୍ରଚାରକଙ୍କ ଦ୍ୱାରା ପ୍ରସାରିତ ହେଉଥିବା ଭାରତୀୟ ସଂସ୍କୃତି :

ପୁରାକାଳରେ ବାଣିଜ୍ୟ ବ୍ୟବସାୟରେ ନୂତନ ସୁଯୋଗ ଖୋଜିବା ନିମନ୍ତେ ବଣିକମାନେ ଭାରତରୁ ଦୂରଦେଶମାନଙ୍କୁ ଯାତ୍ରା କରୁଥିଲେ । ପଶ୍ଚିମରେ ରୋମ୍‌କୁ ଓ ପୂର୍ବରେ ଚୀନକୁ ସେମାନେ ଯାତ୍ରା କରିଥିଲେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ବେଳକୁ ସୁବର୍ଣ୍ଣ ଅନ୍ୱେଷଣରେ ସେମାନେ ଇଣ୍ଡୋନେସିଆ ଓ କାମ୍ବୋଡ଼ିଆ ଭଳି ଦେଶମାନଙ୍କୁ ଯାତ୍ରା କରିଥିଲେ । ସେମାନେ ଜାଭା, ସୁମାତ୍ରା ଓ ମାଳୟ ଭଳି ଦ୍ୱୀପକୁ ଯାତ୍ରା କରିଥିଲେ । ସେହି କାରଣରୁ ଏହି ଦ୍ୱୀପମାନଙ୍କୁ ସୁବର୍ଣ୍ଣ ଦ୍ୱୀପ ବୋଲି ନାମିତ କରାଯାଏ । (ସୁବର୍ଣ୍ଣ ଅର୍ଥ ସୁନା ଓ ଆଇଲାଣ୍ଡ ଅର୍ଥ ଦ୍ୱୀପ) । ଏହି ବଣିକମାନେ କାଶୀ, ମଥୁରା, ଉଜ୍ଜୟିନୀ, ପ୍ରୟାଗ ଓ ପାଟଳୀପୁତ୍ର ଭଳି ଅନେକ ଉନ୍ନତ ସହରରୁ ଯାତ୍ରା କରୁଥିଲେ । ମାମାଲାପୁରମ୍, ତାମ୍ରଲିପ୍ତି, ପୁରୀ ଓ କାବେରୀପାଟ୍‌ନମ ଭଳି ବନ୍ଦର ଥିବା ସହରମାନଙ୍କରୁ ମଧ୍ୟ ଯାତ୍ରା କରୁଥିଲେ । ସମ୍ରାଟ ଅଶୋକଙ୍କ ସମୟରେ କଳିଙ୍ଗର ବାଣିଜ୍ୟିକ ସମ୍ପର୍କ ଶ୍ରୀଲଙ୍କା ସହ ମଧ୍ୟ ଥିଲା । ଏହି ବଣିକମାନେ ଯେଉଁସ୍ଥାନକୁ ଯାତ୍ରା କରୁଥିଲେ, ସେହି ସ୍ଥାନ ସହ ସେମାନଙ୍କ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରୁଥିଲେ । ଏହିଭଳି ଭାବରେ ଏହି ବଣିକମାନେ ସାଂସ୍କୃତିକ ଦୂତ ହିସାବରେ କାର୍ଯ୍ୟକରି ବାହାର ଦୁନିଆ ସହ ସମ୍ପର୍କ ସ୍ଥାପନ କରିଥିଲେ ।

ପୂର୍ବତଟ ଭଳି ପଶ୍ଚିମ ତଟରେ ମଧ୍ୟ ଅନେକ ସାଂସ୍କୃତିକ ପୀଠମାନ ସେମାନେ ସ୍ଥାପନ କରିଥିଲେ । କାରଲେ, ଭାଜ, କାନ୍‌ହେରି, ଅଜନ୍ତା ଓ ଏଲୋରା ଏଭଳି ପ୍ରସିଦ୍ଧ ସ୍ଥାନମାନଙ୍କ ମଧ୍ୟରେ ଉଲ୍ଲେଖନୀୟ । ଏଥିମଧ୍ୟରୁ ଅଧିକାଂଶ ବୌଦ୍ଧ ଆଶ୍ରମ ଅଟନ୍ତି ।

ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବିଶ୍ୱବିଦ୍ୟାଳୟମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିଲା । ବହୁ ଶିକ୍ଷାର୍ଥୀ ଓ ବିଦ୍ୱାନ ବ୍ୟକ୍ତି ବିଶେଷଙ୍କୁ ଆକର୍ଷିତ କରିବା ଲାଗି ଏହି ସ୍ଥାନମାନ ଥିଲା । ବିଦେଶରୁ ଆସୁଥିବା ବିଦ୍ୱାନ ବ୍ୟକ୍ତିଗଣ ବହୁତ ସମୟରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ସାତମହଲା ବିଶିଷ୍ଟ ଗ୍ରନ୍ଥାଗାର (ଲାଇବ୍ରେରୀ)କୁ ପରିଦର୍ଶନ କରିବାକୁ ଆସୁଥିଲେ । ଏହି ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀ ଓ ବିଦ୍ୱାନବ୍ୟକ୍ତି ବିଶେଷ ବିଦେଶରେ ଭାରତୀୟ ସଂସ୍କୃତିର ଜ୍ଞାନଗାରିମା ଓ ଧର୍ମ ନେଇ ପ୍ରଚାର କରୁଥିଲେ । ଚୀନ ପରିବ୍ରାଜକ ହୁଏନ୍‌ସାଂ ଭାରତର ବିଶ୍ୱବିଦ୍ୟାଳୟମାନଙ୍କୁ ପରିଦର୍ଶନ କରି ସେନେଇ ପ୍ରଭୂତ ତଥ୍ୟ ପ୍ରଦାନ କରିଛନ୍ତି । ଉଦାହରଣ ସ୍ୱରୂପ – ହୁଏନ୍‌ସାଂ ପୂର୍ବ ଭାରତରେ ଥିବା ନାଳନ୍ଦା ଓ





ପଶ୍ଚିମରେ ଅବସ୍ଥିତ ଥିବା ଭଲଭି ଏହି ଦୁଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଓ ସେଠାରେ ଅବସ୍ଥାନ କରି ସେ ନେଇ ତଥ୍ୟ ପ୍ରଦାନ କରିଛନ୍ତି ।

ଗଙ୍ଗାନଦୀର ଡାହାଣ କୂଳରେ ଅବସ୍ଥିତ ଅନ୍ୟଏକ ବିଶ୍ୱବିଦ୍ୟାଳୟ ହେଉଛି 'ବିକ୍ରମଶୀଳ' । ତିବ୍ବତୀୟ ବିଦ୍ୱାନ ତାରାନାଥ ଏ ନେଇ ଏକ ଆଲେଖ୍ୟ ଦେଇଛନ୍ତି । ଏହି ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାର୍ଥୀମାନେ ଏତେ ପ୍ରସିଦ୍ଧ ଥିଲେ ଯେ, ଦୁଇ ଦେଶ ମଧ୍ୟରେ ଥିବା ଏକାପ୍ରକାର ସଂସ୍କୃତି ଓ ଦେଶୀୟ ଜ୍ଞାନରେ ସର୍ବସାଧାରଣଙ୍କୁ ଆଗ୍ରହୀ କରିବାଲାଗି ପଦକ୍ଷେପ ନେବା ପାଇଁ ତିବ୍ବତର ରାଜା ଏହି ବିଶ୍ୱବିଦ୍ୟାଳୟର ମୁଖ୍ୟଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ଏକ ପ୍ରତିନିଧି ଦଳ ପଠାଇଥିଲେ ।

ଅନ୍ୟଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଥିଲା ବିହାରର ଓଦନ୍ତପୁରୀ । ପାଳ ବଂଶୀୟ ରାଜାମାନଙ୍କ ପୃଷ୍ଠପୋଷକତା ଲାଭ କରି ଏହା ଉତ୍କର୍ଷଲାଭ କରିଥିଲା । ଏହି ବିଶ୍ୱବିଦ୍ୟାଳୟରୁ ଅନେକ ସନ୍ଥ ତିବ୍ବତକୁ ଯାଇ ସେଠାରେ ସ୍ଥାୟୀ ଭାବରେ ରହିଯାଇଥିଲେ ।

ଚୀନର ସମ୍ରାଟଙ୍କ ନିମନ୍ତ୍ରଣ ପାଇ ଦୁଇଜଣ ଭାରତୀୟ ଶିକ୍ଷକ ଚୀନକୁ ୬୭ ଖ୍ରୀଷ୍ଟାବ୍ଦରେ ଯାଇଥିଲେ । ସେମାନଙ୍କ ନାମ ଥିଲା କାଶ୍ୟପ ମାର୍ତ୍ତଙ୍ଗ ଓ ଧର୍ମରକ୍ଷିତ । ସେମାନଙ୍କ ପରେ ନାଳନ୍ଦା, ତକ୍ଷଶିଳା, ବିକ୍ରମଶିଳ ଓ ଓଦନ୍ତପୁରୀ ଭଳି ବିଶ୍ୱବିଦ୍ୟାଳୟମାନଙ୍କରୁ ଅନେକ ଶିକ୍ଷକ ମଧ୍ୟ ଯାଇଥିଲେ । ଆଚାର୍ଯ୍ୟ କୁମରଜୀବ ଯେତେବେଳେ ଚୀନକୁ ଗଲେ ସେଠାରେ ତାଙ୍କୁ ସଂସ୍କୃତ ପାଠ୍ୟକୁ ଚୀନା ଭାଷାରେ ଅନୁବାଦ କରିବାଲାଗି ସେଠାକାର ରାଜା ଅନୁରୋଧ କଲେ । ଯୋଗ ଦର୍ଶନର ବିଶେଷଜ୍ଞ ମନିଷୀ ବୋଧିଧର୍ମଙ୍କୁ ଚୀନ ଓ ଜାପାନରେ ଏବେ ମଧ୍ୟ ବହୁତ ସମ୍ମାନ ଦେଖାଯାଏ ।

ନାଳନ୍ଦା ବିଶ୍ୱବିଦ୍ୟାଳୟର ଶିକ୍ଷକ ଆଚାର୍ଯ୍ୟ କମଳଶୀଳଙ୍କୁ ତିବ୍ବତର ରାଜା ନିମନ୍ତ୍ରଣ କରି ନେଇଥିଲେ । ତାଙ୍କର ମୃତ୍ୟୁ ପରେ ତିବ୍ବତୀୟମାନେ ତାଙ୍କ ଶରୀରକୁ ବିଭିନ୍ନ ଔଷଧୀୟ ମଲମ ଲଗାଇ ଲାସା ବୌଦ୍ଧପୀଠରେ ସୁରକ୍ଷିତ କରି ରଖିଥିଲେ ।

ଜ୍ଞାନଭଦ୍ର ନାମରେ ଆଉଜଣେ ଅତି ବିଦ୍ୱାନ ବ୍ୟକ୍ତି ଥିଲେ । ଧର୍ମ ସମ୍ବନ୍ଧୀୟ ପ୍ରବଚନ ଦେବାଲାଗି ସେ ନିଜର ଦୁଇ ପୁଅଙ୍କ ସହିତ ତିବ୍ବତକୁ ଯାଇଥିଲେ । ବିହାରର ଓଦନ୍ତପୁର ବିଶ୍ୱବିଦ୍ୟାଳୟ ଢ଼ାଞ୍ଚାରେ ତିବ୍ବତରେ ଏକ ଆଶ୍ରମ ତିଆରି କରାଯାଇଥିଲା ।

ଆଚାର୍ଯ୍ୟ ଅତୀଶ ବିକ୍ରମଶୀଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଥିଲେ । ସେ ଦୀପଙ୍କ ଶ୍ରୀଜ୍ଞାନ ନାମରେ ମଧ୍ୟ ପରିଚିତ ଥିଲେ । ଏକାଦଶ ଶତାବ୍ଦୀରେ ସେ ତିବ୍ବତକୁ ଯାଇ ସେଠାରେ ବୌଦ୍ଧଧର୍ମର ଭିତ୍ତିକୁ ସୁଦୃଢ଼ କରିଥିଲେ । ଚୀନା ପରିବ୍ରାଜକ ହୁଏନ୍‌ସାଂ ଭାରତ ଦର୍ଶନରେ ଆସିଥିବା ସମୟରେ ଥୋନ୍‌ମିସମ୍ଭୋତ ନାମକ ଜଣେ ତିବ୍ବତୀୟ ଧର୍ମଯାଜକ ନାଳନ୍ଦାରେ ଅଧ୍ୟୟନ କରୁଥିଲେ । ଥୋନ୍‌ମିସମ୍ଭୋତ ସେଠାରେ ଅଧ୍ୟୟନ କରି ଫେରିଗଲା ପରେ ତିବ୍ବତରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ଅନେକ ତିବ୍ବତୀୟ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ଏପରିକି ତିବ୍ବତର ରାଜାମଧ୍ୟ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ସେ ବୌଦ୍ଧଧର୍ମକୁ ତାଙ୍କ ରାଷ୍ଟ୍ରୀୟ ଧର୍ମଭାବରେ ଘୋଷଣା କରିଥିଲେ । ବିଭିନ୍ନ ଉଲ୍ଲେଖନୀୟ ଗୁରୁଙ୍କ ମଧ୍ୟରେ କୁମାରଜୀବ ପଞ୍ଚମ ଶତାବ୍ଦୀରେ ବହୁତ ସକ୍ରିୟ ଥିଲେ ।

## ୨୧.୨ ଅନ୍ୟାନ୍ୟ ବାଟରେ ଭାରତୀୟ ସଂସ୍କୃତିର ପ୍ରସାର

**ରୋମା କିମ୍ବା ଜିପ୍‌ସି ଦଳ :** ଭାରତରୁ କିଛି ଲୋକ ଦଳ ଦଳ ହୋଇ ବାରବୁଲା ଯାତ୍ରୀ ଭାବରେ ବିଦେଶକୁ ଯାଉଥିଲେ । ସେମାନେ ନିଜକୁ ରୋମା ବୋଲି କହୁଥିଲେ । ତାଙ୍କର ଭାଷା ଥିଲା ରୋମାନି । ଇଉରୋପରେ





ସେମାନେ ଜିପ୍‌ସି ନାମରେ ପରିଚିତ ଥିଲେ । ଆଜିର ପାକିସ୍ଥାନ ଓ ଆଫ୍‌ଗାନିସ୍ଥାନକୁ ଅତିକ୍ରମ କରି ସେମାନେ ଆହୁରି ପଶ୍ଚିମକୁ ଯାଉଥିଲେ । ସେଠାରୁ ସେହି ଭ୍ରାମ୍ୟମାଣ ଦଳଗୁଡ଼ିକ ଇରାନ୍ ଓ ଇରାକ୍ ବାଟ ଦେଇ ତୁର୍କୀକୁ ଯାଇଥିଲେ । ପାରସ୍ୟ, ଟାଉରସ୍ ପର୍ବତମାଳା ଓ କନ୍‌ଷ୍ଟାଣ୍ଟିନୋପଲ ମଧ୍ୟ ଦେଇ ଇଉରୋପର ବହୁ ଦେଶ ଭିତରକୁ ସେମାନେ ବ୍ୟାପି ଯାଇଥିଲେ । ଆଜିକାଲି ସେମାନେ ଗ୍ରୀସ, ବୁଲଗେରିଆ, ପୂର୍ବତନ ଯୁଗେସ୍ଲୋଭିଆର ବିଭିନ୍ନ ରାଜ୍ୟ, ରୁମାନିଆ, ହଙ୍ଗେରୀ, ଚେକ୍ ଓ ସ୍ଲୋଭାକ୍ ସାଧାରଣତନ୍ତ୍ର, ରୁଷିଆ, ପୋଲାଣ୍ଡ, ସ୍ୱିଜରଲାଣ୍ଡ, ଫ୍ରାନ୍ସ, ସ୍ୱିଡ଼େନ୍, ଡ଼େନ୍‌ମାର୍କ ଓ ଇଂଲଣ୍ଡରେ ବାସ କରୁଛନ୍ତି । ଏହିସବୁ ଦେଶକୁ ଯାଇ, ସେଠାରେ ବସତି ସ୍ଥାପନ କରିବା ଲାଗି ସେମାନଙ୍କୁ ପ୍ରାୟ ଚାରିଶହ ବର୍ଷ ଲାଗିଗଲା । ଏତେ ସମୟ ବ୍ୟବଧାନରେ ସେମାନେ ତାଙ୍କର ମୂଳ ବାସସ୍ଥାନକୁ ଭୁଲିଯାଇଥିଲେ ସୁଦ୍ଧା ନିଜର ଭାଷା, ଚଳଣି, ରୀତିନୀତି, ଜୀବନ ନିର୍ବାହର ପନ୍ଥା ଓ ସେମାନଙ୍କର ମୌଳିକ ଧନ୍ଦାକୁ ଭୁଲି ନଥିଲେ ।

ନିଜର ନୃତ୍ୟ ଓ ସଙ୍ଗୀତ ଲାଗି ମଧ୍ୟ ରୋମାମାନେ ବେଶ୍ ଖ୍ୟାତ ଥିଲେ । ପ୍ରତ୍ୟେକ ରୋମା ସଙ୍ଗୀତଜ୍ଞ ଜଣେ ଜଣେ ଅତି ଚମତ୍କାର କଳାକାର ବୋଲି କୁହାଯାଇଥାଏ ।

## ପାଠଗତ ପ୍ରଶ୍ନାବଳୀ ୨୧.୧

୧. ବିଦେଶରେ ଆମ ସଂସ୍କୃତିର ପ୍ରସାର କେଉଁମାନେ କରିଥିଲେ ?

________________________________________

୨. ଚୀନା ପରିବ୍ରାଜକ ହୁଏନ୍‌ସାଂ କେଉଁ ବିଶ୍ୱବିଦ୍ୟାଳୟ ଦୁଇଟିକୁ ପରିଦର୍ଶନ କରିଥିଲେ ?

________________________________________

୩. କେଉଁ ତିବ୍ବତୀୟ ପଣ୍ଡିତ ବିକ୍ରମଶୀଳ ବିଶ୍ୱବିଦ୍ୟାଳୟର ବିସ୍ତୃତ ବର୍ଣ୍ଣନା ପ୍ରଦାନ କରିଥିଲେ ?

________________________________________

୪. କେଉଁ ଗୁରୁ ଦୁଇଜଣ ୬୭ ଖ୍ରୀଷ୍ଟାବ୍ଦରେ ଚୀନ ପରିଦର୍ଶନ କରିଥିଲେ ?

________________________________________

୫. ଆଚାର୍ଯ୍ୟ କୁମର ଜୀବ କାହିଁକି ଚୀନ ଗଲେ ?

________________________________________

୬. ପୁରାତନ ସମୟରେ କେଉଁମାନେ ଜିପ୍‌ସୀ ନାମରେ ପରିଚିତ ଥିଲେ ?

________________________________________

## ୨୧.୩ ମଧ୍ୟଏସିଆରେ ଭାରତୀୟ ସଂସ୍କୃତି

ଭାରତ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ପରଠାରୁ – ଚୀନ, ମଧ୍ୟଏସିଆ, ପଶ୍ଚିମ ଏସିଆ ଓ ରୋମ ସାମ୍ରାଜ୍ୟ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲା । ମଧ୍ୟଏସୀୟ ଭୂଖଣ୍ଡର ଚାରିପାଖରେ ଚୀନ, ରୁଷିଆ, ତିବ୍ବତ, ଭାରତ ଏବଂ ଆଫଗାନିସ୍ଥାନ ଦେଶମାନ ଅବସ୍ଥିତ । ଚୀନରୁ ଓ ଚୀନକୁ ବ୍ୟବସାୟୀମାନେ ବାଧାବିଘ୍ନ ସତ୍ତ୍ୱେ ଏହି ସ୍ଥାନସବୁ ଅତିକ୍ରମ କରୁଥିଲେ । ଯେଉଁ ପଥସବୁ ସେମାନେ ଉନ୍ମୁକ୍ତ କରି ଯାତାୟାତ କରୁଥିଲେ ପରେ ସେସବୁ ପଥ ସିଲ୍କ

ପଥ ଭାବେ ଖ୍ୟାତିଲାଭ କଲା । ଏହି ପଥକୁ ଏପରି ନାମକରଣ କରିବାର କାରଣ ହେଲା ଚୀନର ଏକମାତ୍ର ବାଣିଜ୍ୟିକ ଜିନିଷ ହେଲା ସିଲକ୍ । ପରେ ଏହି ପଥକୁ ସନ୍ଥମାନେ ଓ ଧର୍ମପ୍ରଚାରକମାନେ ଯାତାୟାତ ନିମନ୍ତେ ବ୍ୟବହାର କରିଥିଲେ । ପୃଥିବୀର ଜଣାଶୁଣା ସଂସ୍କୃତିର ଆଦାନପ୍ରଦାନ ନିମନ୍ତେ ଏହି ପଥଗୁଡ଼ିକ ନିୟୋଜିତ ହୋଇପାରିଥିଲେ । ମଧ୍ୟଏସିଆରେ ଭାରତୀୟ ସଂସ୍କୃତିର ପ୍ରଭାବ ବହୁଳ ମାତ୍ରାରେ ଅନୁଭୂତ ହେଉଥିଲା ।

ମଧ୍ୟଏସିଆର ରାଜ୍ୟମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତିର ବିକାଶ କେନ୍ଦ୍ରଭାବେ କୁଚି ଅତ୍ୟନ୍ତ ପ୍ରାଧାନ୍ୟଲାଭ କରିଥିଲା । ଏହି ସାମ୍ରାଜ୍ୟରେ ସିଲ୍କ ପଥ ଦୁଇ ଭାଗରେ ବିଭକ୍ତ ହୋଇ ପୁଣି ଚୀନର ତନ୍ – ହ୍ୱାଂଅ ଗୁମ୍ଫାଠାରେ ମିଳିତ ହୋଇଥିଲା । ତେଣୁ ଏଠାରେ ଉତ୍ତର ଓ ଦକ୍ଷିଣ ସିଲ୍କ ପଥ ଅବସ୍ଥିତ ଥିଲା । ଉତ୍ତର ପଥଟି ସମରକନ୍ଦ, କାଶଘର, ତମ୍ସୁକ୍, ଆକ୍ସୁ, କୋରାସହର, ଟର୍ଫାନ ଓ ହମି ବାଟଦେଇ ଯାଇଥିଲା ବେଳେ ଦକ୍ଷିଣ ପଥଟି ୟର୍କନ୍ଦ, ଖୋଟନ୍, କେରୟା, ଚେର୍‌ଚେନ୍ ଏବଂ ମିରାନ୍ ମଧ୍ୟଦେଇ ଯାଇଥିଲା । ଜ୍ଞାନର ଅନ୍ୱେଷଣରେ ଏବଂ ବୁଦ୍ଧଙ୍କ ଦର୍ଶନର ବିସ୍ତାର କରିବାଲାଗି ଅନେକ ଚୀନ ଓ ଭାରତୀୟ ବିଜ୍ଞବ୍ୟକ୍ତିମାନେ ଏହି ପଥଦେଇ ଯାତ୍ରା କରୁଥିଲେ ।

ଭାରତ ଓ ମଧ୍ୟଏସୀୟ ଦେଶମାନଙ୍କ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନର ପ୍ରମାଣ ଏହି ଦେଶମାନଙ୍କରେ ଥିବା ପୁରାତନ ସ୍ତୁପ, ମନ୍ଦିର, ବୌଦ୍ଧ ଆଶ୍ରମ, ମୂର୍ତ୍ତି ଓ ଚିତ୍ରକଳାରୁ ପ୍ରତୀୟମାନ ହୋଇଥାଏ । ଏହି ଯାତାୟାତ ପଥରେ – ବୌଦ୍ଧଭିକ୍ଷୁ, ଧର୍ମପ୍ରଚାରକ, ପରିବ୍ରାଜକ, ବାଣିଜ୍ୟବ୍ୟବସାୟୀଙ୍କ ନିମନ୍ତେ ବିଶ୍ରାମ ସ୍ଥଳମାନ ଥିଲା ଏବଂ ପରବର୍ତ୍ତୀ ସମୟରେ ଏହି ସ୍ଥାନଗୁଡ଼ିକ ବୌଦ୍ଧ ଭିକ୍ଷୁଙ୍କର ଜ୍ଞାନ କେନ୍ଦ୍ର ଭାବରେ ଖ୍ୟାତିଲାଭ କରିଥିଲା । ସିଲ୍କ ଓ ମୂଲ୍ୟବାନ ରତ୍ନ, ଘୋଡ଼ା ଓ ମୂଲ୍ୟବାନ ସାମଗ୍ରୀ ସେହି ପଥଦେଇ ଆଦାନ ପ୍ରଦାନ ହେଉଥିଲା । କିନ୍ତୁ ସବୁଠାରୁ ଚିରସ୍ଥାୟୀ ସମ୍ପତ୍ତି ଥିଲା ବୌଦ୍ଧଧର୍ମ । ତେଣୁ ଧର୍ମ, ଦର୍ଶନ, ଚିନ୍ତାଧାରା, ବିଶ୍ୱାସ ସହ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସେହି ପଥଦେଇ ସଞ୍ଚରିତ ହେଉଥିଲା ।

ଖୋଟନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ତାହା ଦକ୍ଷିଣ ସିଲ୍କ ପଥରେ ଅବସ୍ଥିତ ଥିଲା । ସେହି ସାମ୍ରାଜ୍ୟ ସହିତ ଭାରତର ସାଂସ୍କୃତିକ ସମ୍ପର୍କ ଦୁଇ ଶହଶ୍ରାବ୍ଦ ଧରି ରହିଅଛି । ଖୋଟନ ସିଲ୍କଶିଳ୍ପ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ସାଧନା, ବ୍ୟବସାୟିକ କାର୍ଯ୍ୟ ଏବଂ ସୁନା ଓ ମୂଲ୍ୟବାନ ରତ୍ନ ରପ୍ତାନି କରିବା ନିମନ୍ତେ ବିଖ୍ୟାତ ଥିଲା ।

ଭାରତରୁ ଖୋଟନକୁ ଗୁରୁ ଏବଂ ସାଧୁମାନଙ୍କର ନିରବଚ୍ଛିନ୍ନ ଯାତ୍ରା ଭାରତ ଓ ଖୋଟନ ସମ୍ପର୍କର ଇତିହାସର ସାକ୍ଷୀ । ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରେ ପ୍ରଚଳିତ ଖୋଟାନର ମୁଦ୍ରାଗୁଡ଼ିକର ପୃଷ୍ଠଭାଗରେ ଚୀନା ଭାଷାରେ ଓ ସମ୍ମୁଖ ଭାଗରେ ଖୋରାଷ୍ଟି ଲିପିରେ ପ୍ରକୃତିର ଖୋଦେଇ ମିଶ୍ରିତ ସଂସ୍କୃତିର ପ୍ରମାଣ ଦର୍ଶାଇଥାଏ । ବାଲିରେ ପୋତିହୋଇ ପଡ଼ିଥିବା ବୌଦ୍ଧ ମଠମାନଙ୍କରୁ ବୁଦ୍ଧଙ୍କ ବାଣୀର ଅନେକ ଗୁଡ଼ିଏ ସଂସ୍କୃତ ପାଣ୍ଡୁଲିପି, ଅନୁବାଦ ଓ ପ୍ରତିଲିପି ଆବିଷ୍କାର କରାଯାଇଥିଲା ।

## ୨୧.୪ ପୂର୍ବ ଏସିଆରେ ଭାରତୀୟ ସଂସ୍କୃତି

### ଚୀନ

ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ପ୍ରାୟ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ବେଳକୁ ଆରମ୍ଭ ହୋଇଥିଲା । କାଶ୍ୟପ ମାର୍ତଙ୍ଗ ଓ ଧର୍ମରକ୍ଷିତ ନାମକ ଦୁଇଜଣ ବିଦ୍ୱାନ ବୌଦ୍ଧଭିକ୍ଷୁଙ୍କ ଦ୍ୱାରା ଭାରତୀୟ ସଂସ୍କୃତି ଚୀନରେ ପ୍ରବେଶ କରିଥିଲା । ଚୀନ ସମ୍ରାଟ ମିଂଟିଙ୍କର ନିମନ୍ତ୍ରଣ ପାଇ ୬୭ ଖ୍ରୀଷ୍ଟାବ୍ଦରେ ସେମାନେ ଚୀନରେ ପ୍ରବେଶ କରିଥିଲେ ।

କାଶ୍ୟପ ମାର୍ତଙ୍ଗ ଓ ଧର୍ମରକ୍ଷିତଙ୍କ ପରେ ଚୀନ ଓ ଭାରତ ମଧ୍ୟରେ ବିଦ୍ୱାନ ବ୍ୟକ୍ତିମାନଙ୍କ ଅବିରତ ଯିବା ଆସିବା ଲାଗିରହିଥିଲା । ଚୀନାମାନେ ଅତ୍ୟନ୍ତ ଉନ୍ନତ ସଂସ୍କୃତି ସମ୍ପନ୍ନ ଥିଲେ । ଅତ୍ୟନ୍ତ ଆଗ୍ରହ ସହକାରେ ସେମାନେ

ବୁଦ୍ଧଦେବଙ୍କର ରୋମାଞ୍ଚଭରା ଗଳ୍ପସବୁ ଶୁଣିବାକୁ ଭଲପାଉଥିଲେ । ଚୀନର ଯେଉଁମାନେ ଜ୍ଞାନ ଆହରଣ ନିମନ୍ତେ ଭାରତ ଆସିଥିଲେ ସେମାନେ ଭାରତ ଓ ଭାରତୀୟ ସଂସ୍କୃତି ଉପରେ ଯାହା ଲେଖିଯାଇଛନ୍ତି ସେଗୁଡ଼ିକୁ ଏବେ ଭାରତର ଇତିହାସ ପାଇଁ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଉତ୍ସ ଭାବରେ ଗ୍ରହଣ କରାଯାଏ । ଭାରତୀୟ ବିଶ୍ୱବିଦ୍ୟାଳୟ ଓ ବୌଦ୍ଧମଠର ବିଶିଷ୍ଟ ଶିକ୍ଷକମାନେ ଚୀନରେ ପ୍ରସିଦ୍ଧିଲାଭ କରିଥିଲେ । ଉଦାହରଣ ସ୍ୱରୂପ ବୋଧିଧର୍ମ ନାମରେ ଜଣେ ବିଦ୍ୱାନ ବ୍ୟକ୍ତି କାଞ୍ଚିପୁରମ୍‌ରୁ ଚୀନକୁ ଯାଇଥିଲେ । ସେ ପ୍ରଥମେ ନାଳନ୍ଦାକୁ ଯାଇ ସେଠାରେ ଅଧ୍ୟୟନ କଲେ ଓ ତା'ପରେ ଚୀନକୁ ଗଲେ । ସେ ତାଙ୍କ ସହ ଯୋଗ ଦର୍ଶନର ବାର୍ତ୍ତା ନେଇଥିଲେ ଓ ସେଠାରେ ଧ୍ୟାନକୁ ଲୋକପ୍ରିୟ କଲେ ଯାହା ଚୀନର ଚା'ନ୍ ନାମରେ ଖ୍ୟାତ । ବୋଧିଧର୍ମ ଏପରି ପ୍ରଖ୍ୟାତ ହୋଇଗଲେ ଯେ ଚୀନ ଓ ଜାପାନର ଅଧିବାସୀମାନେ ତାଙ୍କୁ ଦେବତା ଭଳି ପୂଜା କଲେ ।

ଚୀନା ବୁଦ୍ଧିଜୀବୀମାନଙ୍କୁ ବୁଦ୍ଧଙ୍କ ଦର୍ଶନ ବହୁଭାବେ ଆକୃଷ୍ଟ କରିଥିଲା, କାରଣ ସେମାନେ ପୂର୍ବରୁ କନ୍‌ଫୁସିୟସଙ୍କ ଦର୍ଶନ ସହିତ ଘନିଷ୍ଠଭାବେ ପରିଚିତ ଥିଲେ ।

ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀରେ ଚୀନରେ ୱେଇ ରାଜବଂଶ କ୍ଷମତାକୁ ଆସିଥିଲା । ଏହାର ପ୍ରଥମ ସମ୍ରାଟ ବୌଦ୍ଧଧର୍ମକୁ ତାଙ୍କ ଦେଶର ଧର୍ମ ଭାବେ ଗ୍ରହଣ କରିଥିଲେ । ବୌଦ୍ଧଧର୍ମର ପ୍ରସାର ନିମନ୍ତେ ଚୀନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଯୋଗାଇଥିଲା । ହଜାର ହଜାର ସଂସ୍କୃତ ପୁସ୍ତକ ଚୀନା ଭାଷାରେ ଅନୁବାଦିତ ହୋଇଥିଲା । ସୁଦୂର, ଲମ୍ବାପଥ ଦେଇ ନାନା ବାଧାବିଘ୍ନ ଓ ଅସୁବିଧା ସତ୍ତ୍ୱେ ସେମାନେ ବୁଦ୍ଧଙ୍କ ସ୍ଥାନ ପରିଦର୍ଶନ କରିବାକୁ ଆସିଥିଲେ । ସେମାନେ ଭାରତରେ ଅବସ୍ଥାନ କଲେ ଏବଂ ସେଠାରୁ ବୌଦ୍ଧଧର୍ମର ସ୍ମାରକ ବିଭିନ୍ନ ଓ ପାଣ୍ଡୁଲିପି ସଂଗ୍ରହ କଲେ ଓ ବିଭିନ୍ନ ଶିକ୍ଷାନିକେତନରେ ଅବସ୍ଥାନ କରି ବୌଦ୍ଧଧର୍ମ ଅଧ୍ୟୟନ କଲେ ।

ବୌଦ୍ଧଧର୍ମର ପ୍ରଚାର ସହ ଚୀନରେ ଅନେକ ଗୁମ୍ଫା, ମନ୍ଦିର ଓ ବୌଦ୍ଧମଠମାନ ନିର୍ମିତ ହେବାରେ ଲାଗିଲା । ବଡ଼ ବଡ଼ ଶିଳାମାନଙ୍କରେ ପ୍ରତିକୃତିମାନ ଖୋଦେଇ କରାଗଲା ଓ ଗୁମ୍ଫାମାନଙ୍କର ଭିତର ଅତ୍ୟନ୍ତ ଚିତାକର୍ଷକ ଭାବେ ଚିତ୍ରିତ କରାଗଲା । ପୃଥିବୀର କେତେକ ଉତ୍କୃଷ୍ଟ ଗୁମ୍ଫାମାନଙ୍କ ମଧ୍ୟରେ ତୁନ୍-ହଂ, ୟନ-କଂ, ଲଂ-ମେନ୍ ଆଦି ଗୁମ୍ଫାଗୁଡ଼ିକ ଉଲ୍ଲେଖନୀୟ । ଏହି ଗୁମ୍ଫାମାନଙ୍କୁ ଦେଖିଲେ ଭାରତର ପ୍ରଭାବ ନେଇ ପ୍ରମାଣ ମିଳିଥାଏ ।

ଏହି ବୌଦ୍ଧଭିକ୍ଷୁ ଓ ବିଦ୍ୱାନ ବ୍ୟକ୍ତିମାନଙ୍କର ସେ ଦେଶରୁ ଏଦେଶ ଓ ଏ ଦେଶରୁ ସେ ଦେଶ ଯାତାୟାତ ଦ୍ୱାରା ସଂସ୍କୃତି ଓ ଜ୍ଞାନର ଆଦାନ ପ୍ରଦାନ ସମ୍ଭବ ହୋଇଥିଲା ।

## କୋରିଆ

ଚୀନର ଉତ୍ତରପୂର୍ବ ପାଖରେ କୋରିଆ ଅବସ୍ଥିତ । ଭାରତୀୟ ସଂସ୍କୃତିର ଅଂଶବିଶେଷ ଚୀନ ବାଟଦେଇ କୋରିଆରେ ପହଞ୍ଚିପାରିଥିଲା । ୩୫୨ ଖ୍ରୀଷ୍ଟାବ୍ଦରେ ବୁଦ୍ଧଙ୍କର ଏକ ଛବି ଓ ସୂତ୍ରଗୁଡ଼ିକୁ ସାଙ୍ଗରେ ନେଇ ସୁଣ୍ଡୋ ନାମକ ବୌଦ୍ଧ ସନ୍ୟାସୀ ପ୍ରଥମେ କୋରିଆରେ ପ୍ରବେଶ କରିଥିଲେ । ତାଙ୍କ ପରେ ୩୮୪ ଖ୍ରୀଷ୍ଟାବ୍ଦରେ ଆଚାର୍ଯ୍ୟ ମଲ୍ଲାନନ୍ଦ ସେଠାକୁ ଯାଇଥିଲେ । ୪୦୪ ଖ୍ରୀଷ୍ଟାବ୍ଦରେ କୋରିଆର ପ୍ୟୋଙ୍ଗିଆଙ୍ଗ ସହରରେ ଜଣେ ଭାରତୀୟ ସନ୍ୟାସୀ ଦୁଇଟି ମନ୍ଦିର ତିଆରି କରିଥିଲେ । ତାଙ୍କପରେ ଭାରତରୁ ବହୁତ ଗୁରୁ ସେଠାକୁ ଯାଇଥିଲେ । ସେମାନଙ୍କ ସାହାଯ୍ୟରେ ଭାରତରୁ ଧର୍ମ, ଦର୍ଶନ, ଛବି ତିଆରି କରିବା କଳା, ପେଣ୍ଟିଂ ଓ ଧାତୁ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ କୋରିଆରେ ପହଞ୍ଚିଥିଲା । ଜ୍ଞାନଲାଭ ଆଶାରେ କୋରିଆରୁ ଅନେକ ବିଦ୍ୱାନ ଭାରତକୁ ଆସିଥିଲେ । ଭାରତରେ ସେମାନେ ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ଭେଷଜ ଶାସ୍ତ୍ର ଓ ଅନ୍ୟାନ୍ୟ ଅନେକ ବିଷୟରେ ତାଲିମ ଗ୍ରହଣ କରିଥିଲେ । କୋରିଆ ଦେଶସାରା ମଠ ଓ ମନ୍ଦିରଗୁଡ଼ିକ ପ୍ରାର୍ଥନା ଓ ଶିକ୍ଷା ଗ୍ରହଣର କେନ୍ଦ୍ରଭାବରେ କାର୍ଯ୍ୟ କରୁଥିଲେ । ଅନେକ ବୌଦ୍ଧ ଶାସ୍ତ୍ର ସେଠାରେ ଅନୁଦିତ ହୋଇଥିଲା ।

ଅଷ୍ଟମ ଶତାବ୍ଦୀରୁ ନବମ ଶତାବ୍ଦୀ ମଧ୍ୟରେ 'ଧ୍ୟାନ ଯୋଗ'ର ଦର୍ଶନ କୋରିଆରେ ପହଞ୍ଚିଥିଲା । ରଜା ଓ ରାଣୀମାନେ, ରାଜପୁତ୍ର ଓ ମନ୍ତ୍ରୀମାନେ ଏପରିକି ସୈନିକମାନେ ମଧ୍ୟ ସାହସୀ ଏବଂ ଭୟଶୂନ୍ୟ ହେବାଲାଗି ଯୋଗ ଅଭ୍ୟାସ କରିବା ଆରମ୍ଭ କରିଦେଲେ । ଜ୍ଞାନ ପାଇଁ ଅନୁରକ୍ତି ଥିବା ଯୋଗୁଁ କୋରିଆବାସୀ ବୌଦ୍ଧ ଶାସ୍ତ୍ରଗୁଡ଼ିକୁ ଛଅହଜାର ଭାଗରେ ଛପାଇଥିଲେ । ସେତେବେଳକୁ ଭାରତୀୟ ଲିପିମଧ୍ୟ କୋରିଆରେ ପହଞ୍ଚି ସାରିଥିଲା ।

## ଜାପାନ

ପ୍ରାୟ ପନ୍ଦରଶହ ବର୍ଷତଳୁ ଭାରତୀୟ ସଂସ୍କୃତି ଜାପାନରେ ପହଞ୍ଚି ସାରିଥିଲା ବୋଲି ବିଶ୍ୱାସ କରାଯାଏ । ତେବେ ୫୫୨ ଖ୍ରୀଷ୍ଟାବ୍ଦରୁ ଜାପାନରେ ଭାରତୀୟ ସଂସ୍କୃତିର ପ୍ରବେଶ ଘଟିଥିବାର ନିକଟତମ ଐତିହାସିକ ପ୍ରମାଣ ରହିଛି । ସେତେବେଳେ ଜାପାନର ସମ୍ରାଟଙ୍କ ପାଇଁ ଉପହାର ଭାବରେ ଗୋଟିଏ ବୁଦ୍ଧ ମୂର୍ତ୍ତି, କିଛି ସୂତ୍ର, ପୂଜା କରିବା ନିମନ୍ତେ କିଛି ସରଞ୍ଜାମ, କିଛି କଳାକାର, କେତେକ ମୂର୍ତ୍ତି ଶିଳ୍ପୀ, କେତେକ ଚିତ୍ରକର ଓ କେତେଜଣ ସ୍ଥପତିଙ୍କୁ କୋରିଆର ସମ୍ରାଟ ଭେଟି ଦେଇଥିଲେ ।

ଖୁବ୍‌ଶୀଘ୍ର ବୌଦ୍ଧଧର୍ମକୁ ସେଠାରେ ରାଷ୍ଟ୍ରୀୟ ଧର୍ମର ସମ୍ମାନ ଦିଆଯାଇଥିଲା । ହଜାର ହଜାର ଜାପାନବାସୀ ସନ୍ୟାସୀ ଓ ସନ୍ୟାସିନୀ ହୋଇଗଲେ ।

ଜାପାନରେ ସଂସ୍କୃତକୁ ଏକ ପବିତ୍ର ଭାଷା ଭାବରେ ଗ୍ରହଣ କରାଯାଇଥିଲା । ସଂସ୍କୃତ ଅକ୍ଷର ଓ ମନ୍ତ୍ରଗୁଡ଼ିକୁ ଲେଖିବାଲାଗି ବୌଦ୍ଧ ସନ୍ୟାସୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଗଲା । ଯେଉଁ ଲିପିରେ ଏଗୁଡ଼ିକ ଲେଖାଯାଇଛି ତାହା 'ଶିଉନ୍' ନାମରେ ପରିଚିତ । ଶିଉନ୍‌ର ଅର୍ଥ ସିଦ୍ଧଂ ବୋଲି ବିଶ୍ୱାସ କରାଯାଏ, ସେହି ଲିପି 'ସିଦ୍ଧି' (ପରିପୂର୍ଣ୍ଣତା) ଦିଏ ବୋଲି ବିଶ୍ୱାସ କରାଯାଏ ।

ଏବେ ମଧ୍ୟ ଜାପାନୀ ବିଦ୍ୱାନମାନଙ୍କ ମଧ୍ୟରେ ସଂସ୍କୃତ ଶିକ୍ଷା କରିବା ପାଇଁ ପ୍ରବଳ ଆଗ୍ରହ ଥିବାର ଲକ୍ଷ୍ୟ କରାଯାଏ । ବୌଦ୍ଧ ଶାସ୍ତ୍ରମାନଙ୍କର ଭାଷା ହିସାବରେ ଏହା ଭାରତ ଓ ଜାପାନ ମଧ୍ୟରେ ବନ୍ଧୁତାକୁ ସୁଦୃଢ଼ କରୁଅଛି । ରାଜକୁମାର ସୋତୋ କୁତାୟିସୀଙ୍କ ସମୟରେ ୭ମ ଶତାବ୍ଦୀରେ ଚୀନା ଭାଷାରେ ଅନୁଦିତ ହୋଇଥିବା ବୌଦ୍ଧ ସୂତ୍ରଗୁଡ଼ିକ ଜାପାନକୁ ଅଣାଯାଇଥିଲା । ଏହି ସୂତ୍ରଗୁଡ଼ିକର ଅନ୍ତର୍ନିହିତ ଦର୍ଶନ ରାଜକୁମାରଙ୍କୁ ବହୁତ ବେଶୀ ଉଦ୍‌ବୁଦ୍ଧ କରିଥିଲା ।

## ତିବ୍ବତ

ହିମାଳୟର ଉତ୍ତରକୁ ଏକ ଉପତ୍ୟକାରେ ତିବ୍ବତ ଅବସ୍ଥିତ । ତିବ୍ବତର ଅଧିବାସୀମାନେ ବୌଦ୍ଧ ଅଟନ୍ତି । ଭାରତୀୟ ଗୁରୁମାନଙ୍କ ପାଖରେ ଶିକ୍ଷା ଗ୍ରହଣ କରିବା ପାଇଁ ଷୋହଳଜଣ ଅତି ବିଶିଷ୍ଟ ବିଦ୍ୱାନଙ୍କ ସମେତ ତାଙ୍କର ମନ୍ତ୍ରୀ ଥୋନ୍‌ମି ସମ୍ଭୋଟ୍‌ଙ୍କୁ ତିବ୍ବତର ରାଜା ନରଦେବ ମଗଧକୁ ପଠାଇଥିଲେ ବୋଲି ବିଶ୍ୱାସ କରାଯାଏ । କିଛିକାଳ ପରେ ଥୋମ୍‌ନି ସମ୍ଭୋଟ୍ କାଶ୍ମୀରକୁ ଗଲେ । ସପ୍ତମ ଶତାବ୍ଦୀରେ ବ୍ରାହ୍ମୀ ଲିପିରେ ଲେଖାଯାଉଥିବା ଭାରତୀୟ ବର୍ଣ୍ଣମାଳାକୁ ଆଧାରକରି ତିବ୍ବତ ସକାଶେ ସେ ଏକ ନୂତନ ଲିପି ପ୍ରଣୟନ କରିଥିଲେ ବୋଲି କୁହାଯାଏ । ତିବ୍ବତରେ ସେହି ଲିପି ଆଜିପର୍ଯ୍ୟନ୍ତ ବ୍ୟବହୃତ ହେଉଛି । ମଙ୍ଗୋଲିଆ ଓ ମାଞ୍ଚୁରିଆର ଲିପିକୁ ମଧ୍ୟ ଏହା ପ୍ରଭାବିତ କରିଥିଲା ।

ଥୋମନି ସମ୍ଭୋଟ୍ ଭାରତରୁ ଗୁଡ଼ିଏ ବହି ତାଙ୍କ ସହିତ ତିବ୍ବତକୁ ନେଇଥିଲେ ବୋଲି ମନେହୁଏ । ତିବ୍ବତକୁ ଫେରିଗଲାପରେ ତିବ୍ବତୀୟମାନଙ୍କ ପାଇଁ ସେ ଏକ ନୂତନ ବ୍ୟାକରଣ ଲେଖିଥିଲେ ଓ ତାହା ପାଣିନୀଙ୍କ ଦ୍ୱାରା ରଚିତ ସଂସ୍କୃତ ବ୍ୟାକରଣ ଉପରେ ଆଧାରିତ ବୋଲି କୁହାଯାଏ । ସେ ଆଣିଥିବା ବହିଗୁଡ଼ିକ ତିବ୍ବତର ରାଜାଙ୍କୁ ଏତେମାତ୍ରାରେ ଆକୃଷ୍ଟ କରିଥିଲା ଯେ ସେଗୁଡ଼ିକୁ ପଢ଼ିବା ପାଇଁ ସେ ଚାରିବର୍ଷକାଳ କଟାଇଥିଲେ । ସଂସ୍କୃତ ବହିକୁ ତିବ୍ବତୀୟ ଭାଷାରେ ଅନୁବାଦ କରିବାର ଭିତ୍ତି ସେ ସ୍ଥାପନ କରିଥିଲେ । ଫଳରେ ସପ୍ତମ ଶତାବ୍ଦୀରୁ ଆରମ୍ଭକରି ସପ୍ତଦଶ

ଶତାବ୍ଦୀ ପର୍ଯ୍ୟନ୍ତ ଅନୁବାଦ କରିବାଲାଗି ସେଠାରେ ନିରବଚ୍ଛିନ୍ନ ଉଦ୍ୟମ କରାଯାଇଥିଲା । ଏହି ରୀତିରେ ଛୟାନବେ ହଜାର ସଂସ୍କୃତ ବହି ତିବ୍ବତୀୟ ଭାଷାରେ ଅନୁଦିତ ହୋଇଥିଲା ।

## ପାଠଗତ ପ୍ରଶ୍ନାବଳୀ ୨୧.୨

୧. ଚୀନକୁ ଯାଇଥିବା ରାସ୍ତାକୁ କାହିଁକି ସିଲ୍କ ରାସ୍ତା କୁହାଯାଏ ?

___

୨. କୁଚି କେଉଁଠାରେ ଅବସ୍ଥିତ ? ଏହା କାହିଁକି ପ୍ରାଧାନ୍ୟଲାଭ କରିଥିଲା ?

___

୩. ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀର ମୁଦ୍ରା, ଯାହାର ଏକପଟେ ଚୀନାରେ ଖୋଦେଇ ହୋଇଥିଲା ଓ ପଛପଟେ ଖରୋଷ୍ଠିଲିପିରେ ପ୍ରକୃତି ଖୋଦିତ ହୋଇଥିଲା – ତାହା କେଉଁଠାରେ ଆବିଷ୍କୃତ ହୋଇଥିଲା ?

___

୪. ଉନ୍‌–ହ୍ୱାଂ, ୟନ୍‌–କାଙ୍ଗ ଏବଂ ଲଙ୍ଗ–ମେନ୍ ଆଦି କ'ଣ ?

___

୫. 'ଧ୍ୟାନ ଯୋଗ'ର ଦର୍ଶନ କେବେ କୋରିଆରେ ପହଞ୍ଚିଥିଲା ?

___

୬. ଭାରତୀୟ ସଂସ୍କୃତି କିପରି ଜାପାନରେ ପହଞ୍ଚିଲା ?

___

୭. ଜାପାନରେ କାହାକୁ ଶିଉନ୍ କୁହାଯାଏ ?

___

୮. ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ସଂସ୍କୃତର କେତେଖଣ୍ଡ ପୁସ୍ତକ ତିବ୍ବତୀୟ ଭାଷାରେ ଅନୁଦିତ ହୋଇଥିଲା ?

___

## ୨୧.୫ ଶ୍ରୀଲଙ୍କା ଓ ଦକ୍ଷିଣପୂର୍ବ ଏସିଆରେ ଭାରତୀୟ ସଂସ୍କୃତି

### ଶ୍ରୀଲଙ୍କା

ତୁମେ ନିଶ୍ଚୟ ମହାକାବ୍ୟ ରାମାୟଣ ପଢ଼ିଥିବ ଯେଉଁଥିରେ ଅଯୋଧ୍ୟାର ରାଜା – ରାମ ସୀତାଙ୍କୁ ଫେରେଇ ଆଣିବାକୁ ଶ୍ରୀଲଙ୍କାକୁ ଯାଇଥିଲେ । ସେ ସମୟର ଲଙ୍କା ଓ ବର୍ତ୍ତମାନର ଶ୍ରୀଲଙ୍କା ଭିନ୍ନ ଭିନ୍ନ ସ୍ଥାନ ହୋଇଥାଇପାରେ । ଭାରତ ବାହାରେ ବୌଦ୍ଧଧର୍ମ ପ୍ରଚାର ନିମନ୍ତେ ରାଜା ଅଶୋକ ଅନେକ ଚେଷ୍ଟା କରିଥିଲେ । ବୁଦ୍ଧଙ୍କର ବାଣୀ ପ୍ରଚାର କରିବାଲାଗି ସେ ନିଜ ପୁଅ ମହେନ୍ଦ୍ର ଓ ଝିଅ ସଂଘମିତ୍ରାଙ୍କୁ ଶ୍ରୀଲଙ୍କା ପଠାଇଥିଲେ । ଆହୁରି ଅନେକ ବିଦ୍ୱାନ ଲୋକ ମଧ୍ୟ ସେମାନଙ୍କ ସହ ଯାଇଥିଲେ । ସେମାନେ ବୋଧଗୟାସ୍ଥିତ ବୋଧିଦ୍ରୁମରୁ କାଟିକରି ଖଣ୍ଡିଏ





ଡାଳ ନେଇଥିଲେ ଓ ତାକୁ ସେଠାରେ ପୋତିଥିଲେ ବୋଲି ଲୋକେ କହନ୍ତି । ଦେବନାମ୍ପିଆ ଟିସା ସେତେବେଳେ ଶ୍ରୀଲଙ୍କାର ରାଜା ଥିଲେ । ଭାରତରୁ ଯାଇଥିବା ଲୋକମାନଙ୍କ ମୁହଁରୁ ବୁଦ୍ଧଙ୍କର ଶିକ୍ଷାଗୁଡ଼ିକୁ କୁହାଯାଇ ତା'ର ପ୍ରସାର କରାଯାଇଥିଲା । ମହେନ୍ଦ୍ରଙ୍କ ଦ୍ୱାରା ସେଠାରେ ପ୍ରସାର କରାଯାଇଥିବା ବୌଦ୍ଧ ଶାସ୍ତ୍ରର ଆବୃତ୍ତିକୁ ଶ୍ରୀଲଙ୍କାର ଲୋକମାନେ ପ୍ରାୟ ଦୁଇଶହ ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିଥିଲେ । ସେଠାରେ ନିର୍ମିତ ପ୍ରଥମ ବୌଦ୍ଧ ଆଶ୍ରମ ଦୁଇଟି 'ମହାବିହାର' ଓ 'ଅଭୟଗିରି' ନାମରେ ପରିଚିତ ।

ଶ୍ରୀଲଙ୍କା ବୌଦ୍ଧଧର୍ମର ଏକ ସୁଦୃଢ଼ ସ୍ଥାନ ଓ ଏବେ ବି ତାହା ସେହିଭଳି ନିରବଚ୍ଛିନ୍ନ ଭାବରେ ରହିଅଛି । ପାଲି ତାଙ୍କର ସାହିତ୍ୟିକ ଭାଷା ହୋଇଯାଇଥିଲା । ଶ୍ରୀଲଙ୍କାର ସଂସ୍କୃତିର ରୂପରେଖ ଦେବାରେ ବୌଦ୍ଧଧର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଦୀପବଂଶ ଓ ମହାବଂଶ ଶ୍ରୀଲଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୌଦ୍ଧପୀଠ ଅଟନ୍ତି ।

ବୌଦ୍ଧଧର୍ମ ସହ ଭାରତୀୟ କଳା ମଧ୍ୟ ଶ୍ରୀଲଙ୍କାରେ ପହଞ୍ଚିଥିଲା । ସେଠାକାର କଳା ନୈପୁଣ୍ୟ, ଚାରୁକଳାର କୌଶଳ, ନୃତ୍ୟ, ଜନଶ୍ରୁତି, କଳା ସ୍ଥାପତ୍ୟ ଆଦି ସବୁକିଛି – ଭାରତରୁ ନିଆଯାଇଥିଲା । ଶ୍ରୀଲଙ୍କାର ସର୍ବଶ୍ରେଷ୍ଠ କଳାକୃତିମାନ ଶିଗ୍ରିଆର ବୌଦ୍ଧମଠ ଓ ଗୁମ୍ଫାମାନଙ୍କରେ ଦେଖାଯାଉଥିଲା । ଏହା ବିଶ୍ୱାସ କରାଯାଏ ଯେ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀରେ ରାଜା କାଶ୍ୟପ ଏଗୁଡ଼ିକୁ ଅତି ଉତ୍ତମ ରୂପେ ସୁରକ୍ଷିତ କରି ରଖିଥିଲେ । ଭାରତର ଅମରାବତୀ ଢାଞ୍ଚାରେ ଗୁମ୍ଫାରେ ଥିବା ସେହି ଆକୃତିଗୁଡ଼ିକ ଚିତ୍ରିତ କରାଯାଇଥିଲା ।

## ମିଆଁମାର

ଖ୍ରୀଷ୍ଟୀୟ ବର୍ଷ ଆରମ୍ଭ ବେଳକୁ ଭାରତର ଲୋକେ ଓ ସଂସ୍କୃତି ମିଆଁମାରରେ ପହଞ୍ଚିବାକୁ ଆରମ୍ଭ କରିଥିଲେ । ଚୀନକୁ ଯିବା ପଥରେ ମିଆଁମାର ଅବସ୍ଥିତ । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ପରେ ଅମରାବତୀ ଓ ତାମ୍ରଲିପ୍ତିର ବନ୍ଦର ସହରରୁ ଯାଇ ଲୋକମାନେ ମିଆଁମାରଠାରେ ବସତି ସ୍ଥାପନ କରୁଥିଲେ । ଏପରି ଯାଉଥିବା ଲୋକଙ୍କ ଭିତରେ ଥିଲେ ବଣିକ, ବ୍ରାହ୍ମଣ, କଳାକାର, ନିପୁଣ କାରିଗର ଓ ଅନ୍ୟାନ୍ୟମାନେ ।

ଏକାଦଶ ଶତାବ୍ଦୀଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ବର୍ମାଠାରେ ବୌଦ୍ଧଧର୍ମର ସାଂସ୍କୃତିକ ପୀଠ ଭାବରେ ପଗାନ୍ ଖ୍ୟାତିଲାଭ କରିଥିଲା । ଅତି ରମଣୀୟ ପାଗୋଡାମାନଙ୍କ ପାଇଁ ଏବେ ମଧ୍ୟ ଏହା ଅତି ପ୍ରସିଦ୍ଧ । ରାଜା ଅନିରୁଦ୍ଧ ଜଣେ ଅତି ବଡ଼ ନିର୍ମାଣକାରୀ ଥିଲେ ଯିଏ ସୁଏଜଗନ୍ ପାଗୋଡ଼ା ଓ ପ୍ରାୟ ହଜାରେ ଅନ୍ୟ ମନ୍ଦିର ନିର୍ମାଣ କରିଥିଲେ । ସେମାନେ ତାଙ୍କ ନିଜର ପାଲି ଭାଷାକୁ ବିକାଶ କରିଥିଲେ ଏବଂ ଉଭୟ ବୌଦ୍ଧ ଶାସ୍ତ୍ର ଓ ହିନ୍ଦୁ ଶାସ୍ତ୍ରକୁ ପାଲି ଭାଷାରେ ଅନୁବାଦ କରିଥିଲେ ।

ବର୍ମାର ରାଜଦରବାରରେ ଭାରତୀୟ ପରମ୍ପରା ଅତ୍ୟନ୍ତ ଦୃଢ଼ ଥିଲା । ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଦରବାରରେ ଥିବା ଜ୍ୟୋତିଷ, ଭବିଷ୍ୟତବକ୍ତା ଓ ଗୁରୁମାନେ ବ୍ରାହ୍ମଣ ବୋଲି ନାମିତ ହେଉଥିଲେ ଯାହାଙ୍କୁ ପୋନାସ୍ ବୋଲି କୁହାଯାଉଥିଲା । ସେମାନଙ୍କ ମଧ୍ୟରୁ ଅନେକେ ମଣିପୁରର ଅଧିବାସୀ । ସେହି ସମୟରେ ପଣ୍ଡିତମାନେ ଅତ୍ୟନ୍ତ କର୍ମଠ ଥିଲେ । ସେମାନଙ୍କର ବିଜ୍ଞାନ, ଭେଷଜ ଓ ଜ୍ୟୋତିର୍ବିଜ୍ଞାନରେ ଥିବା ଜ୍ଞାନ ଯୋଗୁଁ ସେମାନେ ଜଣାଶୁଣା ଥିଲେ ।

## ଥାଇଲାଣ୍ଡ

୧୯୩୯ ମସିହା ପର୍ଯ୍ୟନ୍ତ ଥାଇଲାଣ୍ଡ ତା'ର ସର୍ବପ୍ରଥମ ନାମ ସିଆମ ନାମରେ ଜଣାଥିଲା । ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ ଭାରତୀୟ ସଂସ୍କୃତିର ପ୍ରଭାବ ସେଠାରେ ପହଞ୍ଚିସାରିଥିଲା । ଏହା ପ୍ରଥମେ ଭାରତୀୟ ବଣିକମାନଙ୍କ ଦ୍ୱାରା, ପରେ ପରେ ଗୁରୁ ଓ ଧର୍ମଯାଜକମାନଙ୍କ ଦ୍ୱାରା ସେହିଠାରେ ପହଞ୍ଚିଥିଲା । ଥାଇ ରାଜ୍ୟମାନଙ୍କର ନାମ

ସଂସ୍କୃତରେ ନାମିତ କରାଯାଇଥିଲା ଯଥା– ଦ୍ୱାରାବତୀ, ଶ୍ରୀବିଜୟ, ସୁଖୋଦୟା ଏବଂ ଆୟୁଥିଆ । ସେଠାର ସହରମାନଙ୍କ ନାମରୁ ମଧ୍ୟ ଭାରତର ସାଂସ୍କୃତିକ ପ୍ରଭାବ ଥିବାର ଜାଣିହୁଏ । ଉଦାହରଣ ସ୍ୱରୂପ – କାଞ୍ଚନପୁରୀଠାରୁ ନାମକରଣ ହୋଇଛି କାଞ୍ଚନବୁରୀ, ରାଜପୁରୀ ଠାରୁ ଆସିଛି ରାଜବୁରୀ, ଲଭପୁରୀଠାରୁ ଆସିଛି ଲୋବ୍‌ପୁରୀ ଏବଂ ସହରମାନଙ୍କ ନାମ ଯଥା – ପ୍ରାଚୀନବୁରୀ, ସିଂହବୁରୀ ଇତ୍ୟାଦି ସବୁ ନାମ ସଂସ୍କୃତରୁ ହିଁ ଆସିଅଛି । ଏପରିକି ରାସ୍ତାମାନଙ୍କର ନାମ ଯଥା – ରାଜାରାମ, ରାଜାରାଣୀ, ମହାଜୟ ଏବଂ କାକ୍ରାବଂଶ ଆଦି ରାମାୟଣରୁ ନାମିତ କରାଯାଇଛି ।

ଖ୍ରୀଷ୍ଟାବ୍ଦ ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ବୌଦ୍ଧ ମନ୍ଦିରମାନ ଓ ବ୍ରାହ୍ମଣଙ୍କ ପ୍ରତିମୂର୍ତ୍ତି ସବୁ ଗଢ଼ାହେବା ଆରମ୍ଭ ହେଲା । ଥାଇଲାଣ୍ଡରେ ଗଢ଼ାଯାଇଥିବା ସର୍ବପ୍ରଥମ ପ୍ରତିମୂର୍ତ୍ତି ଭଗବାନ ବିଷ୍ଣୁଙ୍କର ଥିଲା ।

ବିଭିନ୍ନ ସମୟରେ ଥାଇ ସାମ୍ରାଜ୍ୟ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହେଉଥିଲା । ପ୍ରତ୍ୟେକ ସ୍ଥାନରେ ଅନେକଗୁଡ଼ିଏ ମନ୍ଦିର ମଧ୍ୟ ଗଢ଼ାଯାଉଥିଲା । ଆୟୁଥ୍ୟା (ଅଯୋଧ୍ୟା) ହେଉଛି ଏକ ସ୍ଥାନ ଯେଉଁଠାରେ ଅନେକଗୁଡ଼ିଏ ମନ୍ଦିର ଆଜି ମଧ୍ୟ ଦେଖାଯାଏ ଯଦିଓ ସେଗୁଡ଼ିକର ଭଗ୍ନାବଶେଷ ଏବେ କେବଳ ରହିଛି । ଥାଇଲାଣ୍ଡର ବର୍ତ୍ତମାନର ରାଜଧାନୀ ବ୍ୟାଙ୍କକ୍‌ଠାରେ ଚାରିଶହ ମନ୍ଦିର ଏବେ ମଧ୍ୟ ରହିଅଛି ।

## କାମ୍ବୋଡ଼ିଆ

ଭାରତୀୟ ବଂଶୋଦ୍ଭବ ରାଜାମାନଙ୍କ ଦ୍ୱାରା ଚମ୍ପା (ଆନାମ) ଓ କାମ୍ବୁଜା (କାମ୍ବୋଡ଼ିଆ) ଭଳି ପ୍ରଖ୍ୟାତ ସାମ୍ରାଜ୍ୟ ଶାସିତ ହେଉଥିଲା । ଭାରତ ଓ କାମ୍ବୋଡ଼ିଆ ମଧ୍ୟରେ ଥିବା ଅତ୍ୟନ୍ତ ଗଭୀର ସାଂସ୍କୃତିକ ସମ୍ପର୍କର ଇତିହାସ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀଠାରୁ ଅଛି ବୋଲି ମନେକରାଯାଏ । କାମ୍ବୁଜାରେ ଥିବା ଭାରତ ଉଦ୍ଭବ କୌନଡିନ୍ୟ ରାଜବଂଶ ପ୍ରଥମ ଶତାବ୍ଦୀଠାରୁ ରାଜତ୍ୱ କରୁଥିଲେ । ଶହ ଶହ ସଂସ୍କୃତ ଗ୍ରନ୍ଥାବଳୀ ଓ ସାହିତ୍ୟରୁ ଆମେ ସେମାନଙ୍କ ଇତିହାସ ସଂଯୋଗ କରିପାରିବା । ଆମେ ମଧ୍ୟ ସେମାନଙ୍କର ଐଶ୍ୱର୍ଯ୍ୟ ଅତି ଚମତ୍କାର ମନ୍ଦିରମାନଙ୍କରୁ ଦେଖିପାରିବା ।

କାମ୍ବୋଡ଼ିଆବାସୀ ତାଙ୍କ ଦେଶରେ ବୃହତକାୟ କୀର୍ତ୍ତିସ୍ତମ୍ଭମାନ ତିଆରି କରିଥିଲେ ଯେଉଁଥିରେ ଭାରତୀୟ ପୁରାଣ ଓ ମହାକାବ୍ୟମାନଙ୍କରୁ ଅନେକ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ସହ ଶିବ, ବିଷ୍ଣୁ ଓ ବୁଦ୍ଧଙ୍କର ପ୍ରତିମୂର୍ତ୍ତି, ଖୋଦିତ ହୋଇଥିଲା । ଐତିହାସିକ ଘଟଣାବଳୀର ପ୍ରତୀକ ସ୍ୱରୂପ ରାଜାମାନଙ୍କ ଦ୍ୱାରା ଏହିଭଳି କାର୍ଯ୍ୟକ୍ରମ କରାଯିବାକୁ ବିଭିନ୍ନ ପାଠ୍ୟରୁ ଓ ଘଟଣାମାନଙ୍କରୁ ବଛା ଯାଇଥିଲା । ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ସଂସ୍କୃତକୁ ଶାସନର ଭାଷାରୂପେ ନିଆଯାଇଥିଲା ।

ରାଜାମାନଙ୍କ ନାମ ସଂସ୍କୃତରୁ ନିଆଯାଇଥିଲା । ବ୍ରାହ୍ମଣମାନଙ୍କୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରାଯାଇଥିଲା । ହିନ୍ଦୁ ରାଜତନ୍ତ୍ର ଓ ବ୍ରାହ୍ମଣ ବିଧିଶାସ୍ତ୍ର ସାହାଯ୍ୟରେ ସରକାର ଚାଲୁଥିଲା । ଶିକ୍ଷାର ସ୍ଥାନ ସ୍ୱରୂପ ମନ୍ଦିର ପ୍ରାଙ୍ଗଣରେ ଆଶ୍ରମମାନ ଚାଲୁଥିଲା । ତାମ୍ରପୁର, ଧ୍ରୁବପୁର ଓ ବିକ୍ରମପୁର ଆଦି ନାନା ଭାରତୀୟ ନାମରେ ବିଭିନ୍ନ ବସତିମାନଙ୍କୁ ନାମିତ କରାଯାଇଥିଲା । ସେମାନଙ୍କ ଭାଷାରେ ଚେତ୍, ବିଷାକ୍, ଯେଶ୍, ଅସଧ ଏବଂ ସେହିଭଳି କେତେକ ନାମକୁ ମାସମାନଙ୍କ ନାମ ଦିଆଯାଇଥିଲା । ପ୍ରକୃତରେ ସାମାନ୍ୟ ବ୍ୟତିକ୍ରମ ସହ ହଜାର ହଜାର ନାମ ଏବେ ସୁଦ୍ଧା ସେମାନେ ଉଚ୍ଚାରଣ କରୁଛନ୍ତି ।

ଅଙ୍ଗକରବତ୍‌କୁ ବିଷ୍ଣୁଙ୍କର ସ୍ୱର୍ଗର ସ୍ଥାନ ବୈକୁଣ୍ଠଧାମ ବୋଲି ମନେକରାଯାଉଥିଲା । ସୁମେରୁ ପର୍ବତର ପାଞ୍ଚୋଟି ଶିଖରକୁ ଏହାର ପାଞ୍ଚୋଟି ଗମ୍ବୁଜ ଭାବେ ଗ୍ରହଣ କରାଯାଇଥିଲା । ନିଜର ସୁକାର୍ଯ୍ୟ ନିମନ୍ତେ ସ୍ୱର୍ଗରେ ସ୍ଥାନ





ପାଇଥିବା, ଭାଗବାନ ବିଷ୍ଣୁଙ୍କର ଅବତାର ବୋଲି ମନାଯାଉଥିବା ରାଜା ସୂର୍ଯ୍ୟବର୍ମଣଙ୍କ ପ୍ରତିକୃତି ସେଠାରେ ଅଙ୍କାଯାଇଥିଲା । ଏକ ମାଇଲ କ୍ଷେତ୍ରଫଳ ବିଶିଷ୍ଟ ମନ୍ଦିରର ସମୁଦାୟ ବେଢ଼ାରେ ଗଢ଼ଖାଇ ଥିବାରୁ ଏହା ଅତ୍ୟନ୍ତ ଚିତାକର୍ଷକ ଦେଖାଯାଉଥିଲା । ମନ୍ଦିରର କାନ୍ଥରେ ରାମାୟଣ ଓ ମହାଭାରତର ଚିତ୍ରମାନ ଖୋଦେଇ କରାଯାଇଥିଲା । ସେଗୁଡ଼ିକ ମଧ୍ୟରୁ ସର୍ବବୃହତ ଥିଲା ସମୁଦ୍ର ମନ୍ଥନର ଦୃଶ୍ୟ ଯାହାକୁ ଦେଖିଲେ ସମୁଦ୍ରଜଳ ମନ୍ଥନ ଭଳି ପ୍ରତୀୟମାନ ହେଉଥିଲା ।

ବାଫୁନ ନାମରେ ପରିଚିତ ଆଉ ଏକ ମନୋରମ ମନ୍ଦିର ଯଶୋଧାରାପୁରଠାରେ ଏକାଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ସେହି ମନ୍ଦିରର ଗାତ୍ରରେ ରାମ ରାବଣ ଯୁଦ୍ଧ, ପାର୍ବତୀଙ୍କ ସହ କୈଳାଶ ପର୍ବତରେ ଶିବ ଏବଂ କାମଦେବଙ୍କର ଭଷ୍ମ ହୋଇଯିବା ଭଳି ମହାକାବ୍ୟରୁ ଆନୀତ ଦୃଶ୍ୟମାନ ଶୋଭା ପାଉଥିଲା ।

## ଭିଏତନାମ (ଚମ୍ପା)

ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଅଗ୍ରଗଣ୍ୟ କେତେକ ସାହସୀ ଓ ଉଦ୍ୟମଶୀଳ ରାଜପୁତ୍ର ଏବଂ ବ୍ୟବସାୟୀ ସୁଦୂର ଭିଏତ୍‌ନାମ ରାଜ୍ୟକୁ ଯାଇ ସେଠାରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ସେହିମାନଙ୍କ ଦ୍ୱାରା ଭାରତୀୟ ସଂସ୍କୃତି ସେଠାକୁ ପ୍ରସାରିତ ହୋଇଥିଲା । ସେଠାରେ ସେମାନେ ସହରଗୁଡ଼ିକୁ ଇନ୍ଦ୍ରପୁର, ଅମରାବତୀ, ବିଜୟ, କୌଥର ଓ ପାଣ୍ଡୁରଙ୍ଗ ନାମରେ ନାମିତ କରିଥିଲେ ।

ଚମ୍ପାର ଲୋକମାନଙ୍କୁ 'ଚାମ୍' କୁହାଯାଇଥାଏ । ସେମାନେ ବହୁ ସଂଖ୍ୟକ ହିନ୍ଦୁ ଓ ବୌଦ୍ଧ ମନ୍ଦିର ସେଠାରେ ତୋଳିଥିଲେ । ଚାମ୍‌ମାନେ ଶିବ, ଗଣେଶ, ସରସ୍ୱତୀ, ଲକ୍ଷ୍ମୀ, ପାର୍ବତୀ, ବୁଦ୍ଧ ଓ ଲୋକେଶ୍ୱରଙ୍କୁ ପୂଜାକଲେ । ଏହି ଦେବଦେବୀଙ୍କର ମୂର୍ତ୍ତି ଓ ଶିବଲିଙ୍ଗମାନ ମନ୍ଦିରମାନଙ୍କରେ ରଖାଯାଇଥିଲା । ବର୍ତ୍ତମାନ ଅଧିକାଂଶ ମନ୍ଦିର ଧ୍ୱଂସାଭିମୁଖୀ ଅଟନ୍ତି ।

## ମାଲେସିଆ

ବହୁ ପ୍ରାଚୀନକାଳରୁ ମାଲେସିଆ ଆମମାନଙ୍କର ପରିଚିତ । ରାମାୟଣ, ବିଭିନ୍ନ ଜାତକ ଗଳ୍ପ, ମଳିନ୍ଦପହ୍ନା, ଶିଳାପଦିକରମ୍, ରଘୁବଂଶ ଓ ଅନ୍ୟାନ୍ୟ ଅନେକ ଲେଖାରେ ମାଲେସିଆ ବିଷୟରେ ଉଲ୍ଲେଖ ଅଛି । କେଦାହ ଓ ୱେଲ୍‌ସଲି ରାଜ୍ୟରେ ଶୈବବାଦର ପ୍ରମାଣ ଆବିଷ୍କୃତ ହୋଇଛି । ତ୍ରିଶୂଳ ଧରିଥିବା ଅନେକ ନାରୀମୂର୍ତ୍ତି ମାଟିତଳୁ ବାହାରିଛି । ଗ୍ରାନାଇଟ୍ ପଥରରେ ତିଆରି ନନ୍ଦୀଙ୍କର ମସ୍ତକ, ମାଟିରେ ଢ଼ଳେଇ ହେଲାଭଳି ଖୋଳାଯାଇଥିବା ଦୁର୍ଗାଙ୍କର ମୂର୍ତ୍ତି, ଗଣେଶ ଓ ଶିବଲିଙ୍ଗସବୁ ବିଭିନ୍ନ ସ୍ଥାନରୁ ଆବିଷ୍କୃତ ହୋଇଛି । ଏହିସବୁ ମୂର୍ତ୍ତି ସପ୍ତମ ଓ ଅଷ୍ଟମ ଶତାବ୍ଦୀର ମୂର୍ତ୍ତିବୋଲି ଜଣାଯାଇଛି ।

ପ୍ରାଚୀନ ମାଲେସିଆର ଲିପି ଥିଲା – ବ୍ରାହ୍ମୀର ନୂତନ ରୂପ । ପ୍ରାଚୀନ ତାମିଲ ସହିତ ସାଦୃଶ୍ୟଥିବା ଲିପିରେ ପ୍ରସ୍ତର ଫଳକମାନଙ୍କରେ ବୌଦ୍ଧ ଉପଦେଶାବଳୀ କେଦାହଠାରେ ଦେଖାଯାଇଛି । ସେମାନଙ୍କ ପାଇଁ ସଂସ୍କୃତ ଏକ ମୂଳଭାଷା ଥିଲା । ଆଜିସୁଦ୍ଧା ସେମାନଙ୍କ ଭାଷାରେ ସ୍ୱର୍ଗ, ରସ, ଗୁଣ, ଦହଦ, ମନ୍ତ୍ରୀ, ଧିପତି ଓ ଲକ୍ଷ୍ୟ ଭଳି ଅନେକ ସଂସ୍କୃତ ଶବ୍ଦମାନ ବ୍ୟବହୃତ ହେଉଛି । ହନୁମାନ ଓ ଗରୁଡ଼ଙ୍କର ଅଲୌକିକ ଗୁଣ ପାଇଁ ମାଲେସିଆବାସୀଙ୍କ ପାଖରେ ସେମାନେ ସୁପରିଚିତ ଥିଲେ ।

ମାଲେସିଆ ସହିତ ଆମର ସାଂସ୍କୃତିକ ସମ୍ପର୍କର ପ୍ରାଚୀନତା ସଂସ୍କୃତ ଶିଳାଲିପିମାନଙ୍କରୁ ପ୍ରମାଣିତ ହୁଏ । ଚତୁର୍ଥ ବା ପଞ୍ଚମ ଶତାବ୍ଦୀର ଭାରତୀୟ ଲିପିରେ ସେଗୁଡ଼ିକ ଲେଖାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳାଲିପି ଲିଗୋରରୁ ମିଳିଛି । ଏହାର ଚାରିପାଖରେ ପଚାଶରୁ ଅଧିକ ମନ୍ଦିର ଦେଖାଯାଇଛି ।



ଟିପ୍ପଣୀ

## ଇଣ୍ଡୋନେସିଆ

ଜାଭା ଦ୍ୱୀପରେ, ଧର୍ମ ସମ୍ବନ୍ଧୀୟ ସ୍ଥାପତ୍ୟର ଚିହ୍ନ ଭାବରେ ଇଣ୍ଡୋନେସିଆର ବୃହତ୍ତମ ଶିବ ମନ୍ଦିର ଅବସ୍ଥିତ । ଏହାକୁ ପ୍ରମ୍ୱଣନ କୁହାଯାଏ । ନବମ ଶତାବ୍ଦୀରେ ଏହା ନିର୍ମିତ ହୋଇଥିଲା । ଏଠାରେ ଏକ ଶିବ ମନ୍ଦିର ରହିଛି ଓ ଶିବ ମନ୍ଦିରର ଉଭୟପାର୍ଶ୍ୱରେ ବିଷ୍ଣୁ ଓ ବ୍ରହ୍ମାଙ୍କ ମନ୍ଦିର ରହିଛି । ଏହି ତିନୋଟି ମନ୍ଦିରର ସମ୍ମୁଖରେ ସେହି ଦେବମାନଙ୍କ ବାହନମାନଙ୍କ ପାଇଁ ତିନୋଟି ମନ୍ଦିର ନିର୍ମିତ ହୋଇଛି । ବାହାନମାନେ ହେଲେ ଶିବଙ୍କର ନନ୍ଦୀ(ଷଣ୍ଢ), ବିଷ୍ଣୁଙ୍କର ଗରୁଡ଼ ଏବଂ ବ୍ରହ୍ମାଙ୍କର ହଂସ । ଏହି ଦୁଇଧାଡ଼ିର ମନ୍ଦିର ମଝିରେ ଦୂର୍ଗାଙ୍କ ପାଇଁ ଗୋଟିଏ ଓ ଗଣେଶଙ୍କ ପାଇଁ ଗୋଟିଏ କରି ମନ୍ଦିର ଅଛି । ଏହିପରି ଗୋଟିଏ ପରିସର ମଧ୍ୟରେ ମୋଟ ଆଠଟି ମନ୍ଦିର ଅଛି ଓ ୨୪୦ଟି ଛୋଟ ଛୋଟ ମନ୍ଦିର ଦ୍ୱାରା ଏହି ଆଠଟି ମନ୍ଦିର ପରିବେଷ୍ଟିତ । ଏହା ଏକ ବିସ୍ମୟକର ସ୍ଥାପତ୍ୟ କଳାର ନମୁନା । ଏହି ମନ୍ଦିର ଗାତ୍ରରେ ଖୋଦିତ ରାମାୟଣ ଓ କୃଷ୍ଣକଥା ପୃଥିବୀରେ ସବୁଠାରୁ ପୁରୁଣା ।

ପୂଜା କରିବା ସମୟରେ ସଂସ୍କୃତ ଶ୍ଳୋକମାନ ଆବୃତ୍ତି କରାଯାଉଥିଲା । ଶିବ, ବ୍ରହ୍ମା, ଦୂର୍ଗା, ଗଣେଶ, ବୁଦ୍ଧ ଏବଂ ଅନ୍ୟାନ୍ୟ ବହୁ ଦେବାଦେବୀଙ୍କ ପାଇଁ ଉଦ୍ଦିଷ୍ଟ ପାଞ୍ଚଶହରୁ ଅଧିକ ଶ୍ଳୋକ ଓ ସ୍ତୋତ୍ର ବାଲିଦ୍ୱୀପରୁ ଆବିଷ୍କାର କରାଯାଇଛି । ବାସ୍ତବରେ ହିନ୍ଦୁ ସଂସ୍କୃତି କେବଳ ବାଲିଦ୍ୱୀପରେ ସମୃଦ୍ଧ ହୋଇଥିଲା ଓ ବଞ୍ଚି ରହିଥିଲା । ଆଜି ସମଗ୍ର ଦ୍ୱୀପପୁଞ୍ଜ ଇସ୍‌ଲାମ ଧର୍ମକୁ ଗ୍ରହଣ କରିସାରିଥିଲାବେଳେ ବାଲିଦ୍ୱୀପରେ ହିନ୍ଦୁ ଧର୍ମ ଓ ସଂସ୍କୃତି ତଥାପି ଅନୁସୃତ ହେଉଅଛି ।

ବହୁ ସଂଖ୍ୟାରେ ଧର୍ମଶାସ୍ତ୍ରମାନ ଜାଭାରୁ ମିଳିଛି । ତନ୍ମଧ୍ୟରୁ ଅଧିକାଂଶ କୟୀ ନାମରେ ପରିଚିତ ସେମାନଙ୍କର ପ୍ରାଚୀନ ଲିପିରେ ତାଳପତ୍ର ଉପରେ ଲେଖାଯାଇଛି । କୟୀଲିପି ବ୍ରାହ୍ମୀକୁ ଆଧାରକରି ସୃଷ୍ଟି ହୋଇଥିଲା । ସେମାନଙ୍କ ମଧ୍ୟରୁ କେତେକରେ ସଂସ୍କୃତ ଶ୍ଳୋକର କୟୀ ଭାଷାରେ ବ୍ୟାଖ୍ୟା ଦେଖିବାକୁ ମିଳେ । ଶୈବଧର୍ମ ଓ ଦର୍ଶନ ଶାସ୍ତ୍ର ମଧ୍ୟରେ ଭୁବନକୋଷ ହେଉଛି ପ୍ରାଚୀନତମ ଓ ଦୀର୍ଘତମ ଗ୍ରନ୍ଥ । ଏଥିରେ ପାଞ୍ଚଶହ ପଚିଶ ଶ୍ଳୋକ ସଂସ୍କୃତ ଭାଷାରେ ରହିଛି । ଶ୍ଳୋକଗୁଡ଼ିକର ଅର୍ଥ ବୁଝାଇବା ପାଇଁ ଟିପ୍ପଣୀ ମଧ୍ୟ ରହିଛି । ଦକ୍ଷିଣପୂର୍ବ ଏସିଆରେ ଭାରତୀୟ ସଂସ୍କୃତି ଓ ଧର୍ମର ପ୍ରଭାବ ଯେଉଁଳି ଅନୁଭୂତ ହୁଏ, ପୃଥିବୀର ଅନ୍ୟକୌଣସି ଅଞ୍ଚଳରେ ସେପରି ପ୍ରଭାବ ବୋଧହୁଏ ଦେଖାଯାଇନାହିଁ । ଏହି ସାଂସ୍କୃତିକ ଆଦାନ ପ୍ରଦାନ ଓ ପ୍ରଭାବର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ, ସେଠାରେ ଭାରତୀୟ ଲିପିରେ ସଂସ୍କୃତ ଶିଳାଲେଖମାନଙ୍କରୁ ମିଳେ । ସେପରି ଶିଳାଲେଖ ଏହି ସମଗ୍ର ଅଞ୍ଚଳରେ ଦେଖାଯାଇଛି ଏବଂ ଏହି ସବୁ ଶିଳାଲେଖ ଓ ଅନ୍ୟାନ୍ୟ ଲେଖା ଆଦିର ଅଧ୍ୟୟନରୁ ଦେଖାଯାଏ ଯେ ଏହି ଅଞ୍ଚଳର ଭାଷା, ସାହିତ୍ୟ, ଧର୍ମୀୟ, ରାଜନୈତିକ ଓ ସାମାଜିକ ଅନୁଷ୍ଠାନଗୁଡ଼ିକ ଭାରତଦ୍ୱାରା ବହୁଳ ଭାବରେ ପ୍ରଭାବିତ ହୋଇଥିଲା । ବର୍ଣ୍ଣପ୍ରଥା ଏବଂ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଭଳି ଚାରୋଟି ଜାତିରେ ସମାଜର ବିଭକ୍ତିକରଣ ସେମାନଙ୍କୁ ଜଣାଥିଲା । ମାତ୍ର ଭାରତ ଭଳି ସେଠାରେ ଏହି ଜାତିପ୍ରଥା ସେତେ କଠୋର ନଥିଲା । ବରଂ ସେଠାରେ ରକ୍ତବେଦ ଅନୁସାରିଣୀ ସାମାଜିକ ବିଭାଜନ ଦେଖାଯାଉଥିଲା ଯେଉଁଥିରେ କି ଜଣକର ଜନ୍ମ ଅନୁସାରେ ତାକୁ କୌଣସି ଗୋଷ୍ଠୀଭୁକ୍ତ ନକରି କର୍ମଅନୁସାରେ ଗୋଷ୍ଠୀଭୁକ୍ତ କରାହେଉଥିଲା । ଏଭଳି ବିଭାଜନ ବିଶେଷକରି ବାଲିଦ୍ୱୀପରେ ଦେଖାଯାଉଥିଲା । ତାଙ୍କର କେତେକ ବିବାହ ରୀତିନୀତି ମଧ୍ୟ ଏକା ଭଳି ଥିଲା ।

ତାଙ୍କର ଆମୋଦ ପ୍ରମୋଦ ଭିତରେ ସବୁଠାରୁ ପ୍ରସିଦ୍ଧ ଥିଲା ୱାୟୁଂ କୁହାଯାଇଥିବା ଛାଇସହିତ ଖେଳ । ଏହା ଭାରତୀୟ କଣ୍ଢେଇ ଖେଳ ଭଳି । ଏହି ଖେଳର ମୌଳିକ ଆଧାର ରାମାୟଣ ଓ ମହାଭାରତ ଭଳି ମହାକାବ୍ୟରୁ ଆସୁଥିଲା । ଦକ୍ଷିଣପୂର୍ବ ଏସିଆରେ ଏହା ଏବେ ମଧ୍ୟ ବହୁତ ଲୋକପ୍ରିୟ ।

## ପାଠଗତ ପ୍ରଶ୍ନାବଳୀ ୨୧.୩

୧. ଶ୍ରୀଲଙ୍କାରେ ଥିବା ପ୍ରଥମ ଦୁଇଟି ବୌଦ୍ଧାଶ୍ରମର ନାମ ଲେଖ ।

୨. ଶ୍ରୀଲଙ୍କାରେ ବୌଦ୍ଧଧର୍ମ କିପରି ପହଞ୍ଚିଲା ?

୩. କେଉଁଭାଷା ଶ୍ରୀଲଙ୍କାର ସାହିତ୍ୟର ଭାଷା ହେଲା ?

୪. ଅଙ୍ଗ୍‌କରବତ୍ କ'ଣ ?

୫. ଅଙ୍ଗ୍‌କରବତ୍‌ର ପାଞ୍ଚୋଟି ସ୍ତୁପକୁ କ'ଣ କୁହାଯାଏ ?

୬. ଅଙ୍ଗ୍‌କରବତ୍‌ରେ କ'ଣ ଚିତ୍ରଣ କରାଯାଇଛି ଓ କାହିଁକି ?

୭. ଅଙ୍ଗ୍‌କରବତ୍ ମନ୍ଦିର କ'ଣ ସୂଚିତ କରିଥାଏ ?

୮. ଅଙ୍ଗ୍‌କରବତ୍‌ର କାନ୍ଥରେ କ'ଣ ଖୋଦିତ ହୋଇଛି ?

୯. ଅଙ୍ଗ୍‌କରବତ୍ କାନ୍ଥରେ ଖୋଦିତ ହୋଇଥିବା କେଉଁଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ?

୧୦. ବାଫୋନ୍‌କୁ କ'ଣ ସୁଶୋଭିତ କରିଛି ?

୧୧. ଭାରତୀୟ ସଂସ୍କୃତି ଉପରେ ପର୍ଯ୍ୟବସିତ ଭିଏତ୍‌ନାମ (ଚମ୍ପା)ର କେତେକ ସହରର ନାମ ଉଲ୍ଲେଖ କର ।

୧୨. ମାଲେସିଆର କେଉଁଠାରେ ଶୈବବାଦର ପ୍ରମାଣ ଆବିଷ୍କୃତ ହୋଇଥିଲା ?

୧୩. ମାଲେସିଆରେ ମାଟିତଳୁ ବାହାରିଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ ମୂର୍ତ୍ତିର ନାମ ଲେଖ ?





୧୪. ମାଲେସିଆର ଭାଷାରେ କେଉଁ ସଂସ୍କୃତ ଶବ୍ଦଗୁଡ଼ିକ ଦେଖିବାକୁ ମିଳେ ?

୧୫. ମାଲେସିଆରେ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀର ଶିଳାଲେଖ ମଧ୍ୟରୁ କେଉଁଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ?

୧୬. ଲିଗୋରଠାରେ କେତୋଟି ମନ୍ଦିର ଦେଖାଯାଇଥିଲା ?

୧୭. ପ୍ରମ୍ବଣନ କ'ଣ ?

୧୮. ଶିବ, ବିଷ୍ଣୁ ଓ ବ୍ରହ୍ମାଙ୍କର ତିନି ମନ୍ଦିର ସମ୍ମୁଖରେ କ'ଣ ନିର୍ମାଣ କରାଯାଇଥିଲା ?

୧୯. ଇଣ୍ଡୋନେସିଆର ଜାଭାଦ୍ୱୀପରେ କେତୋଟି ମନ୍ଦିର ଅଛି ?

୨୦. ଇଣ୍ଡୋନେସିଆର ମନ୍ଦିର କାନ୍ଥରେ କେଉଁ ସବୁ କାହାଣୀ ଖୋଦେଇ ହୋଇଥିଲା ?

୨୧. ଇଣ୍ଡୋନେସିଆର ବାଲୀ ଦ୍ୱୀପରେ କ'ଣ ଆବିଷ୍କୃତ ହୋଇଥିଲା ?

## ୨୧.୬ ଭାରତ ଓ ଆରବ ସଭ୍ୟତା ମଧ୍ୟରେ ସମ୍ପର୍କ

ଉଭୟ ସଡ଼କପଥ ଓ ଜଳପଥରେ ପଶ୍ଚିମ ଏସିଆ ସହିତ ଭାରତର ସମ୍ପର୍କ ବହୁ ପ୍ରାଚୀନକାଳରୁ ରହିଆସିଛି । ସେ ସମୟରେ ରାଷ୍ଟ୍ରର ଧାରଣା ଆହୁରି ସୃଷ୍ଟି ହୋଇନଥିଲା । ପଶ୍ଚିମ ଏସିଆରେ ଇସ୍‌ଲାମୀୟ ସଭ୍ୟତାର ପ୍ରସାର ଓ ଉତ୍‌ଥାନ ସହିତ ତାଳଦେଇ ଏହି ଦୁଇ ସଂସ୍କୃତି ମଧ୍ୟରେ ସମ୍ପର୍କ ଅତି ଘନିଷ୍ଠ ହୋଇ ଉଠିଥିଲା । ଏହି ସମ୍ପର୍କର ଅର୍ଥନୈତିକ ଦିଗ ସମ୍ବନ୍ଧରେ ପ୍ରାୟ ନବମ ଶତାବ୍ଦୀର ମଧ୍ୟ ଭାଗରୁ ଆରବ ଓ ଅନ୍ୟାନ୍ୟ ଅଞ୍ଚଳରୁ ଭ୍ରମଣକାରୀ ଭାବରେ ଆସିଥିବା ସୁଲେମାନ୍, ବଣିକ ଆଲ୍‌ମାସୋଦି, ଇବନ୍‌ହକଲ, ଆଲଇଦ୍ରିସୀ ପ୍ରଭୃତିଙ୍କ ଲେଖାରୁ ଆମେ ଅନେକ ତଥ୍ୟ ପାଇଥାଉ । ଏହି ତଥ୍ୟରୁ ଉଭୟ ଅଞ୍ଚଳ ମଧ୍ୟରେ ସମୃଦ୍ଧ ବ୍ୟବସାୟିକ ଆଦାନ ପ୍ରଦାନ ହେଉଥିବାର ପ୍ରମାଣ ମିଳେ । କିନ୍ତୁ ସାଂସ୍କୃତିକ କ୍ଷେତ୍ରରେ ଏଭଳି ପାରସ୍ପରିକ ଆଦାନପ୍ରଦାନର ପ୍ରମାଣ ଆହୁରି ପୁରୁଣା – ଅଷ୍ଟମ ଶତାବ୍ଦୀ ବା ତା'ପୂର୍ବରୁ ।

ପଶ୍ଚିମ ଏସିଆ ସହିତ ଭାରତର ସାଂସ୍କୃତିକ ବିନିମୟ ଅତ୍ୟନ୍ତ ଫଳପ୍ରଦ ହୋଇଥିଲା ବୋଲି ଅନେକ କ୍ଷେତ୍ରରେ ପ୍ରତୀୟମାନ ହୁଏ । ଏହି ବିନିମୟ ଦ୍ୱାରା ଇସ୍‌ଲାମୀୟ ଜଗତ କେତେ ସମୃଦ୍ଧ ହୋଇଥିଲା ଆମେ ଏଠାରେ ଦେଖିବା । ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ସିନ୍ଧରୁ ରାଷ୍ଟ୍ରଦୂତମାନେ ବାଗ୍‌ଦାଦକୁ ବ୍ରହ୍ମସ୍ଫୁଟ-ସିଦ୍ଧାନ୍ତ ଓ ଖଣ୍ଡଖାଦ୍ୟକ ନାମକ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ର ନେଇଥିଲେ । ଏହି ଗ୍ରନ୍ଥ ଦୁଇଟି ଆରବରେ ଯଥାକ୍ରମେ ସିନ୍ଧିନ୍ ଓ ଆର୍‌କଣ୍ଡ ନାମରେ ବେଶୀ ପରିଚିତ ହୋଇଥିଲେ । ଏହି ଦୂତାବାସମାନଙ୍କରେ ଭାରତୀୟ ବିଦ୍ୱାନମାନଙ୍କ ସହାୟତାରେ





ସେଗୁଡ଼ିକୁ ଅଲଫାଜରି ଆରବୀୟ ଭାଷାକୁ ଅନୁବାଦ କରିଥିଲେ । ସେ ସମ୍ଭବତଃ ୟାକୁବ୍ ୟୁନ୍ତାରିକକୁ ମଧ୍ୟ ସହାୟତା ଯୋଗାଇଥିଲେ । ପରବର୍ତ୍ତୀ କାଳରେ ଜ୍ୟୋତିର୍ବିଜ୍ଞାନ ଉପରେ ଆର୍ଯ୍ୟଭଟ୍ଟ ଓ ବରାହମିହିରଙ୍କ ରଚନାବଳିକୁ ଆରବରେ ଅଧ୍ୟୟନ କରାଯାଇଥିଲା ଓ ସେଗୁଡ଼ିକୁ ଆରବର ବିଜ୍ଞାନ ଲେଖାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଆରବ ସଭ୍ୟତାକୁ ଭାରତର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଗଣିତ ଶାସ୍ତ୍ର । ଆରବର ଲୋକମାନେ ଗଣିତକୁ 'ହିନ୍ଦିସା' (ଭାରତ ସମ୍ବନ୍ଧିତ) କହି ଭାରତର ଏହି ଅବଦାନକୁ ସ୍ୱୀକୃତି ପ୍ରଦାନ କରିଥିଲେ । ବାସ୍ତବରେ ଭାରତୀୟ ଗଣିତ ସେମାନଙ୍କର ଅଧ୍ୟୟନ ଓ ଆଲୋଚନା ପରିସରରେ ଏକ ଅତିପ୍ରିୟ ବିଷୟ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଲ୍‌କିଣ୍ଡିଙ୍କ କାର୍ଯ୍ୟ ଯୋଗୁଁ ଏହାର ଲୋକପ୍ରିୟତା ବହୁତ ବେଶୀ ବଢ଼ିଯାଇଥିଲା । ଭାରତୀୟ ଗଣିତରୁ ଦଶମିକ ପଦ୍ଧତି ସହିତ 'ଶୂନ' ସମ୍ବନ୍ଧୀୟ ଧାରଣା ଏକ ବୈପ୍ଳବିକ ଚିନ୍ତାଧାରା ଥିଲା ଏବଂ ସେମାନେ ଖୁବ୍‌ଶୀଘ୍ର ଏହାର ଉପାଦେୟତାକୁ ବୁଝି ଏହାକୁ ଖୁବ୍ ପସନ୍ଦ କରିଥିଲେ । ସିରିଆର ଜଣେ ସମକାଳୀନ ବିଦ୍ୱାନ ଏହାର ଉଚ୍ଛ୍ୱସିତ ପ୍ରଶଂସା କରି କହିଥିଲେ – ''ମୁଁ କେବଳ କହିବାକୁ ଚାହୁଁଛି ଯେ ଏହି ପଦ୍ଧତିରେ ନଅଟି ସଙ୍କେତକୁ ନେଇ ଗଣନା କାର୍ଯ୍ୟ କରାଯାଏ । ଯେଉଁମାନେ ଗ୍ରୀକ୍ ଭାଷା କହୁଥିବାରୁ ଯଦି ବିଶ୍ୱାସ କରି ବସନ୍ତି ଯେ ସେମାନେ ବିଜ୍ଞାନର ଶୀର୍ଷସୋପାନରେ ପହଞ୍ଚିଯାଇଛନ୍ତି, ସେମାନେ ଏହି ପଦ୍ଧତିକୁ ଜାଣିବା ଉଚିତ, ତାହେଲେ ସେମାନେ ନିଶ୍ଚିତ ହେବେ ଯେ ତାଙ୍କ ଛଡ଼ା ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ଏ ବିଷୟରେ କିଛି ଅଧିକା ଜାଣନ୍ତି ।''

ଦଶମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ରଚିତ ଆରବୀୟ ନଥିପତ୍ରରୁ ଜଣାଯାଏ ଯେ ଭେଷଜ ଓ ରୋଗ ପ୍ରତିଷେଧ ସମ୍ବନ୍ଧୀୟ ବିଭିନ୍ନ ଭାରତୀୟ ପୁସ୍ତକକୁ, ୭୮୬ ଖ୍ରୀଷ୍ଟାବ୍ଦରୁ ୮୦୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ବାଗ୍‌ଦାଦରେ ଶାସନ କରୁଥିବା ଖଲିପ ହାରୁନ ଅଲ୍-ରସିଦଙ୍କ ନିର୍ଦ୍ଦେଶରେ ଆରବୀୟ ଭାଷାକୁ ଅନୁବାଦ କରାଯାଇଥିଲା । ଏହି ଅନୁବାଦ ପ୍ରକ୍ରିୟାରେ ଭାରତୀୟ ବିଦ୍ୱାନମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଦୃଷ୍ଟାନ୍ତ ସ୍ୱରୂପ ଏକଥା ଜଣାଯାଇଛି ଯେ ମଙ୍କ ନାମକ ଜଣେ ଭାରତୀୟ 'ଶୁଶ୍ରୁତ ସଂହିତା'କୁ ଆରବୀୟ ଭାଷାରେ ଅନୁବାଦ କରିଥିଲେ ।

ଜ୍ୟୋର୍ତିବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ଗଣିତ ଶାସ୍ତ୍ର ଓ ଚିକିତ୍ସା ବିଜ୍ଞାନ ସାଙ୍ଗକୁ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଅନ୍ୟାନ୍ୟ ଅନେକ ଦିଗକୁ ମଧ୍ୟ ଆରବର ଲୋକମାନେ ଅତ୍ୟନ୍ତ ଶ୍ରଦ୍ଧାର ସହ ପ୍ରଶଂସା କରୁଥିଲେ । ସେମାନେ ବିଭିନ୍ନ ବିଷୟରେ ଭାରତରେ ରଚିତ ହୋଇଥିବା ବହିପତ୍ରକୁ ଆରବୀୟ ଭାଷାରେ ଅନୁବାଦ କରିଥିଲେ, ମାତ୍ର କେବଳ ଅନୁବାଦରେ ସନ୍ତୁଷ୍ଟ ନହୋଇ ସେହି ଭାରତୀୟ ରଚନାକୁ ମୂଳକରି ନିଜ ଭାଷାରେ ନିଜସ୍ୱ ରୁଚିରେ ମୌଳିକ ପୁସ୍ତକମାନ ମଧ୍ୟ ରଚନା କରିଥିଲେ । ଭାରତୀୟ ଜ୍ଞାନ ଭଣ୍ଡାରର ଯେଉଁ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକୁ ସେମାନେ ଅଧ୍ୟୟନ କରିବା ପାଇଁ ଆଗ୍ରହୀ ହୋଇଥିଲେ ଓ ଅଧ୍ୟୟନ କରିଥିଲେ ସେଗୁଡ଼ିକ ମଧ୍ୟରେ ଥିଲା ସାପ ବିଷ ସମ୍ବନ୍ଧୀୟ ବିଭିନ୍ନ କାମ, ପଶୁପାଳନ ଓ ପଶୁଚିକିତ୍ସାର କଳା, ଓ ତର୍କଶାସ୍ତ୍ର, ଦର୍ଶନଶାସ୍ତ୍ର, ନୀତିଶାସ୍ତ୍ର, ରାଜନୀତି ଓ ସମର କୌଶଳ ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ । ଏଭଳି କାର୍ଯ୍ୟ କରିବା ମଧ୍ୟରେ ଅନେକ ଭାରତୀୟ ଶବ୍ଦକୁ ସେମାନେ ଗ୍ରହଣ କରିନେଇ ନିଜ ଶବ୍ଦ ଭଣ୍ଡାରର ସମୃଦ୍ଧି ଘଟାଇଥିଲେ । ଉଦାହରଣ ସ୍ୱରୂପ ଜାହାଜ ବ୍ୟବସାୟ ସମ୍ବନ୍ଧୀୟ ବିଷୟମାନଙ୍କରେ ଆରବୀୟମାନେ ଅତ୍ୟନ୍ତ ଉନ୍ନତ ହୋଇଥିଲେ ସୁଦ୍ଧା ଏବେ ମଧ୍ୟ ସେସବୁ ସଂକ୍ରାନ୍ତରେ ବ୍ୟବହୃତ ହେଉଥିବା ଅନେକ ଆରବୀୟ ଶବ୍ଦର ଉତ୍ପତ୍ତି ହୋଇଛି ଭାରତୀୟ ଜ୍ଞାନରୁ, ଏହିଭଳି କେତେକ ଶବ୍ଦ ହେଲା ହୁର୍ତି (ଛୋଟିଆ ନୌକା), ହୋରି (ଭାରତୀୟ ଶବ୍ଦ – ଓଡ଼ିଶାରେ ଏହାକୁ ହୁଲି ଡଙ୍ଗା କୁହାଯାଏ) ଶବ୍ଦରୁ ଆସିଛି, ବନଓ୍ୱି – ଭାରତୀୟ ଶବ୍ଦ ବଣିଆ କିମ୍ବା ବଣିକରୁ ଆସିଛି, ଡ଼ୋନିଜ୍ – ଭାରତୀୟ ଶବ୍ଦ ଡ଼ୋଙ୍ଗିରୁ ଆସିଛି, ଏହିଭଳି ଆହୁରି ଅନେକ ଆରବୀୟ ଶବ୍ଦ ଅଛି ଯାହାର ଉତ୍ପତ୍ତି ହୋଇଛି ଭାରତୀୟ ଶବ୍ଦରୁ ।





## ୨୧.୭ ରୋମ ସହିତ ଭାରତର ସମ୍ପର୍କ

ପାଶ୍ଚାତ୍ୟ ଜଗତରେ ବହୁତ ଚାହିଦାଥିବା ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ପ୍ରାୟ ଏକଚାଟିଆ ଭାବେ କେବଳ ଦକ୍ଷିଣ ଭାରତରେ ହେଉଥିଲା । ପ୍ରକୃତରେ ଖ୍ରୀଷ୍ଟୀୟ ଅବ୍ଦ ଆରମ୍ଭ ହେଲାପରେ ପ୍ରଥମ ତିନି ଶତାବ୍ଦୀଧରି ଭାରତର ସାମୁଦ୍ରିକ ନୌବାଣିଜ୍ୟ ଅତ୍ୟନ୍ତ ଲାଭଦାୟକ ଭାବରେ ପାଶ୍ଚାତ୍ୟ ଜଗତ ସହିତ ଚାଲିଥିଲାବେଳେ, ଭାରତର ସର୍ବୋତ୍କୃଷ୍ଟ ଗ୍ରାହକ ଥିଲା ରୋମ ସାମ୍ରାଜ୍ୟ । ଏହି ବାଣିଜ୍ୟ ମୁଖ୍ୟତଃ ଦକ୍ଷିଣଭାରତ ସହିତ ହେଉଥିଲା ଓ ଏହାର ଚିହ୍ନ ସ୍ୱରୂପ ବିଭିନ୍ନ ସାହିତ୍ୟିକ ରଚନା ଓ ବିଶେଷକରି କୋଏମ୍ବାଟୁର ଓ ମଦୁରାଇରେ ମିଳୁଥିବା ରୋମାନ ମୁଦ୍ରା ଏବେ ମଧ୍ୟ ଦେଖାଯାଏ । ଗୋଲମରିଚ, ପାନ, ବିଭିନ୍ନ ମସଲା, ଅତର ଏବଂ ପାନ୍ନା, ରତ୍ନ, ହୀରା, ରୁବି, ପଦ୍ମରାଗମଣି ଭଳି ଅତି ମୂଲ୍ୟବାନ ପଥର, ମୁକ୍ତା, ହାତୀଦାନ୍ତ ଭଳି ମୂଲ୍ୟବାନ ଦ୍ରବ୍ୟ ଓ ସିଲ୍କ ଏବଂ ଅତି ସୂକ୍ଷ୍ମ କାର୍ପାସ ବସ୍ତ୍ରର ଚାହିଦା ସବୁଠାରୁ ବେଶୀ ଥିଲା । ରୋମ ସହିତ ଏହି ବାଣିଜ୍ୟିକ ସମ୍ପର୍କର ଏକ ସ୍ୱାଭାବିକ ପରିଣତି ସ୍ୱରୂପ ରୋମରୁ ଭାରତକୁ ସୁନା ଆସୁଥିଲା । ଭାରତକୁ ଏହିପରି ଭାବରେ ପ୍ରଚୁର ସୁନା ଆସୁଥିବାରୁ ଭାରତରେ ବାଣିଜ୍ୟ ପାଇଁ ଏକ ଅନୁକୂଳ ସ୍ଥିତି ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସେ ସମୟରେ କୁଶାଣ ସାମ୍ରାଜ୍ୟ ପାଇଁ ସ୍ୱର୍ଣ୍ଣମୁଦ୍ରାର ସ୍ଥାୟୀ ପ୍ରଚଳନ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା । ତାମିଲର ରାଜାମାନେ ଯୁଦ୍ଧ କ୍ଷେତ୍ରରେ ନିଜ ନିଜର ତମ୍ବୁକୁ ଜଗିବାଲାଗି ଯବନମାନଙ୍କୁ ନିଯୁକ୍ତ କରୁଥିଲେ ଓ ମଦୁରାଇର ପ୍ରବେଶ ପଥକୁ ମଧ୍ୟ ଜଗିବାରେ ଯବନ ପ୍ରହରୀ ନିଯୁକ୍ତ ହୋଇଥିଲେ । ପ୍ରାଚୀନ ଭାରତରେ ପଶ୍ଚିମ ଏସିଆ ଓ ଭୂମଧ୍ୟସାଗରୀୟ ଅଞ୍ଚଳର ଲୋକମାନଙ୍କୁ ଏବଂ ଗ୍ରୀକ୍ ଓ ରୋମାନମାନଙ୍କୁ ମଧ୍ୟ ଯବନ କୁହାଯାଉଥିଲା । ଯବନ ଅଙ୍ଗରକ୍ଷୀଙ୍କ ମଧ୍ୟରେ ରୋମାନ୍ ସୈନିକମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ ବୋଲି କେତେକ ଐତିହାସିକ ବିଚାର କରନ୍ତି ।

ଏହି ସମୟ ବେଳକୁ କାବେରୀପଟ୍ନମ୍ ବିଦେଶୀ ବାଣିଜ୍ୟ ପାଇଁ ଏକ ଅତିଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇସାରିଥିଲା । ବିଦେଶରୁ ଜାହାଜରେ ଭର୍ତ୍ତିହୋଇ ଆସୁଥିବା ମାଲମତାକୁ ସାଇତି ରଖିବା ପାଇଁ ସମୁଦ୍ରକୂଳରେ ଉଚ୍ଚା ଉଚ୍ଚା ପ୍ଲାଟଫର୍ମ, ଗୋଦାମଘର ଓ ପଣ୍ୟାଗାର କାବେରୀପଟନମରେ ଗଢ଼ିଉଠିଥିଲା । ବିଦେଶରୁ ଆସୁଥିବା ଏହି ସମସ୍ତ ମାଲମତା ଲାଗି ଆମଦାନୀ ଶୁଳ୍କ ପଇଠ କରିସାରିଲା ପରେ ଦ୍ରବ୍ୟଗୁଡ଼ିକ ଉପରେ ଚୋଳବଂଶର ପ୍ରତୀକ ଭାବରେ 'ବାଘ' ମୋହର ମରାଯାଉଥିଲା ଏବଂ ତା'ପରେ ବ୍ୟବସାୟୀମାନଙ୍କର ପଣ୍ୟାଗାରକୁ ହସ୍ତାନ୍ତର କରାଯାଉଥିଲା । ଏହି ପଣ୍ୟାଗାରକୁ ପଟ୍ଟୀନାପ୍ପାଲାଇ କୁହାଯାଉଥିଲା । ଏହାର ଖୁବ୍ ନିକଟରେ ଯବନ ବ୍ୟବସାୟୀମାନଙ୍କର ବସତି ଥିଲା ଏବଂ ବିଭିନ୍ନ ଭାଷା କହୁଥିବା ବିଦେଶୀ ବଣିକମାନଙ୍କର ବସାଘର ସବୁଥିଲା । ଏଠିକାର ବାସିନ୍ଦାମାନଙ୍କ ପାଇଁ ଗୋଟିଏ ବଡ଼ ବଜାର ଥିଲା, ଯେଉଁଠାରେ କି ସମସ୍ତ ଦରକାରୀ ଜିନିଷ ମିଳୁଥିଲା । ଏଠିସବୁ ସୁବାସିତ ମଲମ ଓ ପାଉଡର ବିକାଳି, ଫୁଲ ଓ ଧୂପକାଠି ବିକାଳି ଦେଖିବାକୁ ମିଳୁଥିଲେ । ସେହିଭଳି ସିଲ୍କ, ଉଲ, କିମ୍ବା କପାଲୁଗାକୁ ନେଇ ବିଭିନ୍ନ କାମ କରିବାଲାଗି ଦରଜୀ ଓ ଚନ୍ଦନ, ପୋହଳା, ମୁକ୍ତା, ସୁନା ଓ ମୂଲ୍ୟବାନ ପଥରକୁ ନେଇ ବେପାର କରୁଥିବା ବ୍ୟବସାୟୀ ଏବଂ ଖାଦ୍ୟଶସ୍ୟ ବ୍ୟବସାୟ କରୁଥିବା ବେପାରୀମାନେ ମଧ୍ୟ ଥିଲେ । ଏଠାରେ ଧୋବା, ମାଛ, ଲୁଣ, ମାଂସ ବିକାଳିଙ୍କଠାରୁ ଆରମ୍ଭ କରି କମାର, ବଢ଼େଇ, ବଣିଆ, ତମ୍ବା କାରିଗର, ଚିତ୍ରକର, ସ୍ଥପତି, ମୋଚି ଓ କଣ୍ଢେଇ ତିଆରି କଲାବାଲା ମଧ୍ୟ ଦେଖାଯାଉଥିଲେ । ଦରିଆ ସେପାରିରୁ ବହୁ ଦୂର ଦେଶରୁ ଲୋକମାନେ ବଜାରକୁ ଘୋଡ଼ାମଧ୍ୟ ଆଣୁଥିଲେ ।

ଏହିସବୁ ଦ୍ରବ୍ୟ ମଧ୍ୟରୁ ଅଧିକାଂଶ ରପ୍ତାନି ନିମନ୍ତେ ସଂଗୃହୀତ ହୋଇଥିଲା । ପ୍ଲିନିଙ୍କ କହିବା ଅନୁସାରେ ଭାରତ ରପ୍ତାନି କରୁଥିବା ଦ୍ରବ୍ୟ ମଧ୍ୟରୁ ଗୋଲମରିଚ ଏବଂ ଅଦା ଲାଗି ସେଗୁଡ଼ିକର ମୂଲ୍ୟଠାରୁ ଶହେରୁ ଅଧିକ ଗୁଣ

ମୂଲ୍ୟ ମିଳୁଥିଲା । ଭାରତର ସୁଗନ୍ଧିତ ଧୂପକାଠି ଓ ଅନ୍ୟାନ୍ୟ ସୁବାସିତ ଦ୍ରବ୍ୟର ଚାହିଦା ବହୁତ ଅଧିକ ଥିଲା । ଏସବୁ ଦ୍ରବ୍ୟ ରୋମରେ ସବୁଠାରୁ ଅଧିକ ବିକ୍ରି ହେଉଥିଲା ।

ଭାରତର ବିଭିନ୍ନ ରାଜା ଯେଉଁ ସଂଖ୍ୟାରେ ବିଦେଶକୁ ରାଜଦୂତ ପଠାଉଥିଲେ କିମ୍ବା ଯେତିକି ରାଜପ୍ରତିନିଧିଙ୍କୁ ଅତିଥିରୂପେ ସ୍ୱାଗତ କରି ଗ୍ରହଣ କରୁଥିଲେ, ସେଥିରୁ ବିଦେଶୀମାନଙ୍କ ସହିତ ବାଣିଜ୍ୟ କରିବାର ଗୁରୁତ୍ୱ କେତେ ଅଧିକ ଥିଲା ତାହା ଜଣେ ବୁଝିପାରିବ । ଜଣେ ପାଣ୍ଡ୍ୟବଂଶର ରାଜା ରୋମର ସମ୍ରାଟ ଅଗଷ୍ଟସଙ୍କ ଦରବାରକୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଜଣେ ରାଜଦୂତଙ୍କୁ ପଠାଇଥିଲେ । ୯୯ ଖ୍ରୀଷ୍ଟାବ୍ଦ ପରେ ଟ୍ରୟକୁ ମଧ୍ୟ ରାଜଦୂତମାନଙ୍କୁ ପଠାଯାଇଥିଲା । ସିଲୋନ୍‌ରୁ କ୍ଲାଡିଅସ୍, ଟ୍ରାଜନ୍, ଆଣ୍ଟୋନ୍‌ମିସ୍, ପୁଇସ୍, ଇନ୍‌ଷ୍ଟିମେନ୍ ଏବଂ ଅନ୍ୟାନ୍ୟ ରାଷ୍ଟ୍ରଦୂତମାନେ ବିଭିନ୍ନ ଭାରତୀୟ ରାଜାମାନଙ୍କର ଦରବାରରେ ଉପସ୍ଥିତ ରହି ରାଜଦରବାରଗୁଡ଼ିକୁ ଗୌରବମଣ୍ଡିତ କରୁଥିଲେ ।

ରୋମ ସହିତ ବାଣିଜ୍ୟ କାରବାର ଏତେ ବହୁତ ବେଶୀ ବଢ଼ିଯାଇଥିଲା ଯେ, ଏହି କାରବାରକୁ ଠିକ୍‌ରେ ଚଳାଇ ରଖିବାଲାଗି ପଶ୍ଚିମ ଉପକୂଳରେ ସୋପାରା ଓ ବାରିଗାଜା (ବ୍ରୋଚ୍) ଭଳି ପୋତାଶ୍ରୟ ନିର୍ମିତ ହେଲା ଏବଂ ତାହା ସହ ପୂର୍ବ ପଟେ କରମଣ୍ଡଳ ଉପକୂଳରେ ଗୋଲଡେନ୍ କେରସୋନିଜ୍ (ସୁବର୍ଣ୍ଣଭୂମି) ଓ ଗୋଲଡେନ୍ କାରସେ (ସୁବର୍ଣ୍ଣଦ୍ୱୀପ) ସହିତ ବାଣିଜ୍ୟ କାରବାର ଚାଲୁ ରହିଲା । ବତୀଘର ନିର୍ମାଣ କରି ରାତିରେ ଜାହାଜଗୁଡ଼ିକୁ ପୋତାଶ୍ରୟକୁ ବାଟ କଢ଼ାଇଆଣିବା ପାଇଁ ଚୋଳ ରାଜାମାନେ ନିଜର ପୋତାଶ୍ରୟଗୁଡ଼ିକୁ ଖୁବ୍ ଆଲୋକିତ କରି ରଖିଲେ । ଇଟାଲୀୟ ମୃଣ୍ମୟ ଶିଳ୍ପୀଙ୍କର ମୋହର ଛାପଥିବା ଆରେଟାଇନ୍ ନାମକ ପ୍ରସିଦ୍ଧ ଇଟାଲୀୟ ମୃଣ୍ମୟ କାମର ଅନେକ ନମୁନା ପଣ୍ଡିଚେରୀ ନିକଟବର୍ତ୍ତୀ ଆରିକାମେଡୁଠାରେ ମିଳିଛି । ସେଠାରେ ରୋମାନ୍ ଲ୍ୟାମ୍ପ ବା ଲଣ୍ଠନର କିଛି ଅଂଶ ମଧ୍ୟ ମିଳିଛି ।

ଆନ୍ଧ୍ର ଅଞ୍ଚଳରେ ମଧ୍ୟ ବିଦେଶୀ ବାଣିଜ୍ୟ କାରବାରର ପ୍ରମାଣ ମିଳିଛି । ଏଠିକାର କିଛି ପୋତାଶ୍ରୟ ଏବଂ ସମୁଦ୍ରକୂଳଠାରୁ ଦୂର ରାଜ୍ୟମଧ୍ୟସ୍ଥ କିଛି ଛୋଟ ସହର ଏହି ବାଣିଜ୍ୟ କାରବାରରେ ସମ୍ପୃକ୍ତ ହୋଇଥିଲେ । ପଇଥାନା (ପ୍ରତିଷ୍ଠାନ) ଟାଉନ୍‌ରୁ ଏହି ଅନୁସାରେ ବିଦେଶକୁ ବିଭିନ୍ନ ପଥର, ଟାଗାରା, କପା, ସୂକ୍ଷ୍ମକାର୍ପାସ ଓ ଅନ୍ୟାନ୍ୟ ବସ୍ତ୍ର ରପ୍ତାନି ହେଉଥିଲା । ଆନ୍ଧ୍ରର ରାଜା ଯଜ୍ଞଶ୍ରୀ ଏକ ବିରଳ କିସମର ମୁଦ୍ରା ପ୍ରଚଳନ କରିଥିଲେ ଯେଉଁଥିରେ ରାଜ୍ୟର ସାମୁଦ୍ରିକ ବାଣିଜ୍ୟ କାରବାରର ପ୍ରତୀକ ଭାବରେ ଗୋଟିଏ ଜାହାଜର ଛବି ରହିଥିଲା ।

## ୨୧.୮ ଜାହାଜ ଏବଂ ବିଦେଶ ସହ ବାଣିଜ୍ୟ

ବିଦେଶରେ ଭାରତୀୟ ସଂସ୍କୃତିର ପ୍ରସାର ଲାଗି ଏହିଭଳି ଭାବରେ ବାଣିଜ୍ୟ କାରବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିଲା । ବହୁ ପ୍ରାଚୀନକାଳରେ ଆମ ଦେଶରୁ ଲୋକମାନେ ଜାହାଜରେ ବିଶାଳ ସମୁଦ୍ର ଭିତରେ ଯାଇ ବିଭିନ୍ନ ବିଦେଶୀ ରାଷ୍ଟ୍ରମାନଙ୍କରେ ପହଞ୍ଚି ସେମାନଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ । ସେଭଳି ପଡୋଶୀ ଦେଶମାନଙ୍କର ସାହିତ୍ୟ, କଳା ଓ ସ୍ଥାପତ୍ୟରେ ଭାରତୀୟ ସଂସ୍କୃତି ଓ ସଭ୍ୟତାର ପ୍ରଭାବର ଛାପ ସ୍ପଷ୍ଟ ବାରିହୋଇପଡ଼େ । ଏପରିକି ସୂରିନାମ୍ ଓ କାରିବିଆନ ଦ୍ୱୀପପୁଞ୍ଜ ଭଳି ସ୍ଥାନରେ ଅର୍ଥାତ୍ ପ୍ରାୟ ଆମେରିକାର ଉପକୂଳ ପର୍ଯ୍ୟନ୍ତ ଦେଶମାନଙ୍କରେ ପ୍ରାଚୀନ ଭାରତୀୟ ସଂସ୍କୃତିର ପ୍ରାମାଣିକ ଛାପ ଦେଖିବାକୁ ମିଳେ ।

ସମୁଦ୍ରଗୁପ୍ତଙ୍କର (୩୪୦ ରୁ ୩୮୦ ଖ୍ରୀଷ୍ଟାବ୍ଦ) ଏକ ଶକ୍ତିଶାଳୀ ସ୍ଥଳ ସେନାବାହିନୀ ସାଙ୍ଗକୁ ଅତି ପରାକ୍ରମୀ ନୌସେନା ବାହିନୀ ଓ ଯୁଦ୍ଧ ଜାହାଜ ଥିଲା । ଗାଙ୍ଗେୟ ସମତଳ ଭୂମି, ମାଳୟ ଆର୍କିପେଲାଗୋ । (ଦ୍ୱୀପପୁଞ୍ଜ) ଆବିଷ୍କୃତ ହୋଇଥିବା କେତେକ ଶିଳାଲିପି ଗୁପ୍ତଯୁଗରେ ଭାରତୀୟ ଜାହାଜ ଚଳାଉଥିବା ନାବିକ ଓ ପରିଚାଳକମାନଙ୍କର ସୁଦୂର ପ୍ରସାରୀ କାର୍ଯ୍ୟର ପ୍ରମାଣ ଦିଏ ।





ସମ୍ରାଟ ହର୍ଷଙ୍କ (୬୦୬ ରୁ ୬୪୭ ଖ୍ରୀ.ଅ) ରାଜତ୍ୱକାଳରେ ଭାରତ ଭ୍ରମଣରେ ଆସିଥିବା ହୁଏନ୍‌ସାଂ ମଧ ତତ୍କାଳୀନ ଭାରତ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ଚୋଳ ରାଜାମାନେ ଏକ ଅତି ଶକ୍ତିଶାଳୀ ନୌସେନା ବାହିନୀ ଗଠନ କରିଥିଲେ ଏବଂ ସମୁଦ୍ର ମଧରେ ଯାଇ ଅତର୍କିତ ଆକ୍ରମଣ କରୁଥିଲେ ।

କେତେକ ଭାରତୀୟ ବ୍ୟବସାୟୀଙ୍କର ନିଜର ୫୦ ପର୍ଯ୍ୟନ୍ତ ଜାହାଜ ଥିଲାବୋଲି ପର୍ତ୍ତୁଗୀଜମାନେ ଉଲ୍ଲେଖ କରିଛନ୍ତି । ସେମାନଙ୍କ ଅନୁସାରେ ବ୍ୟବସାୟୀମାନେ ନିଜର ଜାହାଜ ରଖିବା ଏକ ସାଧାରଣ କଥା ଥିଲା ।

ଖ୍ରୀଷ୍ଟପୂର୍ବ ୩ୟ ଶହସ୍ରାବ୍ଦ ମଧରେ ଇଜିପ୍ଟ ଓ ମେସୋପୋଟାମିଆ ସଭ୍ୟତା ସହିତ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ସାଙ୍ଗକୁ, ପାଶ୍ଚାତ୍ୟ ଜଗତ ସହିତ ଏଭଳି ସମ୍ପର୍କ ଥିଲାବୋଲି ଏହିସବୁ ପାଶ୍ଚାତ୍ୟ ଦେଶମାନଙ୍କରେ ବହୁସ୍ଥାନରୁ ସିନ୍ଧୁ ସଭ୍ୟତାର ବିଭିନ୍ନ ବସ୍ତୁ ମିଳୁଥିବା ପ୍ରମାଣ କରେ । ପ୍ରାଚୀନ ପାରସ୍ୟ, ଗ୍ରୀସ୍, ରୋମ ସହିତ ଭାରତର ସମ୍ପର୍କ ଥିଲା ଓ ତାହା ସାଂସ୍କୃତିକ, ଧର୍ମ ସମ୍ବନ୍ଧିତ ତଥା ସାମାଜିକ ଜ୍ଞାନ ଓ ଧାରଣାଗୁଡ଼ିକର ଆଦାନ ପ୍ରଦାନ ପାଇଁ ଖୁବ୍ ପ୍ରୋତ୍ସାହନ ଯୋଗାଇ ଦେଇଥିଲା । ରୋମ ସାମ୍ରାଜ୍ୟ ସହିତ ଏଭଳି ସମୃଦ୍ଧ ବାଣିଜ୍ୟିକ ସମ୍ପର୍କ ଥିଲାବୋଲି ରୋମର ଐତିହାସିକ ପ୍ଲିନିଙ୍କ ଲେଖାରୁ ଜଣାଯାଏ । ପ୍ଲିନି ଦୁଃଖର ସହିତ ଲେଖିଥିଲେ ଯେ ରୋମରୁ ବହୁ ସମ୍ପତ୍ତି ଭାରତକୁ ବୁହାହୋଇ ଆସିଥିଲା ।

## ୨୧.୯ ଏହି ସମ୍ପର୍କରୁ ଭାରତୀୟମାନେ କ'ଣ ଶିଖିଲେ ?

ବିଦେଶୀ ଲୋକଙ୍କଠାରୁ ଭାରତୀୟମାନେ ବହୁକଥା ଶିଖିଲେ, ଉଦାହରଣ ସ୍ୱରୂପ ଗ୍ରୀସ ଓ ରୋମର ଲୋକଙ୍କଠାରୁ ସ୍ୱର୍ଣ୍ଣମୁଦ୍ରା ତିଆରି ଶିଖିଥିଲେ । ଚୀନଠାରୁ ସିଲ୍କ ତିଆରି କରିବା କଳା ଶିଖିଥିଲେ । ସେହିଭଳି ଇଣ୍ଡୋନେସିଆରୁ ପାନଚାଷ ଶିଖିଥିଲେ । ସେମାନେ ବିଦେଶୀମାନଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ । ବିଭିନ୍ନ ଦେଶର କଳା ଓ ସଂସ୍କୃତି ଭାରତୀୟ ସଂସ୍କୃତିରେ ପ୍ରତିଫଳିତ ହୋଇଥିଲା । ସେହିଭଳି ଭାରତର ସଂସ୍କୃତି ଅନ୍ୟାନ୍ୟ ଦେଶର ସଂସ୍କୃତିରେ ମଧ ପ୍ରତିଫଳିତ ହୋଇଥିଲା ।

## ପାଠଗତ ପ୍ରଶ୍ନାବଳୀ ୨୧.୪

୧. ଭାରତ ଓ ଆରବ ମଧରେ ଅର୍ଥନୈତିକ ସମ୍ପର୍କ କେତେ ପୁରୁଣା ?

_______________________________________________

୨. ଆରବର କେତେକ ଖ୍ୟାତନାମା ପରିବ୍ରାଜକଙ୍କର ନାମ ଲେଖ ?

_______________________________________________

୩. ଆରବ ଦେଶଗୁଡ଼ିକୁ ଭାରତରୁ ଦିଆଯାଇଥିବା ଦୁଇଟି ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟର ନାମ ଲେଖ ।

_______________________________________________

୪. ଗଣିତ କ୍ଷେତ୍ରରେ ଆରବ ପାଇଁ ଭାରତର ଅବଦାନ କ'ଣ ଥିଲା ?

_______________________________________________

୫. ଶୁଶ୍ରୁତ ସଂହିତାକୁ ଆରବୀ ଭାଷାରେ କିଏ ଅନୁବାଦ କରିଥିଲେ ?

---

୬. ଭେଷଜ ଓ ପ୍ରତିଷେଧକ ସମ୍ବନ୍ଧୀୟ ଭାରତୀୟ ରଚନା କାହା ନିର୍ଦ୍ଦେଶରେ ଆରବୀ ଭାଷାରେ ଅନୁଦିତ ହୋଇଥିଲା ?

---

୭. ଭାରତୀୟ ଜ୍ଞାନଭଣ୍ଡାରରୁ ଅନ୍ୟ କେଉଁ କ୍ଷେତ୍ରରେ ଆରବର ଲୋକମାନେ ଅଧ୍ୟୟନ କରିଥିଲେ ?

---

୮. ଭାରତର କେଉଁ ସ୍ଥାନରେ ରୋମ୍‌ର ମୁଦ୍ରା ମିଳିଥିଲା ?

---

୯. ଆରବରେ କେଉଁ କେଉଁ ସାମଗ୍ରୀର ଚାହିଦା ବେଶୀ ଥିଲା ?

---

୧୦. କୁଶାଣ ସାମ୍ରାଜ୍ୟ ପାଇଁ କିପରି ଏକ ସ୍ଥିର ସ୍ୱର୍ଣ୍ଣମୁଦ୍ରା କାରବାର ପ୍ରତିଷ୍ଠିତ ହୋଇଥିଲା ?

---

୧୧. ଯବନମାନେ କିଏ ଥିଲେ ?

---

୧୨. ପ୍ରାଚୀନ ଭାରତରେ ଯବନମାନଙ୍କର କାର୍ଯ୍ୟ କ'ଣ ଥିଲା ?

---

୧୩. ଭାରତର କେଉଁ ସ୍ଥାନରେ ପ୍ରସିଦ୍ଧ ଇଟାଲୀୟ ମୃଣ୍ମୟ 'ଆରେଟୋଇନ'ର ନମୁନା ମିଳିଥିଲା ?

---

୧୪. ଆନ୍ଧ୍ରର କେଉଁ ରାଜା ରାଜ୍ୟର ସାମୁଦ୍ରିକ ବାଣିଜ୍ୟକୁ ଦେଖାଉଥିବା ପ୍ରତୀକ ହିସାବରେ ମୁଦ୍ରାରେଏକ ଜାହାଜର ଛବି ଖୋଦେଇ ଥିଲେ ?

---

## ତୁମେ କ'ଣ ଶିଖିଲ ?

- ପ୍ରାଚୀନକାଳରେ ଭାରତୀୟ ସଂସ୍କୃତି ବିଭିନ୍ନ ବାଟରେ ପୃଥିବୀର ବିଭିନ୍ନ ଦେଶକୁ ପ୍ରସାରିତ ହୋଇଥିଲା ।
- ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ ଅତି ଉଚ୍ଚକୋଟୀର ଥିବାରୁ ବିଭିନ୍ନ ଦେଶରୁ ଶିକ୍ଷାର୍ଥୀମାନେ ଆକୃଷ୍ଟ ହୋଇଥିଲେ । ଏହି ଶିକ୍ଷାର୍ଥୀମାନେ ଭାରତୀୟ ସଂସ୍କୃତିକୁ ପ୍ରସାର କରିବାରେ ପ୍ରତିନିଧିତ୍ୱ କରିଥିଲେ ।

- ସଂସ୍କୃତ/ବୌଦ୍ଧ ପାଠଗୁଡ଼ିକ ବିଭିନ୍ନ ଭାଷାରେ ଅନୁଦିତ ହୋଇଥିଲା । ଭାରତୀୟ ସଂସ୍କୃତିକୁ ପ୍ରସାର କରିବାରେ ସେଗୁଡ଼ିକ ଥିଲା ସର୍ବୋତ୍କୃଷ୍ଟ ମାଧ୍ୟମ ।
- ଯେଉଁସବୁ ଦେଶରେ ଭାରତୀୟ ସଂସ୍କୃତି ଓ ଧର୍ମ ପହଞ୍ଚିଥିଲା, ସେ ସମସ୍ତ ଦେଶରେ ଅନେକ ସଂଖ୍ୟାରେ ମଠ, ଆଶ୍ରମ ଓ ମନ୍ଦିର ନିର୍ମିତ ହେଲା ।
- ଅନେକ ଦେଶର ଚିତ୍ରକରମାନେ ଭାରତୀୟ କଳାକୌଶଳକୁ ଗ୍ରହଣ କରିନେଲେ ।
- ଅନେକ ଦେଶରେ ଭାରତର ମହାକାବ୍ୟଗୁଡ଼ିକ ଅତି ପ୍ରସିଦ୍ଧ ଅଟନ୍ତି । ଦକ୍ଷିଣପୂର୍ବ ଏସିଆର ଦେଶମାନଙ୍କରେ ମହାକାବ୍ୟ ରାମାୟଣ ଓ ମହାଭାରତ ଅତି ଲୋକପ୍ରିୟ ।
- ବୌଦ୍ଧଧର୍ମ ଗ୍ରହଣ କରିବାରେ ଶ୍ରୀଲଙ୍କା ଥିଲା ପ୍ରଥମ ଦେଶ ।
- ଦକ୍ଷିଣପୂର୍ବ ଏସିଆର ଦେଶମାନଙ୍କର ଅନେକ ଲିପି ପାଇଁ ଭାରତୀୟ ବ୍ରାହ୍ମିଲିପି ଏକ ଅନୁକରଣୀୟ ନମୁନା ହୋଇଥିଲା ।
- ଭାରତ ଓ ଏସୀୟ ସାଂସ୍କୃତିକ ସମ୍ବନ୍ଧର ଇତିହାସ ଲାଗି ଏକ ବଡ଼ ଆଧାର ହେଉଛି ଏହି ଦେଶମାନଙ୍କରେ ମିଳିଥିବା ବହୁସଂଖ୍ୟକ ସଂସ୍କୃତ ଶିଳାଲେଖ ।
- ବର୍ମା, ଥାଇଲାଣ୍ଡ, ଶ୍ରୀଲଙ୍କା ଓ କାମ୍ବୋଡ଼ିଆ ଭଳି ଦେଶରେ ବୌଦ୍ଧ ଧର୍ମ ଏବେ ଏକ ପ୍ରଚଳିତ ଧର୍ମ ।
- ଆରବ ସଭ୍ୟତାକୁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଗଣିତ ଶାସ୍ତ୍ର ।

## ଅନ୍ତିମ ପ୍ରଶ୍ନାବଳୀ

୧. କେଉଁ କେଉଁ ବିଭିନ୍ନ ବାଟରେ ଭାରତୀୟ ସଂସ୍କୃତି ବିଦେଶରେ ପ୍ରସାର ଲାଭ କରିଥିଲା ?

୨. ଭାରତୀୟ ସଂସ୍କୃତିକୁ ବିଦେଶରେ ପ୍ରସାର କରିବାରେ ପ୍ରାଚୀନ ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କର ଭୂମିକା କ'ଣ ଥିଲା ।

୩. ପୂର୍ବଏସିଆର ଦେଶମାନଙ୍କରେ ଏକ ଶାନ୍ତିପ୍ରିୟ ଧର୍ମ ଭାବରେ ବୌଦ୍ଧଧର୍ମ କିପରି ପହଞ୍ଚିଥିଲା ?

୪. ଥାଇଲାଣ୍ଡରେ ଭାରତୀୟ ସଂସ୍କୃତିର ଏକ ବିବରଣୀ ପ୍ରଦାନ କର ।

୫. ଇଣ୍ଡୋନେସିଆର ଧର୍ମୀୟ ସ୍ଥାପତ୍ୟ ବର୍ଣ୍ଣନା କର ।

୬. ରୋମ୍ ସାମ୍ରାଜ୍ୟ ସହିତ ଭାରତର ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ସଂକ୍ଷେପରେ ବର୍ଣ୍ଣନା କର ।

୭. ସମୁଦ୍ର ମଧ୍ୟକୁ ପ୍ରବେଶାଧିକାର ଓ ବିଦେଶ ସହ ବାଣିଜ୍ୟର ସୁଯୋଗ ପ୍ରାଚୀନ ଭାରତର ଅଧିକ ଥିଲା । ଆଲୋଚନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୧.୧** ୧. ବ୍ୟବସାୟୀ, ଶିକ୍ଷକ, ବିଶିଷ୍ଟଦୂତ ଓ ଧର୍ମପ୍ରଚାରକମାନେ





୨. ନାଳନ୍ଦା ଓ ବଲ୍ଲଭି ବିଶ୍ୱବିଦ୍ୟାଳୟ ଦ୍ୱୟ

୩. ତିବ୍ବତୀୟ ବିଦ୍ୱାନ ତାରାନାଥ

୪. କାଶ୍ୟପ, ମାର୍ତ୍ତଙ୍ଗ ଓ ଧର୍ମରକ୍ଷିତ

୫. କିଛି ସଂସ୍କୃତ ପାଠ୍ୟକୁ ଚୀନା ଭାଷାରେ ଅନୁବାଦ କରିବା ପାଇଁ ରାଜାଙ୍କ ଅନୁରୋଧକ୍ରମେ ସେ ଯାଇଥିଲେ ।

୬. ଯେଉଁ ଲୋକମାନେ ଭାରତକୁ ଛାଡ଼ିଲେ ଏବଂ ଇଉରୋପରେ ବୁଲିଲେ କିମ୍ବା ସେଠାରେ ସ୍ଥାୟୀବାସିନ୍ଦା ହୋଇଗଲେ, ସେମାନେ ବିଦେଶରେ ଭାରତୀୟ ସଂସ୍କୃତିର ରାଷ୍ଟ୍ରଦୂତ ହୋଇଥିଲେ ।

**୨୧.୨** ୧. କାରଣ ସିଲ୍କ ଥିଲା ଚୀନର ମୁଖ୍ୟ ବାଣିଜ୍ୟିକ ଦ୍ରବ୍ୟ ।

୨. କୁଚି ଥିଲା ମଧ୍ୟଏସିଆରେ । ଭାରତୀୟ ସଂସ୍କୃତିର ଏହା ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା । ସିଲ୍କର ରାସ୍ତା ଏହିଠାରେ ଦୁଇଭାଗରେ ବିଭକ୍ତ ହୋଇଥିଲା ।

୩. ଖୋଟନ ଏକ ମରୁଦ୍ୟାନ ରାଜ୍ୟ ।

୪. ପୃଥିବୀର ପ୍ରସିଦ୍ଧ ଗୁମ୍ଫାମାଳ

୫. ଖ୍ରୀଷ୍ଟୀୟ ଅଷ୍ଟମରୁ – ନବମ ଶତାବ୍ଦୀ ମଧ୍ୟରେ

୬. ଭାରତୀୟ ସଂସ୍କୃତି କୋରିଆ ବାଟ ଦେଇ ଜାପାନରେ ପହଞ୍ଚିଲା । ୫୫୨ ଖ୍ରୀଷ୍ଟାବ୍ଦରେ କୋରିଆର ସମ୍ରାଟ ଜାପାନୀ ସମ୍ରାଟଙ୍କୁ ଉପହାର ଭାବରେ ଗୋଟିଏ ବୁଦ୍ଧମୂର୍ତ୍ତି, କିଛି ସୂତ୍ର, ପୂଜାପାଇଁ କିଛି ସାମଗ୍ରୀ, କିଛି କଳାକାର, କେତେକ ପ୍ରସ୍ତରଶିଳ୍ପୀ, କିଛି ଚିତ୍ରକର ଓ କେତେକ ସ୍ଥପତିଙ୍କୁ ପଠାଇଲେ ।

୭. ଯେଉଁ ଲିପିରେ ମନ୍ତ୍ର ଓ ଉଚ୍ଚାରିତ ପଦଗୁଡ଼ିକ ଲେଖାଯାଇଛି, ତାହା ଶିଉନ୍ ନାମରେ ପରିଚିତ ।

୮. ୯୬,୦୦୦ ସଂସ୍କୃତ ବହି

**୨୧.୩** ୧. ମହାବିହାର ଓ ଅଭୟଗିରି

୨. ଅଶୋକ ନିଜର ପୁଅ ମହେନ୍ଦ୍ର ଓ ଝିଅ ସଂଘମିତ୍ରାଙ୍କୁ ଅନ୍ୟକେତେକ ପ୍ରତିନିଧିଙ୍କ ସହ ଶ୍ରୀଲଙ୍କାକୁ ପଠାଇଲେ । ବୋଧଗୟାରୁ ଆସିଥିବା ବୋଧିଦ୍ରୁମର ଏକ ଶାଖା ଏଠାରେ ଲଗାଯାଇଥିଲା ।

୩. ପାଲି

୪. ଏହା ବିଷ୍ଣୁଙ୍କର ନିବାସ ବୋଲି ମନେକରାଯାଏ ।

୫. ସେଗୁଡ଼ିକୁ ସୁମେରୁ ପର୍ବତର ପାଞ୍ଚୋଟି ଶିଖର ବୋଲି କୁହାଯାଏ ।

୬. ରାଜା ସୂର୍ଯ୍ୟବର୍ମଣଙ୍କୁ ବିଷ୍ଣୁଙ୍କର ଏକ ଅବତାର ରୂପେ ଚିତ୍ରଣ କରାଯାଏ । ତାଙ୍କର ବିଶିଷ୍ଟ ଗୁଣସମ୍ପନ୍ନ କାର୍ଯ୍ୟ ଯୋଗୁଁ ସେ ସ୍ୱର୍ଗରେ ସ୍ଥାନ ପାଇଥିଲେ ।





୭. ଏହା ଏକ ବର୍ଗମାଇଲ ପରିମିତ ନିର୍ମାଣସ୍ଥଳୀର ନିଦର୍ଶନ, ଏହାର ଚାରିପାଖରେ ଏକ ପ୍ରଶସ୍ତ ଗଡଖାଇ ବୁଲି ଏହାକୁ ଅଧିକ ଦର୍ଶନୀୟ କରୁଥିଲା ।

୮. ଏହି ମନ୍ଦିର କାନ୍ଥରେ ରାମାୟଣ ଓ ମହାଭାରତର ଦୃଶ୍ୟାବଳି ଖୋଦିତ ହୋଇଥିଲା ।

୯. ସମୁଦ୍ର ମନ୍ଥନର ଦୃଶ୍ୟ

୧୦. ମହାକାବ୍ୟରୁ ରାମ ଓ ରାବଣ, କୈଳାସ ପର୍ବତରେ ପାର୍ବତୀଙ୍କ ସହିତ ଶିବ ଏବଂକାମଦେବଙ୍କୁ ଭସ୍ମ କରିଦେବା ଦୃଶ୍ୟାବଳି ।

୧୧. ଇନ୍ଦ୍ରପୁର, ଅମରାବତୀ, ବିଜୟ, କାଉଥରା, ପାଣ୍ଡୁରଙ୍ଗ

୧୨. କେଦାହରେ ଏବଂ ଓ୍ୱେଲ୍‌ସି ପ୍ରଦେଶରେ

୧୩. ତ୍ରିଶୂଳ ଧରିଥିବା ନାରୀମୂର୍ତ୍ତି, ନନ୍ଦୀଙ୍କ ମୁଣ୍ଡ, ଦୁର୍ଗାଙ୍କ ଏକ ଖୋଦେଇ ଛବି, ଗଣେଶ ଓ ଶିବଲିଙ୍ଗମାନ ।

୧୪. ସ୍ୱର୍ଗ, ରସ, ଗୁଣ, ଦହଦ, ମନ୍ତ୍ରୀ, ଧୀପତି, ଲକ୍ଷ୍ୟ ହେଲା କେଇଟି ଶବ୍ଦ ।

୧୫. ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳାଲେଖ 'ଲିଗୋର'ରୁ ମିଳିଛି ।

୧୬. ୫୦ରୁ ଉର୍ଦ୍ଧ୍ୱ ମନ୍ଦିର

୧୭. ଜାଭାଦ୍ୱୀପରେ ସବୁଠାରୁ ବଡ଼ ଶିବ ମନ୍ଦିରକୁ ପ୍ରମ୍ବଣନ କୁହାଯାଏ ।

୧୮. ସେଠାରେ ଶିବ, ବିଷ୍ଣୁ ଓ ବ୍ରହ୍ମାଙ୍କ ବାହନମାନଙ୍କ ମନ୍ଦିର ଅଛି ।

୧୯. ୨୪୦ଟି କ୍ଷୁଦ୍ର ମନ୍ଦିର ଦ୍ୱାରା ପରିବେଷ୍ଟିତ ୮ଟି ବୃହତ ମନ୍ଦିର ।

୨୦. ରାମାୟଣ ଓ କୃଷ୍ଣ

୨୧. ଶିବ, ବ୍ରହ୍ମା, ଦୁର୍ଗା, ଗଣେଶଙ୍କୁ ଉତ୍ସର୍ଗ କରାଯାଇଥିବା ସ୍ତୋତ୍ର । ୫୦୦ରୁ ଉର୍ଦ୍ଧ୍ୱ ସ୍ତୁତି, ବୁଦ୍ଧ ଏବଂ ଅନେକ ଅନ୍ୟ ଦେବାଦେବୀ ଆବିଷ୍କୃତ ହୋଇଛନ୍ତି ।

**୨୧.୪**

୧. ଏହା ଖ୍ରୀଷ୍ଟୀୟ ୯ମ ଶତାବ୍ଦୀରେ ଆରମ୍ଭ ହେଲା ।

୨. ବଣିକ ସୁଲେମାନ, ଅଲ-ମାସୁଦି, ଇବନ୍-ହକଲ, ଅଲଇଦ୍ରିସି

୩. (କ) ବ୍ରହ୍ମ-ସ୍ଫୁଟ-ସିଦ୍ଧାନ୍ତ ଯାହାକି ଆରବରେ ସିନ୍ଧିନ୍ ଭାବରେ ଅଧିକ ପରିଚିତ ।

(ଖ) ଅରକଣ୍ଡ ଭାବରେ ପରିଚିତ 'ଖଣ୍ଡଖାଦ୍ୟକ'

୪. ଏହାର 'ଶୂନ' ଧାରଣା ସହିତ ଦଶମିକ ବ୍ୟବସ୍ଥା ।

୫. ମଙ୍କ

୬. ଖଲିପ ହାରୁନ ଅଲ-ରସିଦ

୭. ସାପବିଷ ସମ୍ବନ୍ଧୀୟ ଲେଖା, ପଶୁପାଳନ କଳା ଓ ତର୍କଶାସ୍ତ୍ର, ଦର୍ଶନ ଶାସ୍ତ୍ର, ନୀତି ଶାସ୍ତ୍ର, ରାଜନୀତି ଓ ସମରକୌଶଳ ସମ୍ବନ୍ଧୀୟ ପୁସ୍ତକ ।





୮. କୋଏମ୍ବାଟୁର ଓ ମଦୁରାଇରେ

୯. ଗୋଲମରିଚ, ପାନ, ବିଭିନ୍ନ ମସଲା, ବିଭିନ୍ନ ଅତରଭଳି ପଦାର୍ଥ, ପାନ୍ନା, ରତ୍ନ, ହୀରା, ରୁବି, ପଦ୍ମରାଗ ମଣି, ମୁକ୍ତା, ହାତୀଦାନ୍ତ, ସିଲ୍କ ଓ ସୂକ୍ଷ୍ମ କାର୍ପାସ ବସ୍ତ୍ର ।

୧୦. ରୋମ ସହିତ ବାଣିଜ୍ୟ ଦ୍ୱାରା ଭାରତକୁ ସୁନା ଆସିଲା । ଏହା ଫଳରେ କୁଶାଣ ସାମ୍ରାଜ୍ୟ ପାଇଁ ସ୍ୱର୍ଣ୍ଣମୁଦ୍ରା ବ୍ୟବସ୍ଥା ସ୍ଥାୟୀଭାବରେ ପ୍ରତିଷ୍ଠିତ ହେଲା ।

୧୧. ପଶ୍ଚିମ ଏସିଆ ଓ ଭୂମଧ୍ୟସାଗରୀୟ ଅଞ୍ଚଳର ଲୋକମାନେ । ଗ୍ରୀକ ଓ ରୋମାନ୍‌ମାନେ ଏମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ।

୧୨. ଯୁଦ୍ଧ କ୍ଷେତ୍ରରେ ତମ୍ବୁମାନଙ୍କୁ ଜଗୁଥିଲେ ଏବଂ ମଦୁରାଇର ପ୍ରବେଶଦ୍ୱାରକୁ ଜଗୁଥିଲେ ।

୧୩. ପଣ୍ଡିଚେରୀ ପାଖରେ ଆରିକାମେଡୁ ନାମକ ଜାଗାରେ

୧୪. ଯଜ୍ଞଶ୍ରୀ